ଧରିତ୍ରୀ 52 Years

ପୃଷ୍ଠା–୮+୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ (୮+୬=୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 1/2026 | Page 14 | ₹ 7.00

୫୨ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 69 | ମୂଲ୍ୟ₹୭/-





**ମଲ୍ଟି ଟାଲେଣ୍ଟେଡ୍ ଆହାନ**
ଆହାନ ପାଣ୍ଡେ ଅଭିନୟ ସହ ଜଣେ ଲେଖକ, ଷ୍ଟୋରି ଟେଲର, ମ୍ୟୁଜିକ କମ୍ପୋଜର, ଭିଡିଓ ଗେମ୍ ଡିଜାଇନର ଭାବେ ଦକ୍ଷତା ଅର୍ଜନ କରିଛନ୍ତି।
୦୨

୦୮
**ଅଷ୍ଟ୍ରେଲିଆନ ଓପନ ଜିତିଲେ ରିବାକିନା**
ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି କାଜାଖସ୍ତାନର ଏଲିନା ରିବାକିନା।






ଢେଙ୍କାନାଳ ଜିଲା ମହିମାପୀଠ ଯୋରନ୍ଦା ମେଳା ଅବସରରେ ଗାଦିମନ୍ଦିରରେ ଶନିବାର ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି। **(ଫଟୋ– ମାନସ ତ୍ରିପାଠୀ)**

# ଆଜି କେନ୍ଦ୍ର ବଜେଟ

**ନୂଆଦିଲ୍ଲୀ,୩୧।୧(ପି.ଟି.)**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ପାର୍ଲାମେଣ୍ଟରେ ୨୦୨୬–୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହା ତାଙ୍କର କ୍ରମାଗତ ୯ମ ବଜେଟ ଉପସ୍ଥାପନ ହେବ। ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ଅତୁଟ ରଖିବା, ଆର୍ଥିକ ଶୃଙ୍ଖଳାକୁ ବଜାୟ ରଖିବା ସହ ଆମେରିକା ଟାରିଫ୍ ସମେତ ବିଶ୍ୱ ବାଣିଜ୍ୟ ସଂଘର୍ଷରୁ ଅର୍ଥନୀତିକୁ ସୁଧାର ଦେଇପାରିବା ଭଳି ଉପାୟଗୁଡ଼ିକୁ ସାମିଲକରିବା ପାଇଁ ଅର୍ଥମନ୍ତ୍ରୀ ପଦକ୍ଷେପ ଘୋଷଣା କରିବେ ବୋଲି ଆଶା କରାଯାଉଛି।

ସ୍ୱାଧୀନ ଭାରତ ଇତିହାସରେ ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ ହେବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଲଗାଇଥିବାବେଳେ ସୀତାରାମନଙ୍କ ଦ୍ୱାରା କରାଯାଇଥିବା ବ୍ୟାପକ ଆୟକର ଏବଂ ଜିଏସ୍‌ଟି ହ୍ରାସ, ଭିତ୍ତିଭୂମିରେ ବ୍ୟୟ ଏବଂ ରିଜର୍ଭ ବ୍ୟାଙ୍କର ସୁଧ ହାର ହ୍ରାସ ଭଳି ପଦକ୍ଷେପ ଯୋଗୁ ଭାରତୀୟ ଅର୍ଥନୀତି ଅତୁଟ ରହିଛି। ସ୍ଥାୟୀ ଅଭିବୃଦ୍ଧି ଧାରା ବଜାୟ ରଖିବା ନିମନ୍ତେ ସେ ବଜେଟରେ କେତେକ ପଦକ୍ଷେପ ଘୋଷଣା କରିବେ ବୋଲି ଆଶା କରାଯାଉଛି।

୨୦୨୭ ଆର୍ଥିକ ବର୍ଷର ବଜେଟ ଏକ ଜଟିଳ ପୃଷ୍ଠଭୂମି ମଧ୍ୟରେ ପ୍ରସ୍ତୁତ ହୋଇଛି। ଘରୋଇ ଚାହିଦା ବଢ଼ିବା ସହ ଉଚ୍ଚ ମୁଦ୍ରାସ୍ଫୀତି ହ୍ରାସ ପାଇଥିବାବେଳେ ଭୂରାଜନୈତିକ ଉତ୍ତେଜନା, ସାମଗ୍ରୀଗୁଡ଼ିକର ଦରଦାମ୍‌ରେ ଅସ୍ଥିରତା ଏବଂ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଅସମାନ ମୁଦ୍ରାନୀତି ଶିଥିଳତା ଆଦି ବୈଶ୍ୱିକ

## ଅଭିବୃଦ୍ଧି, ଉତ୍ପାଦନ, ନିଯୁକ୍ତି ବୃଦ୍ଧି ଉପରେ ଫୋକସ

ଅସ୍ଥିରତା ଭବିଷ୍ୟତ ପରିଦୃଶ୍ୟକୁ ଅସ୍ପଷ୍ଟ କରିରଖିଛି। ଦେଶ ମଧ୍ୟରେ ସରକାର ଆର୍ଥିକ ନିଅଣ୍ଟକୁ ନିମ୍ନମୁଖୀ ପଥରେ ରଖିବା ସହିତ ଖର୍ଚ୍ଚ ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ପୁଞ୍ଜି ବ୍ୟୟ ବଢ଼ାଇବା ନେଇ ଚାପର ସମ୍ମୁଖୀନ ହେଉଛନ୍ତି। ତେବେ ଟିକସ ହ୍ରାସ କାରଣରୁ ସରକାରଙ୍କ ରାଜସ୍ୱ କମିଛି, ଯାହାକୁ ନୂଆ ବଜେଟରେ ଅର୍ଥନୀତିକୁ ସମର୍ଥନ ଦେବାରେ ଅର୍ଥମନ୍ତ୍ରୀଙ୍କ ବିକଳ୍ପଗୁଡ଼ିକୁ ସୀମିତ କରିଦେଇଛି। ବିଶେଷକରି ବୃଦ୍ଧି ପାଉଥିବା ଅନିଶ୍ଚିତତା, ସଙ୍କଟରେ ଥିବା ଆର୍ଥିକ ବଜାର ଏବଂ ବିଶ୍ୱ ପଣ୍ୟ ମୂଲ୍ୟରେ କ୍ରମାଗତ ବୃଦ୍ଧି କାରଣରୁ ଅଭିବୃଦ୍ଧିକୁ ଆଗେଇନେବା ଭଳି କାରକ ଖୋଜି ବାହାର କରିବା ଅର୍ଥମନ୍ତ୍ରୀଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ସେହିପରି ଆମେରିକା ସହ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ନିବେଶକମାନଙ୍କ ଆସ୍ଥାକୁ ବଜାୟ ରଖିବା ମଧ୍ୟ ତାଙ୍କ ପାଇଁ ଆଉ ଏକ ଜଟିଳ କାର୍ଯ୍ୟ। ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଭାରତୀୟ ଅଂଶଧନ ବିକ୍ରି କରିଦେଉଥିବାରୁ ଟଙ୍କା ମୂଲ୍ୟ ରେକର୍ଡ ନିମ୍ନସ୍ତରରେ ପହଞ୍ଚିଛି। ରାଜସ୍ୱ ବଢ଼ାଇବା ପାଇଁ ଅର୍ଥମନ୍ତ୍ରୀ ପେଟ୍ରୋଲ ଏବଂ ଡିଜେଲକୁ ବ୍ୟବହାର କରିପାରନ୍ତି ବୋଲି କେତେକେ ବିଶ୍ୱାସ କରୁଛନ୍ତି। ତୈଳ ଉପରେ ଟିକସ ବୃଦ୍ଧି ଗ୍ରାହକଙ୍କ ଉପରେ ନ ପକାଇ ଏହାକୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ହ୍ରାସ ଦ୍ୱାରା ସମାୟୋଜିତ କରାଯାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି।

# ଢେଙ୍କାନାଳରେ ପ୍ରତିରକ୍ଷା ଉପକରଣ ନିର୍ମାଣ କେନ୍ଦ୍ର

**ରାଜ୍ୟ ସରକାର ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ବିକାଶକୁ ଗତିଶୀଳ କରିବା ଉପରେ ଅନେକ ପଦକ୍ଷେପ ନେଉଛନ୍ତି। ଏହିକ୍ରମେ ଢେଙ୍କାନାଳ ସହର ନିକଟବର୍ତ୍ତୀ ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଏକ ପ୍ରତିରକ୍ଷା ଓ ଏରୋସ୍ପେଶ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ଏଥିରେ ପ୍ରାୟ ୨୦,୦୦୦ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ପ୍ରସ୍ତାବକୁ ଶନିବାର ରାଜ୍ୟ ସରକାରଙ୍କ କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି।**

- **୧୭,୨୫୦ କୋଟିର ନିବେଶ**
- **୨୦,୦୦୦ ନିଯୁକ୍ତି ସୁଯୋଗ**
- **ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ**

**ଭୁବନେଶ୍ୱର,୩୧।୧ (ରବିନାରାୟଣ ଜେନା)**

ଓଡ଼ିଶାକୁ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି କରିବା ଏବଂ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଭଳି ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଲୋକସେବା ଭବନରେ ଶନିବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଢେଙ୍କାନାଳର ଗଜମରାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ଆଉ ଏକ ସମନ୍ୱିତ ଅଟୋମେଟିଭ, ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ–ଉତ୍ପାଦନ କମ୍ପ୍ଲେକ୍ସକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପରେ ପ୍ରାୟ ୧୭ହଜାର ୨୫୦କୋଟି ଟଙ୍କା ନିବେଶ ହେବ। ଏଥିରେ ପ୍ରତ୍ୟକ୍ଷ ଭାବେ ୪ହଜାର ୮୦୦ ଏବଂ ପରୋକ୍ଷରେ ୫ହଜାର ୫୦୦ଜଣଙ୍କୁ ନିଯୁକ୍ତି ମିଳିବ। ପରବର୍ତ୍ତୀ ବର୍ଷଗୁଡ଼ିକରେ ନିଯୁକ୍ତି ପରିମାଣ ୨୦ହଜାରରୁ ଅଧିକ ହେବ।

ଗର୍ଗ କହିଛନ୍ତି, ଢେଙ୍କାନାଳର ଗଜମରାଠାରେ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ସମନ୍ୱିତ କମ୍ପ୍ଲେକ୍ସରେ ଟାଇଟାନିୟମ, ସ୍ପେଶାଲିଟି ଷ୍ଟିଲ, ଅଟୋ କମ୍ପୋନେଣ୍ଟ, ଏରୋସ୍ପେସ୍, ପ୍ରତିରକ୍ଷା ଉପକରଣ ଉତ୍ପାଦନ ହେବ। ଏଥିରେ ପ୍ରକଳ୍ପିତ ବିକ୍ରେତା ପାର୍କ ସହିତ ବହୁବିଧ ଉତ୍ପାଦନ ୟୁନିଟ ଅନ୍ତର୍ଭୁକ୍ତ ରହିବ। କଲ୍ୟାଣୀ ଷ୍ଟିଲର ସ୍ୱତନ୍ତ୍ର ଇସ୍ପାତ ବ୍ୟତୀତ ନୂତନ ସମନ୍ୱିତ କମ୍ପ୍ଲେକ୍ସରୁ ସାରଲୋହା ଆଡ୍‌ଭାନ୍ସଡ ମ୍ୟାଟେରିଆଲ ପ୍ରାଇଭେଟ ଲିମିଟେଡ୍‌ର ସୁପର ଆଲୟ ଏବଂ ଭାରତ ଫୋର୍ଜର ଶିଳ୍ପ କମ୍ପୋନେଣ୍ଟ କାଷ୍ଟିଂ ଏବଂ ଫୋର୍ଜିଂ ୟୁନିଟ ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାକୁ କଞ୍ଚାମାଲର ଯୋଗାଣକାରୀରୁ ଉଚ୍ଚ–ମୂଲ୍ୟ, ପ୍ରଯୁକ୍ତିବିଦ୍ୟା–ବୃଦ୍ଧି ଏବଂ ରପ୍ତାନିଯୋଗ୍ୟ ସାମଗ୍ରୀ ଉତ୍ପାଦନ ହେବାରେ ସହାୟକ ହେବ। ଏହାସହିତ ନୂତନ ଯୁଗର ଶିଳ୍ପକ୍ଷେତ୍ରରେ ଆମଦାନୀ ନିର୍ଭରଶୀଳ ହ୍ରାସ କରିବ।

ମୁଖ୍ୟସଚିବ କହିଥିଲେ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଟାଇଟାନିୟମ ଏବଂ ସ୍ପେଶାଲିଟି ଇସ୍ପାତ ଭଳି ନୂତନ ଧାତୁ ଉତ୍ପାଦନରେ ଓଡ଼ିଶାର ସ୍ଥିତି ମଜଭୁତ ହେବ। ଓଡ଼ିଶାରେ ଶିଳ୍ପ ଅଗ୍ରଗତିର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ।


RAMRAJ
COTTON
CULTURE OF INDIA
DHOTIS • SHIRTS • KURTAS
FOR TRADE ENQUIRY
Distributor : RAMLAL RUPCHAND
NANDI SAHI, CUTTACK - 753 001.
CELL : 94370 94433




## ସୁନେତ୍ରା ପାୱାର ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ



**ମୁମ୍ବାଇ,୩୧।୧**

ଏନ୍‌ସିପି(ଅଜିତ) ନେତ୍ରୀ ସୁନେତ୍ରା ପାୱାର ଶନିବାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଲୋକଭବନ ଠାରେ ସୁନେତ୍ରାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୬୨ ବର୍ଷୀୟା ସୁନେତ୍ରା ମହାରାଷ୍ଟ୍ର ରାଜନୀତି ଇତିହାସରେ ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକଭବନ ଠାରେ ଆୟୋଜିତ ଏହି ଶପଥପାଠ ଉତ୍ସବରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍, ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**
**ଆଇନ ଶାସନର ଉଲ୍ଲଂଘନ**


# ଭୁବନେଶ୍ୱରରେ ଗଡ଼ିବ ସୁଭଦ୍ରା ବସ୍

**ଭୁବନେଶ୍ୱର, ୩୧।୧ (ବନ୍ଦନା ସେଠୀ)**

ଭୁବନେଶ୍ୱରରେ ଗଡ଼ିବ 'ସୁଭଦ୍ରା ବସ୍'। ମହିଳାଙ୍କ ଦ୍ୱାରା ଓ ମହିଳାଙ୍କ ପାଇଁ ଏହି ବସ୍ ଚାଲିବ। ଟ୍ରେନିଂପ୍ରାପ୍ତ ମହିଳା ଡ୍ରାଇଭରଙ୍କୁ ନୂଆ ଇ–ବସ୍ ଦିଆଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ପରୀକ୍ଷାମୂଳକ ଭାବେ ରାଜଧାନୀରେ ସୁଭଦ୍ରା ବସ୍ ଚଳାଚଳ କରିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଶନିବାର ଏନେଇ ଖାରବେଳ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ 'ଆମ ବସ୍' ପରିଚାଳନା କରୁଥିବା କ୍ୟାପିଟାଲ୍ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ୨୦ଜଣ ମହିଳା ଡ୍ରାଇଭର ବିଶେଷ ପ୍ରଶିକ୍ଷଣ ପାଇଁ ମହାରାଷ୍ଟ୍ରର ପୁଣେ ଅଭିମୁଖେ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମ୍ପୃକ୍ତ ମହିଳା ଡ୍ରାଇଭରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି, ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ



ନିଜ ଦକ୍ଷତା ପ୍ରମାଣିତ କରୁଛନ୍ତି। ଠିକ୍ ପ୍ରଶିକ୍ଷଣ ମିଳିଲେ ସେମାନେ ପରିବହନ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ସଫଳ ହୋଇପାରିବେ ଏବଂ ନିଜ ଦକ୍ଷତା ପ୍ରତିପାଦନ କରିପାରିବେ। ରାଜ୍ୟର ବିଭିନ୍ନ ସହରରେ 'ଆମ ବସ୍' ସେବାର ସମ୍ପ୍ରସାରଣ ଓ ଯାତ୍ରୀ ସୁବିଧା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏବେ ମହିଳାଙ୍କ ଯାତାୟାତ କ୍ଷେତ୍ରକୁ ସହଜ କରିବାକୁ ପଦକ୍ଷେପସ୍ୱରୂପ 'ସୁଭଦ୍ରା ବସ୍' ଚଳାଇବାକୁ ଯୋଜନା ଚାଲିଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ଜଣ ମହିଳା ଡ୍ରାଇଭରଙ୍କୁ ୧୪ ଦିନିଆ ଉନ୍ନତ ପ୍ରଶିକ୍ଷଣ ପାଇଁ ପୁଣେ ପଠାଯାଇଛି। ପୁଣେର 'ଏକ୍ସା ମୋବିଲିଟି'ଠାରେ ସେମାନେ ବିଦ୍ୟୁତ୍‌ଚାଳିତ ବସ୍ (ଇ–ବସ୍) ଚଳାଚଳ, ଉନ୍ନତ ଡ୍ରାଇଭିଂ କୌଶଳ, ଟ୍ରାଫିକ ନିୟମ, ସୁରକ୍ଷା ପ୍ରୋଟୋକଲ ଓ ଯାତ୍ରୀ ସେବା ସମ୍ପର୍କରେ ପ୍ରଶିକ୍ଷଣ ନେବେ। ସାଧାରଣ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ସହ ମହିଳା ଯାତ୍ରୀଙ୍କୁ ଅଧିକ ସୁରକ୍ଷିତ, ସୁବିଧାଜନକ ଓ ଭରସାଯୋଗ୍ୟ ସେବା ପ୍ରଦାନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମିଳିଥିବା ସୂଚନାନୁସାରେ, ପ୍ରଶିକ୍ଷଣ ପରେ ମହିଳା ଡ୍ରାଇଭରମାନେ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଫେରିବେ। ଏହାପରେ ସେମାନଙ୍କୁ ନୂଆ ଇ–ବସ୍ (ଆମ ବସ୍) ଚଳାଇବାକୁ ଦିଆଯିବ। ତେବେ 'ସୁଭଦ୍ରା ବସ୍'ର ଚଳାଚଳ ନେଇ ଏଯାଏ କୌଣସି ତାରିଖ ଧାର୍ଯ୍ୟ ହୋଇ ନ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସହରର ଅଧିକ ଭିଡ଼ ହେଉଥିବା ରୁଟ୍‌ରେ ଏହି ବସ୍ ସେବା ଯୋଗାଇବ। ବିଶେଷକରି ଅଫିସ୍ ଓ ଗହଳି ସମୟରେ ଆମ ବସ୍ ପଛରେ 'ସୁଭଦ୍ରା ବସ୍' ଗଡ଼ିବ। ପରେ ଆବଶ୍ୟକତା ଅନୁସାରେ ଅଧିକ ରୁଟ୍‌ରେ ଏହି ବସ୍ ଚଳାଚଳ କରିବ ବୋଲି ସୂଚନା ମିଳିଛି।


SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



ଉତ୍ତରାଖଣ୍ଡର ଚାମୋଲି ଜିଲାରେ ସାନି ତୁଷାରପାତ ପରେ ବଦ୍ରିନାଥ ମନ୍ଦିର ବରଫରେ ଘୋଡ଼େଇହୋଇଛି।

# ଖସିଲା ସୁନା, ରୁପା ଦର

**ସୁନା ମୂଲ୍ୟରେ ୧୫ ହଜାର, ରୁପା ୨୦ ହଜାର ଟଙ୍କା ହ୍ରାସ**

ନୂଆଦିଲ୍ଲୀ,୩୧।୧

ସୁନା ଏବଂ ରୁପା ମୂଲ୍ୟ ସର୍ବୋଚ୍ଚ ସ୍ତର ଛୁଇଁବା ପରେ ଶନିବାର ଉଭୟ ଧାତୁର ମୂଲ୍ୟ ପୁଣି ତଳକୁ ଖସିଛି। ଶନିବାର ସୁନା ମୂଲ୍ୟ୧୦ ଗ୍ରାମ ପିଛା(୨୪ କ୍ୟାରେଟ୍)୧.୬୪ ଲକ୍ଷ ଟଙ୍କା ରହିଛି ;ଯାହାକି ପୂର୍ବ ମୂଲ୍ୟ ତୁଳନାରେ ୧୪ ହଜାର ଟଙ୍କା କମ୍। ଏହିକ୍ରମରେ ୧୦ ଗ୍ରାମ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୫ ହଜାର ୫୦୦ ଟଙ୍କା ଖସି ଆସିଛି। ସେହିପରି ରୁପା କିଲୋ ପିଛା ମୂଲ୍ୟରେ ୫% ହ୍ରାସ ଘଟି ଏହାର ମୂଲ୍ୟରେ ପ୍ରାୟ ୨୦ ହଜାର ଟଙ୍କା ହ୍ରାସ ପାଇଛି। ଶନିବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମ୍‌ସିଏକ୍ସ) କାରବାର ଅନୁସାରେ କିଲୋପିଛା ରୁପା ମୂଲ୍ୟ ୩ଲକ୍ଷ ୮୪ ହଜାର ଟଙ୍କା ରହିଛି। ଗତ ୩୦ ତାରିଖ ସୁଦ୍ଧା ସୁନା ଏବଂ ରୁପା ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚି ରେକର୍ଡ ସୃଷ୍ଟି କରିଥିଲା। ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୨ ହଜାର ଟଙ୍କା ବୃଦ୍ଧି ଘଟି ଏହା ୧ ଲକ୍ଷ ୮୩ ହଜାର ଏବଂ ରୁପା କିଲୋ ପିଛା ମୂଲ୍ୟରେ ୧୯,୫୦୦ ଟଙ୍କା ବୃଦ୍ଧି ଘଟି ଏହାର ମୂଲ୍ୟ ୪ ଲକ୍ଷ ଟଙ୍କା ଡେଇଁଥିଲା। କିନ୍ତୁ ୨୪ ଘଣ୍ଟା ମଧ୍ୟରେ ଉଭୟ ଧାତୁ ମୂଲ୍ୟରେ ଏଭଳି ହ୍ରାସ ଘଟିଛି। ଗତବର୍ଷ ସୁନା ଏବଂ ରୁପା ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇ ଆସିଥିଲା। ୨୦୨୫ରେ ହାରାହାରି ଭାବେ ସୁନା ମୂଲ୍ୟରେ ୭୫% ଏବଂ ରୁପା ମୂଲ୍ୟରେ ୧୭୬% ବୃଦ୍ଧି ଘଟିଥିଲା। ଏହି ବର୍ଦ୍ଧିତ ଧାରା ୨୦୨୬ ପ୍ରାରମ୍ଭରେ ମଧ୍ୟ ଜାରି ରହିଥିଲା। ସେହି ଅନୁସାରେ ଗତ ୩୦ ତାରିଖରେ ଉଭୟ ଧାତୁ ମୂଲ୍ୟ ସର୍ବୋଚ୍ଚ ସ୍ତର ଛୁଇଁଥିଲା। ଏହାପରେ ନିବେଶକମାନେ ପ୍ରଫିଟ୍ ବୁକିଂ ଦ୍ୱାରା ଷ୍ଟକ୍ ମାର୍କେଟ୍‌ରୁ ସର୍ବାଧିକ ପୁଞ୍ଜି ପ୍ରତ୍ୟାହାର କରିନେବା ପରେ ଶୁକ୍ରବାର ଉଭୟ ଧାତୁ ମୂଲ୍ୟରେ ହ୍ରାସ ଘଟିଛି ବୋଲି ଶେୟାର ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହାଛଡ଼ା ସୁନା ଏବଂ ରୁପା ମୂଲ୍ୟର ଚଢ଼ା ଦର ଯୋଗୁ ଘରୋଇ ଚାହିଦାରେ ହ୍ରାସ ସହିତ ଆମଦାନୀ କମ୍ ହେବା ମୂଲ୍ୟ ହ୍ରାସ ଘଟିବାର ଅନ୍ୟତମ କାରଣ ବୋଲି କୁହାଯାଉଛି।

ଆଗକୁ ସୁନା ଏବଂ ରୁପା ମୂଲ୍ୟ ଆହୁରି ହ୍ରାସ ଘଟିବା ସମ୍ଭାବନା ରହିଛି। ରବିବାର କେନ୍ଦ୍ର ବଜେଟ୍ ଉପସ୍ଥାନ ହେବାକୁ ଯାଉଥିବା ବେଳେ ସରକାର ସୁନା ଏବଂ ରୁପାର ପ୍ରଚଳିତ ଶୁଳ୍କ ଉପରେ ହ୍ରାସ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏହି ଶୁଳ୍କ ହାର ସୀମା ୪ ପ୍ରତିଶତ ମଧ୍ୟରେ ସୀମିତ ରହିପାରେ ବୋଲି ଆଶା କରାଯାଉଛି।

# ଇରାନରେ ବିସ୍ଫୋରଣ: ୮ ମୃତ

**୨୦ରୁ ଅଧିକ ଲୋକ ଆହତ**

ତେହରାନ୍,୩୧।୧

ଇରାନରେ ଶନିବାର ଦୁଇ ପୃଥକ ଘଟଣାରେ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହିତ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପ୍ରଥମ ବିସ୍ଫୋରଣ ଦକ୍ଷିଣପଶ୍ଚିମ ସହର ଆଭାଜ୍ ଠାରେ ଏକ ଆବାସିକ ବହୁତଳ ପ୍ରାସାଦରେ ହୋଇଥିଲା ବେଳେ ଏଥିରେ ଦ୍ୱିତୀୟ ବିସ୍ଫୋରଣ ବନ୍ଦର ଆବାସ୍ ସହରରେ ଘଟିଛି। ଉଭୟ ଘଟଣାରେ ୮ ଜଣଙ୍କ ମୃତ୍ୟୁ ହେବା ସହିତ ବହୁ ବ୍ୟାବସାୟିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଛି ବୋଲି ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ତେବେ ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇନାହିଁ।ଗୋଟିଏ ପଟେ ଆମେରିକା କୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରିବା ଆଶଙ୍କାକୁ ନେଇ ସ୍ଥାନୀୟ ଲୋକ ଆଶଙ୍କିତ ରହିଛନ୍ତି। ଅନ୍ୟପକ୍ଷରେ ଇରାନର କେତେକ ନୌସେନା ଅଧିକାରୀଙ୍କୁ ଟାର୍ଗେଟ କରି ଇସ୍ରାଏଲ ଏଭଳି ବିସ୍ଫୋରଣ କରିଛି ବୋଲି କୁହାଯାଉଥିଲେ ହେଁ ଏହାକୁ ଇସ୍ରାଏଲ କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି।

# କଙ୍ଗୋରେ ଖଣି ଭୁଶୁଡ଼ି ୨୦୦ ମୃତ

ଗୋମା(କଙ୍ଗୋ),୩୧।୧

ପୂର୍ବ କଙ୍ଗୋର କୋଲଟାନ ଖଣି ଅଞ୍ଚଳରେ ବୁଧବାର କେତେକ ଖଣି ଭୁଶୁଡ଼ି ଅନ୍ୟୂନ ୨୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଏମ୍୨୩ ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ରୁବାୟା ଖଣି ବୁଧବାର ଭୁଶୁଡ଼ି ପଡ଼ିଥିଲା। ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଖଣି ଭୁଶୁଡ଼ି ପଡ଼ିଥିଲା ବୋଲି ନର୍ଥ କିଭୁ ପ୍ରଦେଶର ଗଭର୍ନରଙ୍କ ମୁଖପାତ୍ର କହିଛନ୍ତି। ଆହୁରି ଅନେକ ଲୋକ ଖଣି ଭିତରେ ଫସିରହିଥିବା ସେ କହିଛନ୍ତି। ଅନେକ ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ସାରା ବିଶ୍ୱ ଯୋଗାଣ କରୁଥିବା ଟାଣ୍ଟାଲମ୍‌ର ୧୫ ପ୍ରତିଶତରୁ ଉର୍ଦ୍ଧ୍ୱ କୋଲଟାନ୍‌ରୁ ଉତ୍ତୋଳନ ହୋଇଥାଏ।

# ଏପ୍‌ଷ୍ଟିନ୍ ଫାଇଲ୍‌ରେ ମୀରା ନାୟାର

**ଟ୍ରମ୍ପ ଇସ୍ରାଏଲ୍ ଦ୍ୱାରା ପ୍ରଭାବିତ ହୋଇଥିଲେ**

ୱାଶିଂଟନ,୩୧।୧

ଯୌନ କେଲେଙ୍କାରୀ ମାମଲାରେ ଦୋଷୀସାବ୍ୟସ୍ତ ନିୟୁତପତି ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କିତ ଅଧିକ ଅନୁସନ୍ଧାନଯୋଗ୍ୟ ଫାଇଲ୍ ତଥ୍ୟକୁ ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ପ୍ରକାଶ କରିଛି। ଏପ୍‌ଷ୍ଟିନ୍‌ଙ୍କ ସଦ୍ୟ ପ୍ରକାଶିତ ୩ ନିୟୁତରୁ ଉର୍ଦ୍ଧ୍ୱ ପୃଷ୍ଠାର ଫାଇଲ୍‌ରେ ଭାରତୀୟ ବଂଶୋଦ୍ଭବ ଚଳଚ୍ଚିତ୍ର ନିର୍ମାତା ତଥା ନ୍ୟୁୟର୍କ ସିଟି ମେୟର ଜୋହରାନ ମମଦାନିଙ୍କ ମାଆ ମୀରା ନାୟାରଙ୍କ ନାଁ ରହିଛି। ଏପ୍‌ଷ୍ଟିନ୍‌ଙ୍କ ସହଯୋଗୀ ଘିସ୍‌ଲେଇନ୍ ମାକ୍ସୱେଲଙ୍କ ଘରେ ଆୟୋଜିତ ଏକ ପାର୍ଟିରେ ମୀରା ନାୟାର ଜଣେ ଅତିଥି ଭାବେ ଯୋଗଦେଇଥିଲେ ବୋଲି ଉକ୍ତ ଫାଇଲ୍‌ରେ ଉଲ୍ଲେଖ ରହିଛି। ୨୦୦୯ ଅକ୍ଟୋବର ୨୧ରେ ଏପ୍‌ଷ୍ଟିନ୍‌ଙ୍କୁ ପ୍ରକାଶକ ପେଗି ସିଏଗାଲ ପଠାଇଥିବା ଇମେଲ୍‌ରେ ମୀରାଙ୍କ ନାମ ରହିଛି।

ଏପ୍‌ଷ୍ଟିନ୍‌ଙ୍କ ବହୁଚର୍ଚ୍ଚିତ ଫାଇଲ୍‌ରୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ପଦାକୁ ଆସିଛି। ସେମାନଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏବଂ ପ୍ରିନ୍ସ ଆଣ୍ଡ୍ରୁଙ୍କ ନାମ ରହିଥିବା ଜଣାପଡ଼ିଛି। ଟ୍ରମ୍ପ ଇସ୍ରାଏଲ୍ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି ଉକ୍ତ ଫାଇଲ୍‌ରେ ଉଲ୍ଲେଖ ରହିଛି। ଟ୍ରମ୍ପଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱ କାଳରେ ତାଙ୍କ ଜ୍ୱାଇଁ ଜାରେଦ୍ କୁଶ୍‌ନେର ଉଭୟ ସଂଗଠନ ଏବଂ ସରକାର ଉପରେ ଅତ୍ୟଧିକ ପ୍ରଭାବ ବିସ୍ତାର କରିଥିଲେ ବୋଲି ରିପୋର୍ଟରେ ଅଭିଯୋଗ ହୋଇଛି।

ଉକ୍ତ ବିସ୍ଫୋରକ ଦସ୍ତାବିଜ୍‌ରେ ଆହୁରି ଉଲ୍ଲେଖ ରହିଛି କୁଶ୍‌ନେରଙ୍କ ପରିବାର ଦୁର୍ନୀତି, ରୁଷିଆରେ ଅର୍ଥ ନିବେଶ ଏବଂ ଅଲ୍ଟ୍ରା-ଜିଓନିଷ୍ଟ ଚାବାଦ ନେଟ୍‌ୱର୍କ ସହ ସମ୍ପୃକ୍ତ ଥିଲେ। କୁଶ୍‌ନରଙ୍କ ବାପା ପୂର୍ବରୁ ଏକ ଆର୍ଥିକ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବାବେଳେ ଟ୍ରମ୍ପଙ୍କଠାରୁ ରାଷ୍ଟ୍ରପତୀୟ କ୍ଷମା ପାଇଥିଲେ। ରିପୋର୍ଟରେ ଆହୁରି ଦର୍ଶାଯାଇଛି, କୁଶ୍‌ନେର ବହୁପରିମାଣରେ ରୁଷୀୟ ନିବେଶ ଅର୍ଥକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ଏବଂ ରୁଷିଆ ସରକାରଙ୍କ ସହ ଜଡ଼ିତ ସଂସ୍ଥାଗୁଡ଼ିକରେ ତାଙ୍କର ଥିବା ସ୍ୱାର୍ଥ ବିଷୟରେ ଠିକ୍ ସୂଚନା ଦେଇ ନ ଥିଲେ। ଏହା ବ୍ୟତୀତ ଏଫ୍‌ବିଆଇର ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କ ରିଅଲ ଇଷ୍ଟେଟ୍ କାରବାରରେ ବିବାଦୀୟ ବେଭେର୍ଲି ହିଲ୍ସଙ୍କ କାରବାର ଉଲ୍ଲେଖ ରହିଛି। ଟ୍ରମ୍ପ ୪୧ ନିୟୁତ ଡଲାରରେ ଏକ ସମ୍ପତ୍ତି କିଣି ପରେ ଏହାକୁ ବିଦେଶ ସହ ସମ୍ପୃକ୍ତ ଥିବା ଏକ ସେଲ୍ କମ୍ପାନୀକୁ ୯୫ ନିୟୁତ ଡଲାରରେ ବିକ୍ରି କରିଥିଲେ।

ଏପ୍‌ଷ୍ଟେଇନ୍ ଫାଇଲ୍‌ରୁ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପର୍କିତ ଦାବିଗୁଡ଼ିକ ପୁନର୍ଜୀବିତ ହୋଇଛି, ଯେଉଁଥିରେ ଏକ ଯୌନ ସଂକ୍ରମିତ ରୋଗ ଅଭିଯୋଗ ମଧ୍ୟ ସାମିଲ ରହିଛି। ସଦ୍ୟପ୍ରକାଶିତ ଦସ୍ତାବିଜ୍‌ରେ ରହିଥିବା ଚିଠା ଇମେଲ୍‌ରେ ଏପ୍‌ଷ୍ଟିନ୍ ବିଲ୍ ଗେଟ୍ସଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ରୁଷୀୟ ଝିଅମାନଙ୍କ ସହ ଯୌନ ସମ୍ପର୍କ ଅଭିଯୋଗ ପରେ ଗେଟ୍ସ ତାଙ୍କର ତତ୍କାଳୀନ ସ୍ତ୍ରୀ ମେଲିଣ୍ଡା ଫ୍ରେଞ୍ଚ୍ ଗେଟ୍ସଙ୍କଠାରୁ ଏକ ଏସ୍‌ଟିଡି ଲୁଚାଇବାକୁ ଉଦ୍ୟମ କରୁଥିଲେ ବୋଲି ଏଥିରୁ ଜଣାପଡ଼ିଛି। ଏପ୍‌ଷ୍ଟିନ୍‌ଙ୍କ ଫାଇଲ୍‌ରେ ବ୍ରିଟେନ୍ ପ୍ରିନ୍ସ ଆଣ୍ଡ୍ରୁ ଭୂମିରେ ଶୋଇଥିବା ଜଣେ ମହିଳାଙ୍କ ଉପରେ ଆଣ୍ଠେଇଥିବା ଫଟୋଗୁଡ଼ିକରୁ ଦେଖିବାକୁ ମିଳିଛି। ୨ଟି ଫଟୋରେ ସେ ଜଣେ ଅଜଣା ମହିଳାଙ୍କ ପେଟକୁ ସ୍ପର୍ଶ କରୁଥିବାବେଳେ ଅନ୍ୟ ଫଟୋରେ ସେ କ୍ୟାମେରାକୁ ଚାହିଁଥିବା ଦେଖାଯାଇଛି। ବ୍ରିଟେନ୍‌ର ରାଜା ଚାର୍ଲସ ତୃତୀୟଙ୍କ ସାନଭାଇ ଆଣ୍ଡ୍ରୁଙ୍କ ସହ ଏପ୍‌ଷ୍ଟିନ୍ ଜଣେ ରୁଷୀୟ ମହିଳାଙ୍କୁ ପରିଚିତ କରାଉଥିବା ଅନ୍ୟ ଏକ ଫାଇଲ୍‌ରୁ ଜଣାପଡ଼ିଛି।



ଡୋନାଲ୍ଡ ଟ୍ରମ୍ପ



ମୀରା ନାୟାର

# ଖାଦ୍ୟ ପରିବେଷଣରେ ବିଳମ୍ବରୁ ୨ ଜଣଙ୍କୁ ହତ୍ୟା

ଗାଜିଆବାଦ,୩୧।୧

ଗାଜିଆବାଦର ଏକ ଭୋଜନାଳୟରେ ଖାଦ୍ୟ ପରିବେଷଣରେ ବିଳମ୍ବକୁ ନେଇ ବିବାଦ ଦେଖାଦେବା ସହ ଛୁରାମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ଆହତ ହୋଇଛନ୍ତି। ପୋଲିସ ୪ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ କହିବା ଅନୁଯାୟୀ, ଶୁକ୍ରବାର ରାତିରେ ମଦ ନିଶାରେ ଥିବା ୨ ଗୋଷ୍ଠୀ ଗ୍ରାହକଙ୍କ ମଧ୍ୟରେ ଖାଦ୍ୟ ପରିବେଷଣରେ ବିଳମ୍ବକୁ ନେଇ ବଚସା ହିଂସାତ୍ମକ ସଂଘର୍ଷର ରୂପ ନେଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ୩ ଜଣ ଆହତଙ୍କୁ ହସ୍ପିଟାଲକୁ ନେଉଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ।

# ପାକ୍ ସେନା ଗୁଳିରେ ୭୦ ଆତଙ୍କବାଦୀ ନିହତ

ଇସ୍‌ଲାମାବାଦ,୩୧।୧

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ୫ ଜିଲାରେ ଶନିବାର ବେଲୋଚ୍ ବିଦ୍ରୋହୀ ସଂଗଠନ ବିଏଲଏ (ବେଲୋଚ୍ ଲିବରେସନ ଆର୍ମି) ଆକ୍ରମଣ କରିଛି। ବେଲୋଚ୍ ବିଦ୍ରୋହୀମାନେ ସଂଗଠିତ ଭାବେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହିତ ଆତ୍ମଘାତୀ ବୋମା ଦ୍ୱାରା ସରକାରୀ ପ୍ରତିଷ୍ଠାନ ଏବଂ ପାକ୍ ସେନାକୁ ଟାର୍ଗେଟ କରି ଆକ୍ରମଣ କରିଛନ୍ତି। କ୍ୱେଟା, ପାସ୍‌ନି, ମାସ୍ତୁଙ୍ଗ,ନୁସ୍‌କି ଏବଂ ଗ୍ୱାଦର ଜିଲା ସମେତ ୧୨ଟି ସ୍ଥାନରେ ଆକ୍ରମଣ କରାଯାଇଛି। ଏହି ଘଟଣାରେ ୧୦ ପାକିସ୍ତାନୀ ସୁରକ୍ଷା ଅଧିକାରୀ ପ୍ରାଣ ହରାଇଥିଲା ବେଳେ ପାକ୍ ସେନା ଗୁଳିରେ ୭୦ ବିଦ୍ରୋହୀ ନିହତ ହୋଇଛନ୍ତି। ବେଲୋଚ ବିଦ୍ରୋହୀମାନଙ୍କୁ ପାକିସ୍ତାନ ଆତଙ୍କବାଦୀ କହୁଛି। ବିଏଲ୍ଏ ପକ୍ଷରୁ ବେଲୁଚିସ୍ତାନର ସାମରିକ ସଂସ୍ଥାନ ସମେତ ପୋଲିସ୍ ଏବଂ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇ ଅପରେସନ 'ହେରୋଫ' ଜାରି ରହିଛି। ଏହି ଆକ୍ରମଣ ହେରୋଫ୍‌ର ଦ୍ୱିତୀୟ ପର୍ଯ୍ୟାୟ ଥିଲା। ପାକିସ୍ତାନଠାରୁ ବୋଲୁଚିସ୍ତାନକୁ ମୁକ୍ତ କରିବାକୁ ଆଗକୁ ନୂଆ ଅପରେଶନ ଆରମ୍ଭ କରାଯିବ ବୋଲି ବିଏଲ୍ଏ ପକ୍ଷରୁ କୁହାଯାଇଛି।

# ଋଣ ମାଗି ଆମେ ଲଜ୍ଜିତ

**ସତ ଓକାଳିଲେ ପାକ୍ ପ୍ରଧାନମନ୍ତ୍ରୀ**

ଇସ୍‌ଲାମାବାଦ,୩୧।୧

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ଶେଷରେ ସତ ଓକାଳିଛନ୍ତି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ଠାରୁ ଆରମ୍ଭ କରି ଚୀନ୍ ଏବଂ ଅନ୍ୟ ଇସ୍‌ଲାମିକ୍ ଦେଶଗୁଡିକରୁ ପାକିସ୍ତାନ ବାରମ୍ବାର ଋଣ ଭିକ୍ଷାକରି ଲଜ୍ଜିତ ହୋଇଛି ବୋଲି ଶେହବାଜ୍ କହିଛନ୍ତି। ଶୁକ୍ରବାର ପାକିସ୍ତାନର ରପ୍ତାନିକାରୀ ସଂଘ ସଦସ୍ୟମାନଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶେହବାଜ୍ ଏଭଳି କହିଛନ୍ତି। ଦେଶର ସାମ୍ପ୍ରତିକ ଆର୍ଥିକ ସ୍ଥିତିକୁ ନେଇ ସେ ଏବଂ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସିମ୍ ମୁନିର ବାରମ୍ବାର ବିଭିନ୍ନ ରାଷ୍ଟ୍ର ଗସ୍ତ କରି ଋଣ ସହାୟତା ଲୋଡିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ମୁଣ୍ଡ ତଳକୁ ହୋଇଯାଇଛି ବୋଲି ସେ ବୈଠକରେ କହିଛନ୍ତି। ବର୍ତ୍ତମାନ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ ଦ୍ୱିଗୁଣିତ ହୋଇଥିଲେ ହେଁ ବିଭିନ୍ନ ରାଷ୍ଟ୍ରରୁ ଅଣାଯାଇଥିବା ଋଣଭାର ଅଧିକ ଚିନ୍ତାଜନକ ହୋଇଛି। ଦେଶର ଆର୍ଥିକ ବ୍ୟବସ୍ଥା ପରିଚାଳନା ଲାଗି ଋଣ ଆବଶ୍ୟକତା ରହିଛି। କିନ୍ତୁ ବାରମ୍ବାର ଅନ୍ୟ ଦେଶଠାରୁ ଋଣ ସହାୟତା ଲୋଡିବା ଅତ୍ୟନ୍ତ ଲଜାଜନକ ଏବଂ ଏଥିପାଇଁ ଆମ ମୁଣ୍ଡ ତଳକୁ କରିବାକୁ ପଡ଼ିଛି ବୋଲି ସେ କହିଛନ୍ତି। ବିଶେଷକରି ଆଇଏମ୍ଏଫ୍ ଏବଂ ଅନ୍ୟାନ୍ୟ ଋଣପ୍ରଦାନକାରୀ ସଂସ୍ଥା ଠାରୁ ଋଣ ଆଣିଲେ ସେମାନେ ଯେଉଁ ସର୍ତ୍ତ ରଖୁଛନ୍ତି ତାହା ପ୍ରକାଶ କରିବା ସମ୍ଭବ ନୁହେଁ ବୋଲି ଶେହବାଜ କହିଛନ୍ତି।



ଶେହବାଜ୍ ସରିଫ୍

# ଗାଜାରେ ଇସ୍ରାଏଲୀ ଆକ୍ରମଣ: ୨୯ ମୃତ



**ଅସ୍ତ୍ରବିରତି ଲାଗୁ ପରେ ସବୁଠୁ ବଡ଼ ଆକ୍ରମଣ**

ଡେଇର ଅଲ୍-ବଲାହ,୩୧।୧

ଇସ୍ରାଏଲ୍- ଗାଜା ଯୁଦ୍ଧ ବନ୍ଦ କରିବା ଲକ୍ଷ୍ୟରେ ଗତବର୍ଷ ଅକ୍ଟୋବରରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲୀ ସେନା ଶନିବାର ଗାଜା ଉପରେ ଆକ୍ରମଣ କରିଛି। ଏଥିରେ ଅନ୍ୟୂନ ୨୯ ଜଣ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଅସ୍ତ୍ରବିରତି ଲାଗୁ ହେବା ପରେ ଏହା ଆକ୍ରମଣଜନିତ ସର୍ବାଧିକ ମୃତ୍ୟୁ ଘଟଣା। ହମାସ୍ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ନେଇ ଶୁକ୍ରବାର ଇସ୍ରାଏଲ୍ ଅଭିଯୋଗ କରିଥିଲା। ଏହାର ଜବାବରେ ଇସ୍ରାଏଲୀ ସେନା ଗାଜାର ଅସ୍ଥାୟୀ ଶିବିର, ଆପାର୍ଟମେଣ୍ଟ ବିଲ୍ଡିଂ ଏବଂ ଥାନା ସମେତ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଛି। ଦିନକ ପୂର୍ବରୁ ଇଜିପ୍ଟ ସୀମାନ୍ତ ରାଫାହ କ୍ରସିଂରେ ମଧ୍ୟ ଇସ୍ରାଏଲ୍ ଆକ୍ରମଣ କରିଥିଲା।

# ମଲ୍ଟି ଟାଲେଣ୍ଟେଡ୍ ଆହାନ

ମୁମ୍ବାଇ

ଚଳଚ୍ଚିତ୍ର 'ସୈୟାରା' ରିଲିଜହେବା ପରେ ରାତାରାତି ଷ୍ଟାର ପାଲଟିଯାଇଥିଲେ ଆହାନ ପାଣ୍ଡେ। ତାଙ୍କର ପ୍ରଥମ ଫିଲ୍ମ ହିଁ 'ବ୍ଲକ୍‌ବଷ୍ଟର' ହୋଇଥିଲା। ଚଳଚ୍ଚିତ୍ର ବକ୍ସ ଅଫିସରେ ସଫଳତା ସହ ବିଶ୍ୱବ୍ୟାପୀ ପ୍ରାୟ ୫୭୯ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା। ଏହା ବଲିଉଡ୍‌ର ସଫଳତମ ରୋମାଣ୍ଟିକ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ ପାଲଟିଥିଲା। ଆହାନଙ୍କ ଅଭିନୟକୁ ପ୍ରଶଂସକ ଓ ସମାଲୋଚକମାନେ ବହୁ ପସନ୍ଦ କରିଥିଲେ। କିନ୍ତୁ କମ୍ ଲୋକ ଜାଣନ୍ତି, ଅଭିନୟ ବ୍ୟତୀତ ଆହାନ ଏକାଧିକ ଟାଲେଣ୍ଟର ଅଧିକାରୀ। ଏବେ ସେସମ୍ପର୍କରେ ସେ ନିଜେ କହିଛନ୍ତି।

ଏକ ସାକ୍ଷାତ୍‌କାରରେ ଆହାନ କହିଛନ୍ତି, ତାଙ୍କର ପ୍ରଥମ ପ୍ୟାଶନ ଥିଲା ରାଇଟିଂ। ୩ୟ ଶ୍ରେଣୀରେ ପଢ଼ିବାବେଳେ ସେ ତାଙ୍କ ଜେଜେମା'ଙ୍କ ସହାୟତାରେ ଏକ ବହି ଲେଖିଥିଲେ, ଯାହାକୁ ସେ କମ୍ପାଇଲ ଓ ଏଡିଟ୍ କରିବାରେ ସାହାଯ୍ୟ କରିଥିଲେ। ପରେ ତାଙ୍କର ଷ୍ଟୋରି ଟେଲିଂ ଓ ଅଭିନୟ ପ୍ରତି ଆକର୍ଷଣ ରହିଥିଲା। ଫିଲ୍ମଜଗତକୁ ଆସିବା ପୂର୍ବରୁ ଆହାନ ମ୍ୟୁଜିକ ପ୍ରଡ୍‌କ୍ସନ ଆରମ୍ଭ କରିଥିଲେ। ପରେ ସେ ଭିଡିଓ ଗେମ୍ ଡିଜାଇନିଂ ଚେଷ୍ଟା କରିଥିଲେ। ପରେ ସେ ଫିଲ୍ମ ସେଟ୍‌ରେ ଅସିଷ୍ଟାଣ୍ଟ ଭାବେ କାମ କରିବା ଆରମ୍ଭ କଲେ, କାରଣ ଷ୍ଟୋରି ଟେଲିଂର ପ୍ୟାଶନ ସର୍ବଦା ଅନ୍ୟ ସବୁ ତଳେ ଲୁଚି ରହିଥିଲା। ପ୍ରଥମ ଅଡିଶନ ଦେବା ପରେ ଥିଏଟରରେ ପର୍‌ଫର୍ମ କରିବାର ଅନୁଭୂତି ପାଇଥିଲେ।

ଅନେକ କ୍ଷେତ୍ରରେ କାମ କରିବାର ଅଭିଜ୍ଞତା ହାସଲ ପରେ ଅଭିନୟ ହିଁ ତାଙ୍କ ପାଇଁ ଠିକ୍ ରାସ୍ତା ବୋଲି ଆହାନ ବୁଝିଯାଇଥିଲେ।



ଆହାନ ପାଣ୍ଡେ




ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଏଫ୍‌ଡିଆର୍‌ଏ)ରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ର ଶେଷ ଦିନରେ ଶନିବାର ଅଗ୍ନିଯୋଦ୍ଧାମାନେ ସଡ଼କ ଦୁର୍ଘଟଣା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟର କୌଶଳ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର) (ରିପୋର୍ଟ: ପୃଷ୍ଠା-୭)**

# ପିଲାଙ୍କ ପାଇଁ ସୋସିଆଲ ମିଡିଆ ବନ୍ଦ ପ୍ରସ୍ତାବ



**ଯୁବକ ଏବଂ ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ପ୍ରତି ଅତ୍ୟଧିକ ଆସକ୍ତ ହୋଇଯାଉଛନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଏହାର ପ୍ରତିକାର ପାଇଁ ବିଶ୍ୱସ୍ତରରେ ବିତର୍କ ଚାଲିଥିବାବେଳେ କେତେକ ଦେଶ ପିଲା ଓ କିଶୋରଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲଗାଇବାକୁ ଚିନ୍ତା କରୁଛନ୍ତି। ଗତ ମାସରେ ଅଷ୍ଟ୍ରେଲିଆ ପ୍ରଥମ ଦେଶ ଭାବେ ଏହି କଟକଣା ଲଗାଇସାରିଛି। ଏଭଳିସ୍ଥଳେ ଭାରତରେ ୧୬ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ସୋସିଆଲ ମିଡିଆ ନିଷିଦ୍ଧ କରିବା ନିମନ୍ତେ ପ୍ରସ୍ତାବ ଦେଇଛି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ପ୍ରମୁଖ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)। ସଂଖ୍ୟା ଦୃଷ୍ଟିରୁ କେନ୍ଦ୍ରର ଏନ୍‌ଡିଏ ସରକାର ପାଇଁ ଟିଡିପି ଗୁରୁତ୍ୱ ବହନ କରୁଥିବାରୁ ଏହି ପ୍ରସ୍ତାବ ଆଇନରେ ପରିଣତ ହେବା ସମ୍ଭାବନା ରହିଛି। ହେଲେ ଏହାକୁ ମେଟା, ଗୁଗଲ ଭଳି ଟେକ୍ କମ୍ପାନୀଗୁଡ଼ିକ ବିରୋଧ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଲା ବୟସ ଯାଞ୍ଚ ପାଇଁ ଯଦି ଆଧାର କାର୍ଡ କିମ୍ବା ଅନ୍ୟ ପରିଚୟ ପତ୍ର ଦେବାକୁ ପଡ଼େ, ତେବେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହେବା ଭୟ ରହିଛି। ସେହିପରି କଟକଣା ଲଗାଗଲେ ପିଲାମାନେ ଚୋରାରେ ଅନ୍ୟ ଅସୁରକ୍ଷିତ ଆପ୍ ବ୍ୟବହାର କରିପାରନ୍ତି।**

**ନୂଆଦିଲ୍ଲୀ,୩୧।୧ (ରଏଟର୍ସ)**

ଲୋକ ସଭାରେ ଟିଡିପି ସାଂସଦମାନଙ୍କ ନେତା ଏଲ୍.ଏସ୍.କେ. ଦେବରାୟଲୁ ଏକ ପ୍ରାଇଭେଟ୍ ମେମ୍ବର ବିଲ୍ ଆଗତ କରିବାକୁ ଯାଉଛନ୍ତି। ତାହାର ନାଁ ରହିଛି 'ସୋସିଆଲ ମିଡିଆ (ବୟସ ପ୍ରତିବନ୍ଧକ ଏବଂ ଅନ୍‌ଲାଇନ ସୁରକ୍ଷା) ବିଲ୍- ୨୦୨୬'। ବିଲ୍‌ରେ ଉଲ୍ଲେଖ ଅଛି ଯେ, ୧୬ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲିବା, ବ୍ୟବହାର ଏବଂ ପରିଚାଳନା କରିବା ଉପରେ ସମ୍ପୂର୍ଣ୍ଣ ନିଷିଦ୍ଧାଦେଶ ଲଗାଯାଉ। ଯେଉଁ ପିଲାମାନଙ୍କର ପୂର୍ବରୁ ଆକାଉଣ୍ଟ ରହିଛି, ସେଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ଅକାମୀ କରାଯାଉ। ସେହିପରି ୟୁଜରମାନଙ୍କ ବୟସ ଠିକ୍ ଭାବେ ଯାଞ୍ଚ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକର ରହୁ। ଯଦି କୌଣସି କମ୍ପାନୀ ଏଥିରେ ବିଫଳ ହୁଏ, ତେବେ କଠୋର ଦଣ୍ଡବିଧାନ କରାଯାଉ ବୋଲି ପ୍ରସ୍ତାବ ରହିଛି।

ମେଟା, ଗୁଗୁଲ, ୟୁଟ୍ୟୁବ୍, ଏକ୍ସ ଭଳି ସୋସିଆଲ ମିଡିଆ ପାଇଁ ଭାରତ ହେଉଛି ବିଶ୍ୱର ବଡ଼ ବଜାର। ଏମ୍‌ପି ଦେବରାୟଲୁ ରଏଟର୍ସକୁ ଉକ୍ତ ବିଲ୍ ପାଇଁ କେତେକ ଗମ୍ଭୀର କାରଣ ଦର୍ଶାଇ କହିଛନ୍ତି, ଭାରତର ପିଲାମାନେ ସୋସିଆଲ ମିଡିଆରେ ଅତ୍ୟଧିକ ସମୟ ବିତାଉଛନ୍ତି, ଯାହା ସେମାନଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ବାଧା ସୃଷ୍ଟିକରୁଛି। ତଥ୍ୟ ସାର୍ବଭୌମତ୍ୱ ବିଷୟରେ ସେ ଉଲ୍ଲେଖ କରିବାକୁ ଯାଇ କହିଛନ୍ତି, ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଡାଟା ପ୍ରସ୍ତୁତକାରୀ ଦେଶ। ବିଦେଶୀ କମ୍ପାନୀଗୁଡ଼ିକ ଆମ ପିଲାମାନଙ୍କ ମାଗଣା ଡାଟା ବ୍ୟବହାର କରି ଆଡ୍‌ଭାନ୍ସଡ୍ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସିଷ୍ଟମ୍ ତିଆରି କରୁଛନ୍ତି, ଯାହାର ଆର୍ଥିକ ଲାଭ ଭାରତ ବଦଳରେ ବିଦେଶକୁ ଯାଉଛି। ଭାରତରେ ପ୍ରାୟ ୧୦୦ କୋଟି ଇଣ୍ଟରନେଟ ୟୁଜର ଏବଂ ୭୫ କୋଟି ସ୍ମାର୍ଟଫୋନ ଅଛି। ଏତେ ବଡ଼ ବଜାରରେ କୌଣସି ନିୟମ ନ ଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି। ସେହିପରି ସାଇବର ବୁଲିଂ ଏବଂ ଅଶ୍ଳୀଳ ବିଷୟବସ୍ତୁରୁ ପିଲାମାନଙ୍କୁ ସୁରକ୍ଷିତ ରଖିବା ଏହି ବିଲ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ଦେବରାୟଲୁ ଯୁକ୍ତି ବାଢ଼ିଛନ୍ତି। ଦୁଇଦିନ ତଳେ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ମଧ୍ୟ 'ଡିଜିଟାଲ ଆଡିକ୍ସନ' ବିଷୟରେ ଚେତାବନୀ ଦେଇଛନ୍ତି। ସେ କହିଥିଲେ, ସ୍ୱାସ୍ଥ୍ୟ ଏବଂ ଜାତୀୟ ଉତ୍ପାଦନ କ୍ଷମତାକୁ ଦୃଷ୍ଟିରେ ରଖି ଭାରତରେ ବୟସ ଆଧାରିତ କଟକଣା ପାଇଁ ନିୟମ ପ୍ରଣୟନ ହେବା ଜରୁରୀ। ସିଇଏଙ୍କ ମନ୍ତବ୍ୟ ଏହି ବିଲ୍‌କୁ ଅଧିକ ବଳ ଯୋଗାଉଛି।

ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦେଶ ଭାବେ ଏଭଳି ନିଷେଧାଦେଶ ଲାଗୁ କରିସାରିଛି। ଫ୍ରାନ୍ସ, ବ୍ରିଟେନ ଏବଂ ଡେନ୍‌ମାର୍କ ମଧ୍ୟ ପିଲାଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରଖିବା ପାଇଁ ଯୋଜନା କରୁଛନ୍ତି। ଆଗାମୀ ଦିନରେ ଦେବରାୟଲୁଙ୍କ ଉକ୍ତ ବିଲ୍ ସଂସଦରେ ଏକ ବଡ଼ ବିତର୍କର ରୂପ ନେଇପାରେ। ଯଦି ସରକାର ଏହାକୁ ଗ୍ରହଣ କରନ୍ତି, ତେବେ ଭାରତର ବହୁ କୋଟି କିଶୋରଙ୍କ ଡିଜିଟାଲ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିବ।

# କେ. ମୁରୁଗେସନ ପିସିସିଏଫ୍ ନିଯୁକ୍ତ

**ଭୁବନେଶ୍ୱର,୩୧।୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୪ ବ୍ୟାଚ୍‌ର ଭାରତୀୟ ବନ ସେବା(ଆଇଏଫ୍‌ଏସ୍)ର ବରିଷ୍ଠ ଅଧିକାରୀ ଡ. କେ. ମୁରୁଗେସନଙ୍କୁ ଶନିବାର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଡ. ମୁରୁଗେସନଙ୍କୁ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ସହିତ ମୁଖ୍ୟ ବନ ବଳ(ଫରେଷ୍ଟ ଫୋର୍ସ) ଦାୟିତ୍ୱ ପ୍ରଦାନ କରାଯାଇଛି।

# ନାଳରେ ପଡ଼ି ୨ବର୍ଷର ଶିଶୁପୁତ୍ର ମୃତ

**କାମାକ୍ଷାନଗର, ୩୧।୧ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଉଁଶପାଳ ପଞ୍ଚାୟତ ସିଆରିମାଳିଆ ଗ୍ରାମ ଓଭରବ୍ରିଜ ତଳ ମଲ୍ଲିନାଳରୁ ଶନିବାର ସକାଳେ ଜଣେ ୨ ବର୍ଷ ଶିଶୁପୁତ୍ରର ମୃତଦେହ ଜବତ କରାଯାଇଛି। ମୃତ ଶିଶୁ ଜଣଙ୍କ ଚୁଳିଆ ମୁଣ୍ଡାସାହିର ଟୁନା ମୁଣ୍ଡାଙ୍କ ପୁଅ ଅଭିଜିତ ମୁଣ୍ଡା। ଅଭିଜିତ ଏକ କୁକୁର ସହିତ ଖେଳୁଖେଳୁ ଘରଠାରୁ ପ୍ରାୟ ୧ କିଲୋମିଟର ଦୂର ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ସେଠାରେ ସେ ନାଳରେ ପଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ୍ୟ ଶିଶୁ ପୁତ୍ରର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ସିଆରିମାଳିଆ ଗ୍ରାମ ଓଭରବ୍ରିଜ ତଳ ନାଳରେ ଶିଶୁଟିର ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ପରେ ପୋଲିସ ଜବତ କରିଛି। ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ଝାଡ଼ାବାନ୍ତି: ଛାତ୍ରୀ ମୃତ, ୪୦ ଗୁରୁତର

**ବିଷମ କଟକ, ୩୧।୧ (ପ୍ରସନ୍ନ କୁମାର ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପଞ୍ଚାୟତରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳନିତ ନଳିନୀ ବିଦ୍ୟାମନ୍ଦିରର ହଷ୍ଟେଲରେ ଶୁକ୍ରବାରଠାରୁ ଝାଡ଼ାବାନ୍ତି ବ୍ୟାପିଛି। ଝାଡ଼ାବାନ୍ତିରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ଭାତପୁର ପଞ୍ଚାୟତର କନଡୀ ଗ୍ରାମର ରାଜେନ୍ଦ୍ର ଉର୍ଲାକାଙ୍କ ଝିଅ ଲଗ୍ନା ଉର୍ଲାକା। ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଶୁକ୍ରବାର ରାତିରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାୟ ୬୦ ଜଣ ଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଡାକ୍ତରଙ୍କ ଦ୍ୱାରା ଜରୁରିକାଳୀନ ଚିକିତ୍ସା ଯୋଗାଇ ଦିଆଯାଉଛି। ଖାଦ୍ୟ ବିଷାକ୍ତ କିମ୍ବା ଦୂଷିତ ଜଳ ବ୍ୟବହାର ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି। ଖବରପାଇ ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଦଳ ପକ୍ଷରୁ ସ୍ଥିତିର ଅନୁଧ୍ୟାନ କରାଯିବା ସହ ଆକ୍ରାନ୍ତ ପିଲାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ବିଦ୍ୟାଳୟର ପାନୀୟ ଜଳ ଓ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ଜଣାପଡ଼ିଛି। ଲଗ୍ନାଙ୍କ ଦେହ ଅସୁସ୍ଥ ହେବା ପରେ ପରିବାରବର୍ଗ ତାଙ୍କୁ ନିଜ ଗ୍ରାମକୁ ନେଇଥିବା ବେଳେ ସେଠାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଶତପଥୀ କହିଛନ୍ତି। ଏହି ଘଟଣା ପରେ ଅଭିଭାବକମାନେ ଭୟଭୀତ ହୋଇପଡ଼ିଛନ୍ତି।

# ୯ମ ଶ୍ରେଣୀ ଛାତ୍ରଙ୍କୁ ହାଣିଲେ ୧୦ମ ଛାତ୍ର

**ବାଲେଶ୍ୱର( ବାଞ୍ଛାନିଧି ଦେ)/ରେମୁଣା(ରବୀନ୍ଦ୍ର ମହାକୁଡ଼), ୩୧।୧**

**ପ୍ରେମ ପାଇଁ ପ୍ରତିଶୋଧ**

ବିଦ୍ୟାଳୟ ପରିସର ଏବେ ଅସୁରକ୍ଷିତ ହୋଇପଡିଛି। ସ୍କୁଲ ଛାତ୍ରଙ୍କ ମଧ୍ୟରେ ବଢୁଛି ଅପରାଧିକ କାର୍ଯ୍ୟକଳାପ। କେଉଁଠି ସ୍କୁଲ ବ୍ୟାଗରେ ବନ୍ଧୁକ ତ କେଉଁଠି ଦେଖିବାକୁ ମିଳୁଛି ମାରଣାସ୍ତ୍ର। ଛାତ୍ରୀଙ୍କୁ ପ୍ରେମ ପାଇଁ ଜଣେ ନବମ ଶ୍ରେଣୀର ଛାତ୍ରଙ୍କୁ ହାଣି ପକାଇଛନ୍ତି ଦଶମ ଶ୍ରେଣୀ ଛାତ୍ର। ସ୍କୁଲ ପରିସରରେ ଫିଲ୍ମ ଷ୍ଟାଇଲରେ ହୋଇଛି ଭୁଜାଳିରେ ଆକ୍ରମଣ। ଏଭଳି ଏକ ଅଭାବନୀୟ ଘଟଣା ଶନିବାର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ଅଧୀନ ରେମୁଣା ଉଚ୍ଚ ବିଦ୍ୟାଳୟରେ।

ସୂଚନା ମୁତାବକ, ରେମୁଣା ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀର ଛାତ୍ର ରେମୁଣା ଏନଏସିର ଅଠାନ୍ତର ଅଞ୍ଚଳର ନିଜ ମାମୁ ଘରେ ରହି ପାଠ ପଢ଼ନ୍ତି। ସେ ବିଦ୍ୟାଳୟର ଏକ ନବମ ଶ୍ରେଣୀର ଛାତ୍ରୀଙ୍କୁ ପ୍ରେମ କରୁଥିଲେ। କିଛିଦିନ ପରେ ଛାତ୍ରୀଜଣକ ନବମ ଶ୍ରେଣୀର ନିଜ ସହପାଠୀ ଛାତ୍ର ପ୍ରେମରେ ପଡ଼ି ଯାଇଥିଲେ। କିନ୍ତୁ ଏହାକୁ ଦଶମ ଶ୍ରେଣୀର ପୂର୍ବ ପ୍ରେମିକ ସହ୍ୟ କରିପାରି ନ ଥିଲେ। ପ୍ରତିଶୋଧ ନେବା ପାଇଁ ସୁଯୋଗ ଖୋଜୁଥିଲେ। ଶନିବାର ସ୍କୁଲରେ ପିଏମଶ୍ରୀ ଉତ୍ସବ ପାଳନ ସମୟରେ ଛାତ୍ର ଜଣକ ଆକ୍ରମଣ ପାଇଁ ଏହା ସୁଯୋଗ ବୋଲି ମଣିଥିଲେ। ନିଜର ଜଣେ ସହପାଠୀଙ୍କ ☞ପୃଷ୍ଠା-୪






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପଥ ଉତ୍ସବ, ସ୍ଥାନ: ଇନ୍‌ଫୋସିଟି ଛକ, ସମୟ: ସକାଳ ୬ଟା।
- ସମ୍ବାଦପତ୍ର 'ପ୍ରବାହ'ର ୧୯ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଶିଖରଚଣ୍ଡି ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ଭାଷା ମୁକ୍ତମଞ୍ଚ ପକ୍ଷରୁ 'କଫି ବ୍ରେକ୍ ୨.୦' କାର୍ଯ୍ୟକ୍ରମ, ସ୍ଥାନ: ଶୋର୍ ଷ୍ଟୁଡିଓ, ବିଜେବି ନଗର, ସମୟ: ଅପରାହ୍ନ ୪ଟା।
- ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ ଜୀବନ୍ୟାସ ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଓ ମା' ତାରିଣୀ ମନ୍ଦିରର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଜିଜିପି କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ପ୍ରତିଭା ସମ୍ମାନ ସମାରୋହ,ସ୍ଥାନ: ଜେଡି ପାଠଶାଳା, ରୂପସା, ସମୟ: ପୂର୍ବାହ୍ନ ୧୦ ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ବାଖରାବାଦ ଛକ ଖେଳ ପଡିଆ, ରୂପସା, ସମୟ: ପୂର୍ବାହ୍ନ ୧୦ ଟା।
- ୩୧ ତମ ବାର୍ଷିକ ଉତ୍ସବ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମନ୍ତ୍ରୀଡ଼ାହି ଦୟାନନ୍ଦ ଗୁରୁକୁଳ ଶିକ୍ଷାକେନ୍ଦ୍ର, ରୂପସା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା'ଭଗିଆଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭଗିଆ, ସିମୁଳିଆ,ସମୟ: ଦିବସବ୍ୟାପୀ।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ:ବାବା ବକ୍ରେଶ୍ୱର ପୀଠ, ସିମୁଳିଆ,ସମୟ:ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ଆଲୋଚନା ସଭା,ସ୍ଥାନ:ମନ୍ତ୍ରୀଡାହି ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ, ରୂପସା, ସମୟ:ଅପରାହ୍ନ ୨ ଟା ୩୦।
- ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସଲ୍ଟ ରୋଡ଼, ସୁନ୍ଦରୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ ଟା ୩୦।
- ରେମୁଣା ମହୋତ୍ସବର ଉଦଯାପନୀ ସନ୍ଧ୍ୟା, ସ୍ଥାନ:ମହୋତ୍ସବ ପଡିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ:ଅପରାହ୍ନ ୫ ଟା।
- ଅଗ୍ନିଉତ୍ସବ ଓ ନାମ ସଂକୀର୍ତ୍ତନ, ସ୍ଥାନ: ରାଉତପଡା ବିଦ୍ୟାଧର ପୋଖରୀ ପ୍ରାଙ୍ଗଣ, ରୂପସା, ସମୟ: ରାତି ୮ ଟା।

## ଭଦ୍ରକ

- ହିନ୍ଦୁ ସମ୍ମିଳନୀ, ସ୍ଥାନ: ପୁରୁଣାବଜାର ମହାବୀର ପଡ଼ିଆ, ଭଦ୍ରକ, ସମୟ: ସକାଳ ୮ଟା।
- ଲୋକନାଥ ମନ୍ଦିରର ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଚାରିଘରିଆସ୍ଥିତ ସଂଘ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ବ୍ରାହ୍ମଣଗାଁ ମେଲଣ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: କାଳିପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ପୁରୁଷୋତ୍ତମପୁର ନେତାଜୀ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ସାମାଜିକ କର୍ମୀ ପ୍ରଦୀପ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ପାଟଣାସାହି, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗୁଆମାଳ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶାସଙ୍ଗ, ହାଟଡିହୀ, ସମୟ: ସକାଳ ୭ ଟା।
- ମହୋତ୍ସବର ଅନ୍ତିମ ଦିବସରେ କଣ୍ଢେଇ ନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଉତ୍ସବ ପଡ଼ିଆ, ବଡ଼ବିଲ, ସମୟ: ସକାଳ ୯ ଟା।
- ୧୯୮୬ ବ୍ୟାଚ ମ୍ୟାଟ୍ରିକ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ, ସ୍ଥାନ: ଜିଲାପାର୍କ ଚିକିଣିଆ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ଦଶମ ନକ୍ ଆଉଟ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ଜାମୁଦଲକ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା।
- ଧୃତିପାଳୀ ମହୋତ୍ସବ, ସ୍ଥାନ: ସତସଙ୍ଗ କେନ୍ଦ୍ର, ସ୍ୱାମ ପାଟଣା, ସମୟ: ସକାଳ ୬ଟା ୧୩।

## ମୟୂରଭଞ୍ଜ

- ମା' ହିଙ୍ଗୁଳାଙ୍କ ବିଷ୍ଣୁ ଯଜ୍ଞ, ସ୍ଥାନ: କଉଡୀଖଣି ସୁହାଗପୁର, ବଡ଼ସାହି, ସମୟ: ସକାଳ ୯ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମହାଦେବ ମନ୍ଦିର ପରିସର, ମୋରଡ଼ା, ସମୟ: ସକାଳ ୯ଟା।
- ହରିହାଟର ଘଟଉତ୍ତୋଳନ, ପୂଜାବିଧି, ସ୍ଥାନ: ବଡ଼ଯୋଡ଼, ବେତନଟୀ, ସମୟ: ସକାଳ ୯ଟା।
- ଶୈବମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଟିହୁଡି ତାରିଣୀ ମନ୍ଦିର ପରିସର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ, ସ୍ଥାନ: କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ମିଟିଂ ହଲ୍, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସଦ୍‌ଭାବନା ସମିତିର ମାସିକ ସନ୍ଥ ଦିବସ, ସ୍ଥାନ: ଗୋପବନ୍ଧୁ ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ପାଟପୁର ହରେକୃଷ୍ଣ ମଣ୍ଡପ, ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ବିବେକ ବିହାର, ସମୟ: ସକାଳ ୬ ଟା।
- ଆଚିଭମେଣ୍ଟ ଆୱାର୍ଡ ସେରିମନି, ସ୍ଥାନ: ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନାଚକ୍ର, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ସମୟ: ପୂର୍ବାହ୍ନ ୧୦ ଟା ୫।
- ଗଞ୍ଜାମ କଳା ପରିଷଦର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ମା'ରତନେଇ ମନ୍ଦିର ମୁଖ୍ୟ ଦ୍ୱାର ପ୍ରତିଷ୍ଠା, ସ୍ଥାନ: ବୁଗୁଡ଼ା, କୁଆନଳା, ସମୟ: ସକାଳ ୭ ଟା।

## କନ୍ଧମାଳ

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବର ନଗର ପରିକ୍ରମା, ସ୍ଥାନ : କେନ୍ଦ୍ର ପରିସର, ବାଲିଗୁଡା, ସମୟ: ଅପରାହ୍ନ ୩ ଟା ୩୦।

## ଢେଙ୍କାନାଳ

- ରେଡ଼୍‌ନାଇଟ ପରିବାର ସହିତ କାର୍ଯ୍ୟରତ ଖବରଦାତା ସଂଘ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ପରଜଙ୍ଗ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ୧୧ ନଂ. ୱାର୍ଡ ବରଗାଁ ଗ୍ରାମ, ସମୟ: ସକାଳ ୭ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ସପ୍ତମ ଦିବସରେ ପୂର୍ଣ୍ଣାହୁତି ହୋମଯଜ୍ଞ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ପଇଁଚକୁଳ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଆମ ଗୌରବ ଆମ କଲେଜ ପରିଚାଳନା ସଙ୍ଗଠନର ପୁନର୍ଗଠନ ଉପଲକ୍ଷେ ପୁରାତନ ଛାତ୍ରୀଛାତ୍ରଙ୍କ ସାଧାରଣ ବୈଠକ। ସ୍ଥାନ: ଆଠମଲ୍ଲିକ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ, ସ୍ଥାନ: କେରେକେରା, ରଘୁନାଥପୁର ବ୍ଲକ, ଜଗତ୍‌ସିଂହପୁର, ସମୟ: ପ୍ରାତଃ ୫ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: କୁଜଙ୍ଗ ସୂଚନାକେନ୍ଦ୍ର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ସମୀର ସୁଶିଲ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ, ସ୍ଥାନ: ଜଗତି ଖେଳ ପଡ଼ିଆ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ବୃନ୍ଦାବନ କଲୋନୀ ଯଜ୍ଞ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ:ସନ୍ଧ୍ୟା ୬ଟା। କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଶାସ୍ତ୍ରୀଜୀ ଯୁବକ ସଂଘ ପକ୍ଷରୁ ଅଣ୍ଟୁଖୋଲା ବଞ୍ଚାଅ ଅଭିଯାନରେ ମୋଟରସାଇକେଲ ସଚେତନତା ଯାତ୍ରା, ସ୍ଥାନ:ଚାଉଳିଆବାମରା ହାଇସ୍କୁଲ ପଡିଆ, ଗରଦପୁର, ସମୟ: ସକାଳ ୭ଟା ।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଲଛମନଜୀୟୁ ମନ୍ଦିର ପରିସର, ଡେରାବିଶ, ସମୟ:ସକାଳ ୮ଟା ।
- ପଟ୍ଟାମୁଣ୍ଡାଇ କୋର୍ଟର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: କୋର୍ଟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା ।
- ସୂଚନା ଅଧିକାର କର୍ମୀ ସ୍ୱର୍ଗତ ରଞ୍ଜନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ଥାନ: ମାଣିକପୁର, ତାଳସଙ୍ଗା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୧ଟା ।
- ପୁନର୍ବାସ ପକ୍ଷରୁ ଶ୍ରୀଧର ରାଉତ ଭିନ୍ନକ୍ଷମ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ, ସ୍ଥାନ:ମାଧପୁର, କେନ୍ଦ୍ରାପଡା ସହର, ସମୟ:ମଧ୍ୟାହ୍ନ ୧୨ଟା ।
- ମା' ବନ୍ଧମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ରାମନଗରପାଟଣା, ଗୁଲପଗର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।
- ବ୍ୟାସ ସରୋବର ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଭଜନ ସମାରୋହ, ସ୍ଥାନ: ବ୍ୟାସ ସରୋବର ପୀଠ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ମା' ମଙ୍ଗଳା ମନ୍ଦିରର ବାଷକ ଉଦ୍‌ଯାପନ ଉତ୍ସବ ସ୍ଥାନ:କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ମନ୍ଦିର, ସମୟ: ସକାଳ ୭ଟା ।
- ଭୈମୀ ଏକାଦଶୀ ମେଳାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ତ୍ରିନାଥ ଦେବଙ୍କ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଟିଲୋ ଫକୀର ଅତବୁଦ୍ଧି ପାଟଣା, ସମୟ: ସକାଳ ୭ଟା ୩୦ ।
- ପଞ୍ଚୁ ପାଣ୍ଡବ ମହୋତ୍ସବର ୩ୟ ଦିବସ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୪ଟା ।
- ବଡରାଉଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୂଆଗାଁ ବ୍ଲକ ଗୁଡୁପାଙ୍ଗୀ ଗାଁ, ସମୟ: ଅପରାହ୍ନ ୪ଟା ।
- ମହାନଦୀ ଆରତୀ ଉତ୍ସବ, ସ୍ଥାନ: କଣ୍ଟିଲୋ ମହାନଦୀ କୂଳ ଗଙ୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ବିଶାଳ ହିନ୍ଦୁ ସମ୍ମିଳନୀ, କଳସ ଯାତ୍ରା, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୯ଟା।
- ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଲିପାଟଣା ଶିବ ମନ୍ଦିର ପରିସର, ଉମରକୋଟ, ସମୟ: ସନ୍ଧ୍ୟା ୬ ଟା।

## କୋରାପୁଟ

- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ, ସ୍ଥାନ: ମିର୍ଗାନ ସାହି, କୋଟପାଡ଼, ସମୟ: ସକାଳ ୬ଟା।
- ଟ୍ରକ ଟିପ୍ପର ମାଲିକ ସଂଘର ବନ୍ଧୁମିଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ଆର୍ଯ୍ୟ ସମାଜ ବାର୍ଷିକ ଉତ୍ସବ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।
- ମା' କାଳୀଙ୍କ ପୂଜା, ସ୍ଥାନ: ସୋମନାଥପୁର ପଞ୍ଚାୟତ ଖାରିଗୁଡ଼ା, କୋରୁକୋଣ୍ଡା ବ୍ଲକ୍, ସମୟ: ସକାଳ ୬ଟା।
- ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ଶୋଭାଯାତ୍ରା ଓ କଳସ ସ୍ଥାପନା, ସ୍ଥାନ: ଜଗନ୍ନାଥମନ୍ଦିରରୁ ମାଲ୍ୟବନ୍ତ ଉତ୍ସବ ମଣ୍ଡପ, ମାଲକାନଗିରି, ସମୟ: ସକାଳ ୯ଟା।
- ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ମାଲ୍ୟବନ୍ତ ଉତ୍ସବ ମଣ୍ଡପ, ମାଲକାନଗିରି, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଭାରତୀ ସମାଜର ବୈଠକ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।
- ବିଦ୍ୟା ବିକାଶ ଏକାଦଶ ବନାମ ପ୍ରେସ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ : ଶାସନ ନିକଟସ୍ଥ ବିକାଶ ଖେଳ ପଡିଆ, ସମୟ : ସକାଳ ୯ଟା।
- ଏନ୍‌ବିଟି ପକ୍ଷରୁ କୁଇଜ ପ୍ରତିଯୋଗୀତା, ସ୍ଥାନ : ପିଏଚ୍‌ଡି ପଡିଆ ସ୍ଥିତ ଶିଶୁ ମଞ୍ଚ, ସମୟ : ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପୁଷ୍ୟା ନକ୍ଷତ୍ରରେ ଚନ୍ଦ୍ର ପରିବାର ଓ କର୍ମକ୍ଷେତ୍ରର ସ୍ଥିତିକୁ କେନ୍ଦ୍ର କରି ଭାବପ୍ରବଣ କରାଇବ। ସାମାଜିକ ସ୍ତରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଘଟିବ। ପ୍ରତ୍ୟୁଷ ଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ରଚନାତ୍ମକ କାର୍ଯ୍ୟ ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ଲାଭ କରିପାରନ୍ତି।

**ବୃଷ** ତୃତୀୟାଧିପଙ୍କ ଶୁଭ ସମ୍ପର୍କରୁ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ସ୍ଥାପନ ହୋଇପାରିବ। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛି ଜିନିଷ ହଜାଇବା କାରଣରୁ ବିରସ ରହିବେ। ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ପରିସ୍ଥିତି ଓ ଯାତ୍ରା କେତେକାଂଶରେ ସୁଫଳଦାୟୀ ହୋଇପାରେ।

**ମିଥୁନ** ରବି ଓ ବୁଧଙ୍କ ସଂଯୋଗରୁ ବନ୍ଧୁତା ରହିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତ୍ୟେକ କାମ କରାଇନେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଶିଳ୍ପ, ବାଣିଜ୍ୟ, କଳ କାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ** ବ୍ୟୟାଧିପତି ବୁଧ ସପ୍ତମସ୍ଥ ଯୋଗୁ ବ୍ୟବସାୟରେ ପୁଞ୍ଜିଲଗାଣ ସକାଶେ ଅର୍ଥବ୍ୟୟ କରିପାରନ୍ତି। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ, କିନ୍ତୁ ପରିସ୍ଥିତି ପ୍ରତି ସଜାଗ ରହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ।

**ସିଂହ** ଆଜିର ଗ୍ରହପ୍ରଭାବରୁ ଜଣେ ମହିଳାଙ୍କ ସାହାଯ୍ୟରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିବେ। ଆବଶ୍ୟକତା ପୂରଣ ସକାଶେ କରଜ କରି କାମ ଚଳାଇନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକ କାମ, ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ପୁରାତନ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ଫଳତଃ ଯାତ୍ରା ସ୍ଥଗିତ ରହିଯିବ।

**କନ୍ୟା** ଲାଭାଧିପ ସ୍ୱଗୃହୀ ଯୋଗୁ ବକେୟା ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଅଫିସ୍‌ରେ କୌଣସି ଅତ୍ୟାବଶ୍ୟକ କାଗଜ ନ ପାଇ ବ୍ୟସ୍ତ ହେବେ। ସଭାସମିତିର ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଯାତ୍ରା କାଳରେ ସମଧର୍ମୀୟ ବ୍ୟକ୍ତି ସହ ସମ୍ପର୍କ ସ୍ଥାପନ ହିତକର ହେବ।

**ତୁଳା** ବୃହସ୍ପତିଙ୍କ ସୁପ୍ରଭାବରୁ ଅଟକିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଏଁ ସମାଧାନ ହୋଇଯିବ। ବିଭିନ୍ନ ଦିଗରୁ ସୁବିଧା, ସୁଯୋଗ ଜୁଟିବ ଏବଂ ଆବଶ୍ୟକତା ମଧ୍ୟ ପୂରଣ ହେବ। ବାଣିଜ୍ୟାରମ୍ଭ, ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ, ମାନସିକ ସ୍ତରରେ ଆନନ୍ଦ ଅନୁଭବ କରାଇବ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ।

**ବିଛା** ପାପଗ୍ରହ ପ୍ରଭାବରେ ମନ ଏବଂ କୌଣସି କାର୍ଯ୍ୟ ଶୃଙ୍ଖଳିତ ରହିବନାହିଁ। ଫଳତଃ ଆପଣଙ୍କ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ମଧ୍ୟ ବିଶୃଙ୍ଖଳିତ ରହିବ। ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। କିନ୍ତୁ ବ୍ୟବସାୟ, ବାଣିଜ୍ୟ, ପରିବହନ, ପ୍ରକାଶନ, ନିର୍ମାଣାଦି କାର୍ଯ୍ୟ ଠିକ୍‌ଠାକ୍ ଚାଲିବ।

**ଧନୁ** ଚତୁର୍ଥକେନ୍ଦ୍ରସ୍ଥ ବଳହୀନ ଶନିଙ୍କ ହେତୁ ବିରୋଧାତ୍ମକ ପରିବେଶରେ ଚଳିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ବାହାର କରିନେବେ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଏବଂ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହେବ। ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସ ହେବ।

**ମକର** ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ କର୍ମ ଜଞ୍ଜାଳରେ ବ୍ୟସ୍ତ ରହି ବନ୍ଧୁଙ୍କ ଭିଡ଼ରେ ନିଜ ଲୋକଟିର କଥା ବୁଝିପାରିବେ ନାହିଁ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିବ। ଆତ୍ମୀୟଙ୍କ ଅଶ୍ରଦ୍ଧା, ବନ୍ଧୁଙ୍କ ରାଗରୁଷା, ସ୍ତ୍ରୀଙ୍କ ମୁହଁଫୁଲା, ଯାତ୍ରା ଓ ବାଣିଜ୍ୟରେ ସମସ୍ୟା ପ୍ରଭୃତିର ସାମ୍ନା କରିବାକୁ ପଡ଼ିପାରେ।

**କୁମ୍ଭ** ରାହୁଙ୍କ ପ୍ରଭାବରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଦୂରଯାତ୍ରା, ଅର୍ଥ କାରବାର, ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିପାରିବେ। କଳ, କାରଖାନା, ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ** ଆତ୍ମୀୟଙ୍କ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଦ୍ୱାଦଶସ୍ଥ ପାପଗ୍ରହ ଯୋଗୁ ଖର୍ଚ୍ଚ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ସାମୟିକ ମନ ଉଦାସ ରହିପାରେ। ପଡ଼ୋଶୀଙ୍କ ସହ ଆଗାମୀ ଶୁଭକାର୍ଯ୍ୟ ସକାଶେ ଫଳପ୍ରଦ ଆଲୋଚନା କରିପାରନ୍ତି।

ଆଜି ଫେବୃଆରୀ ୧ ତାରିଖ, ମାଘପୂର୍ଣ୍ଣିମା ରବିବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜଉଦ୍ଧାରଣ ବେଶ, ଅଗ୍ନି ଉତ୍ସବ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ମାଘବ୍ରତ ସମାପନ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୫ ଗତେ ଘ.୧୦।୦୮ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୧ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଧନ,
ବିକଳ ମନ।**

ମନୁଷ୍ୟର ଆବଶ୍ୟକତାର ସୀମା ନାହିଁ। ବାସ, ବେଶ ତଥା ସୁଖସାଚ୍ଛନ୍ଦ ପାଇଁ ସେ ବିଭିନ୍ନ ପଦାର୍ଥ ସଂଗ୍ରହ ଲାଗି ସଦାବେଳେ ତତ୍ପର ଥାଏ। ଏଥିପାଇଁ ଲୋଡ଼ା ହୁଏ ଧନ। ଧନହୀନ ବ୍ୟକ୍ତିର ଆବଶ୍ୟକତା ତ ଥାଏ ମାତ୍ର ହାତରେ ଧନର ଅଭାବ। ଏପରି ଅବସ୍ଥାରେ ତା'ର ମନ ଉଣା କରିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଆବଶ୍ୟକ ପଦାର୍ଥ ସଂଗ୍ରହ ନ କରି ସେ ବ୍ୟଥାରେ ବିକଳ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଆୟୀ, ବହୁତ ବ୍ୟୟୀ
ଛୋଟ ପଣତ ପରାଏ ସେହି।**

ସ୍ୱଳ୍ପ ଆୟ ମଣିଷର ସବୁ ଆବଶ୍ୟକତାକୁ ପୂରଣ କରିପାରି ନ ଥାଏ। ଏଭଳି ସ୍ଥିତିରେ ମଣିଷ ନିଜ ଆୟ ଦେଖି ବ୍ୟୟ କରିବା ଉଚିତ ହୋଇଥାଏ। ସ୍ୱଳ୍ପ ଆୟ ଛୋଟ ପଣତ ପରି ନିଅଣ୍ଟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲେ ୯ମ ଶ୍ରେଣୀ ଛାତ୍ର

ନୀଳଗିରି, ୩୧।୧(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ଥାନା ପୋଡ଼ାଶୂଳ ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଛି। ସାହସର ସହ ଭାଲୁ ସହିତ ଲଢ଼ି ମୃତ୍ୟୁମୁଖରୁ ଜୀବନ ବଞ୍ଚାଇଛନ୍ତି ନବମ ଶ୍ରେଣୀର ଛାତ୍ର। ପୂର୍ବ ରାତିରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରୁ ଭାଲୁ ୨ଟି ଆସି ରାସ୍ତା ନ ପାଇ ଶନିବାର ସକାଳ ପର୍ଯ୍ୟନ୍ତ ବାଟବଣା ହୋଇ ଫେରି ପାରି ନ ଥିଲେ। ଏମିତିକି ଗାଁ ପଶି ଉପଦ୍ରବ ଜାରି ରଖିଥିଲେ। ଗାଁରେ ଆତଙ୍କ ଖେଳାଇବା ବେଳେ ଜଣେ ନବମ ଶ୍ରେଣୀ ଛାତ୍ର ପଡିଯାଇଥିଲେ ଭାଲୁ ହାବୁଡ଼ରେ। ସାହସର ସହ ଛାତ୍ର ଭାଲୁ ସହ ଲଢ଼ି ଜୀବନ ପାଇଛନ୍ତି। ଭାଲୁ ଆକ୍ରମଣ କରିବାରୁ ଜୀବନ ପାଇଁ ଭାଲୁକୁ ମୁଥ ମାରିଥିଲେ ଛାତ୍ର। ପାଖାପାଖି ୫ ମିନିଟ ଧରି ଭାଲୁ ସହ ଲଢ଼ି ମୃତ୍ୟୁମୁଖରୁ ବର୍ତ୍ତିଗଲେ। ଗୁରୁତର ଭାବେ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସା ହେଉଥିବା ଘଟଣା ନୀଳଗିରି ଅଞ୍ଚଳରେ ବେଶ ଚର୍ଚ୍ଚା ହୋଇଛି।

ପାତ୍ରସାହିର ଧୀରେନ୍ଦ୍ର ପାତ୍ରଙ୍କ ପୁଅ ପ୍ରଭାତ(୧୩) ନିକଟସ୍ଥ ରାଧାମାଧବ ହାଇସ୍କୁଲର ନବମଶ୍ରେଣୀ ରେ ପାଠ ପଢନ୍ତି। ଶନିବାର ସକାଳୁ ସେ ଗାଁ ନିକଟ ସିଟି ସ୍କୁଲ ପଡିଆ ଦେଇ ଯାଉଥିବା ବେଳେ ଅଚାନକ ୨ଟି ଭାଲୁ ତାଙ୍କ ଆଡକୁ ମାଡି ଆସିଥିଲା। ଗୋଟିଏ ଭାଲୁ ପ୍ରଭାତଙ୍କୁ ଅତର୍କିତ ଆକ୍ରମଣ କରି ତାଙ୍କ ଜଙ୍ଘ, ପେଟରେ ଗଭୀର କ୍ଷତ ସୃଷ୍ଟି କରିଥିଲା। ଏତିକି ବେଳେ ବୁଦ୍ଧି ଖଟାଇ ଛାତ୍ର ଜଣକ ସାହସ ଜୁଟାଇ ଭାଲୁ ମୁହଁକୁ ବାରମ୍ବାର ମୁଥ ମାରିଥିଲେ। ପ୍ରାୟ ୫ ମିନିଟ୍ ଧରି ଭାଲୁଟି ଆଘାତପ୍ରାପ୍ତ ହେବା ଦେଖି ଛାତ୍ର ଜଣକ ସେହି ସ୍ଥାନରୁ ଦୌଡି ପଳାଇଥିଲେ। ଏହା ଦେଖି ଭାଲୁଟି ମଧ୍ୟ ସେହି ସ୍ଥାନ ଛାଡି ବିଲ ରାସ୍ତାରେ ଦୌଡି ଜଙ୍ଗଲ ଆଡକୁ ପଳାଇଥିଲା। ଅନ୍ୟ ଭାଲୁଟି ମଧ୍ୟ ପଛେ ପଛେ ଦୌଡି ପଳାଇଥିଲା। ଛାତ୍ରଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନୀଳଗିରି ବନବିଭାଗ ପକ୍ଷରୁ ଅଧିକାରୀମାନେ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



ଆହତ ଛାତ୍ର ପ୍ରଭାତ ପାତ୍ର ।

## ଅବଶିଷ୍ଟାଂଶ...

### ସୁନେତ୍ରା ପାୱାର...

ସିନ୍ଦେ ଏବଂ ଏନ୍‌ସିପି(ଅଜିତ)ଦଳର ଅନ୍ୟ ବହୁ ନେତା ଉପସ୍ଥିତ ରହିଥିଲେ। ତେବେ ଏନ୍‌ସିପି(ଶରଦ) ଗୋଷ୍ଠୀର କୌଣସି ନେତା ଏହି ଉତ୍ସବକୁ ଆସି ନଥିଲେ। ସୁନେତ୍ରା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଏନ୍‌ସିପି(ଅଜିତ) ଗୋଷ୍ଠୀର ନେତା ଖୁସିବ୍ୟକ୍ତ କରିଛନ୍ତି। କିନ୍ତୁ ଅଜିତଙ୍କ ହାତରେ ଯେଉଁସବୁ ବିଭାଗର ଦାୟିତ୍ୱ ରହିଥିଲା ସେଗୁଡିକୁ ସୁନେତ୍ରାଙ୍କୁ ଦେବା ଲାଗି ଦଳୀୟ ନେତା ଦାବି କରିଥିଲେ ହେଁ ତାହା ହୋଇନାହିଁ। ସୁନେତ୍ରାଙ୍କୁ କ୍ରୀଡ଼ା, ଯୁବବ୍ୟାପାର ସମେତ ସଂଖ୍ୟାଲଘୁ ବିଭାଗ ମିଳିଛି। ଅର୍ଥ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ନିଜ ହାତରେ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଏନ୍‌ସିପି ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ରହିଥିବା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ନିଧନ ହେବା ପରେ ତାଙ୍କ ସ୍ଥାନରେ ସ୍ତ୍ରୀ ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଏନ୍‌ସିପି ଦଳର ନେତାମାନେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍‌ଙ୍କୁ ଗତକାଲି ଭେଟି ଦାବି ଜଣାଇଥିଲେ। ଏନ୍‌ସିପିର ନିଷ୍ପତ୍ତିକୁ ସାଦର ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ଶନିବାର ମଧ୍ୟାହ୍ନରେ ଏନ୍‌ସିପିର ବିଧାୟକ ଦଳ ବୈଠକରେ ସୁନେତ୍ରାଙ୍କୁ ବିଧାୟକ ଦଳ ନେତ୍ରୀ ନିର୍ବାଚିତ କରାଯାଇଥିଲା। ଏହାପରେ ସୁନେତ୍ରା ଶପଥ ଗ୍ରହଣ କରିଛନ୍ତି। ଆଗକୁ ଏନ୍‌ସିପିର ଦୁଇ ଗୋଷ୍ଠୀର ମିଶ୍ରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା ବେଳେ ସୁନେତ୍ରାଙ୍କ ହାତରେ ଦଳର ନେତୃତ୍ୱ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

### ୯ମ ଶ୍ରେଣୀ ଛାତ୍ରଙ୍କୁ ...

ଜରିଆରେ ସ୍କୁଲକୁ ଏକ ଭୁଜାଲି ଆଣିଥିଲା ଅଭିଯୁକ୍ତ ଛାତ୍ର । ଶନିବାର ପିଏମଶ୍ରୀ ଉତ୍ସବ ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବ୍ୟସ୍ତ ଥିଲେ। ଅଭିଯୁକ୍ତ ଛାତ୍ରଜଣକ ଅନ୍ୟ ୫/୬ ଜଣ ସହପାଠୀଙ୍କ ସହଯୋଗରେ ନବମ ଶ୍ରେଣୀ ଛାତ୍ରଙ୍କୁ ସ୍କୁଲର ପଶ୍ଚିମ ପାର୍ଶ୍ୱ ଶ୍ରେଣୀଗୃହ ପଛକୁ ଡାକି ନେଇଯାଇଥିଲେ। ସେଠାରେ ଥିବା ଏକ ଶୌଚାଳୟ ଭିତରେ ସେ ଉକ୍ତ ଛାତ୍ରଙ୍କୁ ଭୁଜାଲିରେ ମୁଣ୍ଡ ଓ ହାତକୁ ହାଣିଥିଲେ। ପିଲାଟି କୌଶଳକ୍ରମେ ସେଠାରୁ ଖସି ଆସି ଜଣେ ଶିକ୍ଷୟିତ୍ରୀଙ୍କୁ ଏକଥା ଜଣାଇଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ୨ଜଣ ଶିକ୍ଷକଙ୍କ ଦ୍ୱାରା ତାଙ୍କୁ ତୁରନ୍ତ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ପୀଡ଼ିତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଅପରପକ୍ଷେ ଅଭିଯୁକ୍ତ ଛାତ୍ର ନିଜେ ଯାଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପ୍ରେମ ପାଇଁ ଏହି ହତ୍ୟା ଉଦ୍ୟମ କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ପୋଲିସ ଭୁଜାଲିଟିକୁ ଜବତ କରି ତଦନ୍ତ ଜାରି ରଖିଛି। ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁରାଣୀ ଦାସ ମହାପାତ୍ର ଲିଖିତ ଭାବେ ଥାନାରେ ଜଣାଇଛନ୍ତି। ପୀଡ଼ିତ ପରିବାର ପକ୍ଷରୁ ମଧ୍ୟ ଥାନାରେ ଏତଲା ଦିଆଯାଇଛି। ରେମୁଣା ତହସିଲଦାର ଭର୍ତ୍ତୃହରି ଭୂୟାଁ, ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ନାୟକ, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ସ୍କୁଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି ।

# ସିବିଆଇ ଜାଲରେ ସିବିଆଇ ଏଏସ୍‌ଆଇ

■ ଏମ୍‌ସିଏଲ୍‌ରେ ଚଢ଼ାଉ ପରେ ଭୁବନେଶ୍ୱର ସିବିଆଇ ଶାଖାର ଏଏସ୍‌ଆଇଙ୍କ ଲିଙ୍କ୍

■ ଏଏସ୍‌ଆଇ ପ୍ରଶାନ୍ତ,ଏମ୍‌ସିଏଲ୍‌ର ଡେସ୍‌ପାଚ୍ ଅଫିସରଙ୍କ ନାମରେ ମାମଲା

■ ପ୍ରତି ମାସରେ କୋଇଲା ଉତ୍ତୋଳନକାରୀଙ୍କଠାରୁ ନେଉଥିଲେ ବଟି

ଭୁବନେଶ୍ୱର,୩୧।୧(ତ୍ରିନାଥ ମହାନ୍ତି)

ସିବିଆଇ ଜାଲରେ ପଡ଼ିଛନ୍ତି ଖୋଦ୍ ସିବିଆଇର ଜଣେ ଏଏସ୍‌ଆଇ। ବେଆଇନ ଅର୍ଥ କାରବାର ଅଭିଯୋଗରେ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟର ଏଏସ୍‌ଆଇ ପ୍ରଶାନ୍ତ କୁମାର ପଲେଇ ଏବଂ ଏମ୍‌ସିଏଲ୍ ଡେସ୍‌ପାଚ୍ ଅଫିସର ସାରଦା ପ୍ରସାଦ ସେଠୀଙ୍କ ନାମରେ ଦିଲ୍ଲୀ ସିବିଆଇ ଏକ ମାମଲା ରୁଜୁ କରିଛି। ଦିଲ୍ଲୀ ସିବିଆଇ କେସ୍ ନଂ- ଆର୍‌ସି ୨୧୬୨୦୨୬ଏ୦୦୦୧ରେ ବିଏନ୍‌ଏସ୍ ଦଫା ୬୧(୨), ୩୧୮(୪), ୭ ଏବଂ ୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିବିଆଇ ଅଧିକାରୀମାନେ ଏଏସ୍‌ଆଇ ପ୍ରଶାନ୍ତ ଏବଂ ସାରଦାଙ୍କୁ ଉଠାଇ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ବସୁନ୍ଧରା ଅଞ୍ଚଳରେ ଏମ୍‌ସିଏଲ୍ ଗର୍ଜନବାହାଲ ଓପନ କାଷ୍ଟ ପ୍ରୋଜେକ୍ଟର ଡେସ୍‌ପାଚ୍ ଅଧିକାରୀ ସାରଦା ପ୍ରସାଦ ସେଠୀଙ୍କଠାରୁ ପ୍ରଶାନ୍ତ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ସାରଦା ତାଙ୍କ ପଦବୀର ଅପ ବ୍ୟବହାର କରି ବିଭିନ୍ନ କୋଇଲା ଉତ୍ତୋଳନକାରୀଙ୍କ ଠାରୁ ବେଆଇନ ଆର୍ଥିକ ଲାଭ ସଂଗ୍ରହ କରୁଥିଲେ। ସେପଟେ ସାରଦାଙ୍କୁ ସିବିଆଇ ସମେତ ଅନ୍ୟ ତଦନ୍ତକାରୀ ସଂସ୍ଥାଠାରୁ ରକ୍ଷା କରିବା ଲାଗି ପ୍ରଶାନ୍ତ ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା।


ପ୍ରଶାନ୍ତ କୁମାର ପଲେଇ

ଅଭିଯୋଗ ଆଧାରରେ ସିବିଆଇର ଏଏସ୍‌ଆଇ ପ୍ରଶାନ୍ତ, ସାରଦା ଓ ଏକାଧିକ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଏମ୍‌ସିଏଲ୍ ବସୁନ୍ଧରା ଏରିଆ ଗର୍ଜନବାହାଲ ଖଣି ଓ କନିକା ସାଇଡିଂରେ ଶୁକ୍ରବାରଠାରୁ ଦିଲ୍ଲୀ ସିବିଆଇର ୩ଟି ଦଳ ଚଢ଼ାଉ ଜାରି ରଖିଛି। ୭୫ ହଜାର ଟନ୍ କୋଇଲାର ହିସାବ ମିଳୁ ନ ଥିବା ଅଭିଯୋଗରେ ଚଢ଼ାଉ ଚାଲିଥିବା ଚର୍ଚ୍ଚା ହୋଇଥିଲା। ଅଭିଯୁକ୍ତମାନେ କୋଇଲା ଚୋରାଚାଲାଣ କରି ମୋଟା ଅଙ୍କର ଟଙ୍କା ଚଳୁ କରିଥିବା ଅଭିଯୋଗ ରହିଛି।

ମିଳିଥିବା ସୂଚନାନୁସାରେ, ସାରଦାଙ୍କୁ ମନ ପସନ୍ଦର ସ୍ଥାନରେ ନିଯୁକ୍ତି ଦେବାକୁ ସଂସ୍ଥାର ମହା ପ୍ରବନ୍ଧକଙ୍କୁ ପ୍ରଶାନ୍ତ ଧମକ୍ ଦେଉଥିଲେ। ପ୍ରଶାନ୍ତ, ତାଙ୍କ ପୁଅ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଆକାଉଣ୍ଟ ଜରିଆରେ ସାରଦାଙ୍କଠାରୁ ଲାଞ୍ଚ ଟଙ୍କା ନେଇଥିବା ଅଭିଯୋଗ ରହିଛି। ଏ କଥା ଜଣାପଡ଼ିବା ପରେ ସିବିଆଇର ଏକ ସ୍ୱତନ୍ତ୍ର ଦଳ ଭୁବନେଶ୍ୱର, ସୁନ୍ଦରଗଡ଼, ରାଉରକେଲା ଓ ବ୍ରହ୍ମପୁରରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି। ସାରଦା ବିଭିନ୍ନ ପରିବହନକାରୀ/କୋଇଲା ଉତ୍ତୋଳନକାରୀଙ୍କଠାରୁ ବେଆଇନ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। କମ୍ପାନିକୁ କାଗଜପତ୍ରରେ ନିମ୍ନ ମାନର କୋଇଲା ବିକ୍ରି କରିଥିବା ଦର୍ଶାଇ ଉଚ୍ଚ ମାନର କୋଇଲା ଯୋଗାଇ ଦେଉଥିଲେ। ମାମଲାରେ ସିବିଆଇ ଶୁକ୍ରବାର କନିକା ରେଳ ସାଇଡିଂ ଦାୟିତ୍ୱରେ ଥିବା ସାରଦାଙ୍କୁ ତାଙ୍କ ଏମ୍‌ସିଏଲ ନିବାସରୁ ଉଠାଇ ଆଣି ସାଇଡିଂ କାର୍ଯ୍ୟାଳୟରେ ପଚରାଉଚରା କରିଥିଲା। ପରେ ଦୁଇଜଣ ବ୍ୟାଙ୍କ କର୍ମଚାରୀଙ୍କ ସହ ତିନିଜଣ ସିବିଆଇ ଅଧିକାରୀ ଆସି ଚଢ଼ାଉ କରିଥିଲେ। ଆହୁରି ମଧ୍ୟ ବେଆଇନ ଅର୍ଥ କାରବାର ନେଇ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଖଣି ବିଭାଗର ଏକ ଦଳ ମଧ୍ୟ ଏମ୍‌ସିଏଲ୍‌ରେ ପହଞ୍ଚି ଚଢ଼ାଉରେ ସାମିଲ ହୋଇଥିଲେ। ଶୁକ୍ରବାରଠାରୁ ସାରଦାଙ୍କୁ ଏମ୍‌ସିଏଲ୍ ଅତିଥି ଭବନରେ ଅଟକ ରଖାଯାଇଛି। ଗର୍ଜନବାହାଲ ଖଣି କାର୍ଯ୍ୟାଳୟ, କନିକା ସାଇଡିଂ, ବସୁନ୍ଧରା ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଓ ସାରଦାଙ୍କ ଘରୁ ବହୁ କାଗଜପତ୍ର ଜବତ କରାଯାଇଛି। ଶନିବାର ସକାଳୁ ପୁଣି ଦିଲ୍ଲୀ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏଏସ୍‌ଆଇ ପ୍ରଶାନ୍ତ ନିଜ ପୁଅ ଏବଂ ସ୍ତ୍ରୀଙ୍କ ଆକାଉଣ୍ଟକୁ ଟଙ୍କା ନେଇଥିଲେ। ଆହୁରି ମଧ୍ୟ ପ୍ରତି ମାସରୁ ଏକାଧିକ କୋଇଲା ଉତ୍ତୋଳନ ସଂସ୍ଥାଠାରୁ ବଟି ନେଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

**ପୋଲିସ କବ୍‌ଜାରେ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗ**

# ପଶ୍ଚିମବଙ୍ଗର ୨୧ ଗିରଫ

■ ୧୦୬୬ ମୋବାଇଲ ଫୋନ, ୧୨୭୫ ବ୍ୟାଟେରି ଜବତ

■ ବିଦେଶ ଲିଙ୍କ୍‌ର ଖୋଳତାଡ଼ ହେବ, ଭଙ୍ଗା ମୋବାଇଲ ବିକ୍ରି କରନ୍ତୁ ନାହିଁ : ପୋଲିସ

ଭଞ୍ଜନଗର,୩୧।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ଏକ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗର ୨୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧୦୬୬ ମୋବାଇଲ ଫୋନ, ୧୨୭୫ ବ୍ୟାଟେରି, ୪୨୫ ଫୋନର ମଦର୍ ବୋର୍ଡ, ୫ ଟାବ୍‌ଲେଟ, ନକଲି ଗହଣା ଏବଂ ୧୦ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଶନିବାର ଭଞ୍ଜନଗର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଏସ୍‌ଡିପିଓ ଡ. ଦୀପକ ମିଶ୍ର କହିଛନ୍ତି, ଗିରଫ ଅଭିଯୁକ୍ତମାନଙ୍କ ବିଦେଶ ଲିଙ୍କ ରହିଛି କି ନାହିଁ ଖୋଳତାଡ଼ ହେବ। ମୋବାଇଲ ଫୋନ୍ ଖରାପ ହୋଇଗଲେ ତାହାକୁ ନଷ୍ଟ କରିଦିଅନ୍ତୁ। ବୁଲା ବ୍ୟବସାୟୀଙ୍କୁ ବିକ୍ରି କରନ୍ତୁ ନାହିଁ। ସେମାନେ ତାହାକୁ ନେଇ କୌଣସି ବେନିୟମ କାର୍ଯ୍ୟରେ ଲଗାଇବା ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ଜବତ ମୋବାଇଲ ଫୋନ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ମିଶ୍ର କହିଥିଲେ। ଗିରଫ ଅଭିଯୁକ୍ତମାନେ ସାଇକେଲ ଏବଂ ବାଇକ୍‌ରେ ଏଠାରେ ବୁଲିବୁଲି ବ୍ୟବସାୟ କରନ୍ତି। ସେମାନଙ୍କ ଚାଲିଚଳଣିକୁ ନେଇ ବିଭିନ୍ନ ଆଡୁ ଅଭିଯୋଗ ହୋଇଥିଲା। ଏହାକୁ ଗୁରୁତ୍ୱ ଦେଇ ପୋଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ସେମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାକୁ ସନ୍ଦେହରେ ନେଇ ପଚରାଉଚରା କରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲା। ଅଭିଯୁକ୍ତମାନେ ଜବତ ମୋବାଇଲ ଫୋନ୍‌ର କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଚୋରି ମାମଲାରେ ଗିରଫ କରିଛି ବୋଲି ଏସ୍‌ଡିପିଓ କହିଥିଲେ।

ଖବରଦାତା ସମ୍ମିଳନୀରେ ଆଇଆଇସି ଜୀବନାନନ୍ଦ ଜେନା, ଏସ୍‌ଆଇ ସମୀର ସେଠୀ, ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ, ଜ୍ୟୋତ୍ସ୍ନାମୟୀ ସାହୁ, ଏଏସ୍‌ଆଇ ବିଦେଶୀ ବେହେରା, ସତ୍ୟ ନାରାୟଣ ମଲ୍ଲିକ, ରୁଦ୍ର ପ୍ରସାଦ କହଁର, କନଷ୍ଟେବଲ ସନ୍ତୋଷ ନାୟକ, ଅମିତ୍ ବିଶ୍ୱାଳ, ନରେଶ ଶବର, ଗୃହରକ୍ଷୀ ଗଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜବତ ମୋବାଇଲ ଫୋନଗୁଡ଼ିକୁ ଆଗାମୀ ଦିନରେ ତା'ର ପ୍ରକୃତ ମାଲିକମାନଙ୍କୁ ଫେରାଇବା ପାଇଁ ଥାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଭଞ୍ଜନଗର ଥାନାରେ ନଂ. ୯୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।


ପୋଲିସ ଜବତ କରିଥିବା ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ।

# ମାତୃ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ଆଠଗଡ଼,୩୧।୧(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଆଠଗଡ ଏନ୍‌ଏସି ୱାର୍ଡ ନଂ.୧ର ହେମମାଳପୁର ଗ୍ରାମରେ ୨୦୨୨ ଏପ୍ରିଲ ୯ ରେ ଘଟିଥିବା ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ମା'ସୁଷମା ଦଳାଇଙ୍କୁ ହତ୍ୟା ଅଭିଯୋଗରେ ପୁଅ ବିଭୂତି ଭୂଷଣ ଦଳାଇଙ୍କୁ ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଘଟଣାଦିନ ମା' ସୁଷମାଙ୍କୁ ବିଭୂତି ଟଙ୍କା ମାଗିଥିଲେ। ମାତ୍ର ସୁଷମା ଟଙ୍କା ଦେଇ ନ ଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଭୂତି ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଛାତିରେ ଚଢ଼ିଯାଇଥିଲେ। ଫଳରେ ସୁଷମାଙ୍କ ପଞ୍ଜରା ହାଡ ଭାଙ୍ଗି ଯାଇଥିଲା। ତୁରନ୍ତ ତାଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଷମାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ଅନ୍ୟତମ ପୁଅ ବିଶ୍ୱ ଭୂଷଣ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୮୨/୨୨) ରୁଜୁ କରିଥିଲା। ସରକାରଙ୍କ ତରଫରୁ ସରକାରୀ ଓକିଲ ଦେବାଶିଷ ସିଟ ଓ ସୁଶାନ୍ତ କୁମାର ମିଶ୍ର ଏହି ମାମଲା ପରିଚାଳନା କରିଥିଲେ।

**ଲାଞ୍ଚ ମାମଲା**

# ପୂର୍ବତନ ପୋଲିସ ଏଏସ୍‌ଆଇଙ୍କୁ ୩ବର୍ଷ ଜେଲ

ବାରିପଦା, ୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟରେ ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପୂର୍ଣ୍ଣିମା ଜେନା ମାମଲାର ବିଚାର କରି ପୂର୍ବତନ ପୋଲିସ ଏଏସ୍‌ଆଇଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି । ସେ ହେଲେ ତିରିଂ ଥାନା ଅଧୀନ ଝରାଡିହି ପୋଲିସ ଆଉଟ ପୋଷ୍ଟର ପୂର୍ବତନ ଏଏସ୍‌ଆଇ ସତ୍ୟବାନ ଗିରି। ଏହାସହ ଜରିମାନା ପ୍ରଦାନ ଲାଗି ରାୟରେ ଉଲ୍ଲେଖ ରହିଛି।

ସ୍ଥାନୀୟ ଅଞ୍ଚଳର ଜଣେ ମଦ ବ୍ୟବସାୟୀଙ୍କୁ ଖୁଲମଖୁଲା ବ୍ୟବସାୟ ନିମନ୍ତେ ପ୍ରଶ୍ରୟ ଦେବାକୁ ପୂର୍ବତନ ଏଏସ୍‌ଆଇ ଗିରି ତାଙ୍କୁ ୯ ହଜାର ଟଙ୍କା ଦାବି କରିଥିଲେ, ଯାହାକୁ ନେଇ ସେ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ୨୦୨୧ ଜାନୁଆରୀ ୨୭ରେ ଭିଜିଲାନ୍ସ ପକ୍ଷରୁ ଯୋଜନା ମୁତାବକ ଟଙ୍କା ଦେଇଥିଲେ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲେ। ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ହେବାରୁ ପେନସନ ବନ୍ଦ କରିବା ନେଇ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ପୋଲିସ ବିଭାଗକୁ ସୂଚନା ଦିଆଯାଇଛି। ଏହି ମାମଲାକୁ ସରକାରୀ ଆଇନଜୀବୀ ଶାନ୍ତନୁ କୁମାର ଦାଶ ପରିଚାଳନା କରୁଥିଲେ।

## Business

# ଶିବରାତ୍ରି ପାଇଁ ଚାନ୍ଦି ଭଣ୍ଡାରର 'ଭୈରବ କଲେକ୍ସନ'




ଭୁବନେଶ୍ୱର, ୩୧।୧(ଅନୁରାଧା ମହାରଣା)

ପବିତ୍ର ଶିବରାତ୍ରି ଉପଲକ୍ଷେ ଚାନ୍ଦି ଭଣ୍ଡାର ପକ୍ଷରୁ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କଲେକ୍ସନ 'ଭୈରବ'ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱର ଶହୀଦନଗର ଷ୍ଟୋରରେ ଶନିବାର ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ ଏହାର ଉନ୍ମୋଚନ କରିଛନ୍ତି। କଲେକ୍ସନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଲିପ୍‌ସା କହିଛନ୍ତି, ଶିବଙ୍କ ଉଭୟ ଉଗ୍ର ଓ ରକ୍ଷାକାରୀ ରୂପ ଦ୍ୱାରା ଏହି କଲେକ୍ସନ ଅନୁପ୍ରାଣିତ। ୯୨.୫ ଷ୍ଟର୍ଲିଂ ରୁପାରେ ପ୍ରସ୍ତୁତ ଏହି କଲେକ୍ସନରେ ଭକ୍ତ ଏବଂ ବିଶ୍ୱାସର ପ୍ରତୀକ ଭାବେ ନନ୍ଦୀ ପେଣ୍ଡେଣ୍ଟ ସହ ପୁରୁଷ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଷ୍ଟ୍ରୋ ବିଡସ୍ ବ୍ରେସ୍‌ଲେଟ୍ ରେଞ୍ଜ, ପୁରୁଷଙ୍କ ପାଇଁ ବ୍ଲାକ୍ ଅନିକ୍ସ, ହାଓଲାଇଟ୍, ପାଇରାଇଟ୍, ଗ୍ରୀନ୍ ଆଭେଞ୍ଚରିନ୍, ଜେବ୍ରା ଆଗାଟେ ଏବଂ କ୍ଲିୟର କ୍ରିଷ୍ଟାଲ ଆଦି ପଥରର ବ୍ୟବହାର କରାଯାଇଛି। ସେହିପରି ମହିଳାଙ୍କ ବ୍ରେସ୍‌ଲେଟ୍‌ରେ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଆଷ୍ଟ୍ରୋ ବିଡସ୍‌ର ଉପଯୋଗିତା ବିସ୍ତୃତ ସୂଚନା ଦିଆଯିବ ସହ ଅନୁଷ୍ଠିତ ର୍‍ୟାମ୍ପ ୱାକ୍ ମାଧ୍ୟମରେ କଲେକ୍ସନର ପ୍ରଦର୍ଶନ କରାଯାଇଥିଲା। ଏହା ସହ ଅନ୍ୟ ଏକ ଫେଷ୍ଟିଭ୍ କ୍ୟାମ୍ପେନ୍ 'ଗିଫ୍ଟ ଏ ପାୟଲ'ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଚାନ୍ଦିଭଣ୍ଡାର ପକ୍ଷରୁ ଫେବୃଆରୀ ୩୦ ପର୍ଯ୍ୟନ୍ତ ଫ୍ଲାଟ୍ ୩୦% ରିହାତି ଅଫର ଘୋଷଣା କରାଯାଇଛି।

# ଓଏଚ୍‌ପିସି ଓ ୟୁବିଆଇ ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର, ୩୧।୧(ଅନୁରାଧା ମହାରଣା)

ଓଡିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ (ଓଏଚ୍‌ପିସି) ପକ୍ଷରୁ ଆଜି ଲୋକସେବା ଭବନରେ ଓଏଚପିସିର କର୍ମଚାରୀମାନଙ୍କ ପାଇଁ କଷ୍ଟମାଇଜଡ ୟୁନିଅନ ସୁପର ସାଲାରୀ ଆକାଉଣ୍ଟ ପାଇଁ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ (ୟୁବିଆଇ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଓଏଚପିସି ସିଏମଡି ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଶକ୍ତିବିଭାଗ ଅତିରିକ୍ତ ସଚିବ ପ୍ରଣବ କୁମାର ମହାନ୍ତି, ସନ୍ଦୀପ ପଟ୍ଟନାୟକ, ଅମୀୟ କୁମାର ମହାନ୍ତି, ହରେକୃଷ୍ଣ ଦାସଙ୍କ ସମେତ ୟୁବିଆଇ ଏବଂ ଓଏଚପିସି ଓ ୟୁବିଆଇର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଏଚପିସି ପକ୍ଷରୁ ବରିଷ୍ଠ ମହାପ୍ରବନ୍ଧକ (ଅର୍ଥ) ଗଗନ ବିହାରୀ ମହାରଣା ଏବଂ ୟୁବିଆଇର ପ୍ରତିନିଧିତ୍ୱ କରୁଥିବା ଉପ ମହାପ୍ରବନ୍ଧକ ଏନ. ବାରିକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁଯାୟୀ, ପ୍ରତ୍ୟେକ ଓଏଚପିସି କର୍ମଚାରୀ ୧.୨୦ କୋଟି ଟଙ୍କାର ବ୍ୟକ୍ତିଗତ ଦୁର୍ଘଟଣା ବୀମା ଏବଂ ୨୦ ଲକ୍ଷ ଟଙ୍କାର ଅତିରିକ୍ତ ଟର୍ମ ଜୀବନ ବୀମା ପାଇବେ। ଏଥିରେ ୩୦୦୦୦ ଟଙ୍କାର ବାର୍ଷିକ ହସ୍ପିଟାଲ ନଗଦ ଲାଭ ମଧ୍ୟ ଅନ୍ତର୍ଭୁକ୍ତ। କର୍ମଚାରୀମାନଙ୍କୁ ସେମାନଙ୍କର ଶୂନ୍ୟ ବାଲାନ୍ସ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରେ ଏକ ରୁପେ ସିଲେକ୍ଟ ଡେବିଟ କାର୍ଡ ପ୍ରଦାନ କରାଯିବ, ଯାହା ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଦୁର୍ଘଟଣା ବୀମା କଭରେଜ ସହିତ ଆସିଥାଏ। ଏଥିରେ ମାଗଣା ବିମାନବନ୍ଦର ଲାଉଞ୍ଜ ସୁବିଧା, ତ୍ରୈମାସିକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ମାଗଣା କାରବାର ସମେତ କୌଣସି ଅତିରିକ୍ତ ମୂଲ୍ୟ ବିନା ୭୫୦୦୦ ଟଙ୍କାର ବାର୍ଷିକ ଜୀବନଶୈଳୀ ଲାଭ ମଧ୍ୟ ଉପଲବ୍ଧ।

# ପତଞ୍ଜଳିରେ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେଶନ' ତାଲିମ



ଭୁବନେଶ୍ୱର, ୩୧।୧

ହରିଦ୍ୱାରସ୍ଥିତ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଓ ୱେଲ୍‌ନେସ୍‌ରେ ୨୨ରୁ ୩୦ ଜାନୁଆରୀ ପର୍ଯ୍ୟନ୍ତ ୯ ଦିନିଆ 'ଯୋଗ ଅଲିମ୍ପିଆଡ୍ ଓରିଏଣ୍ଟେଶନ ଓ ଟ୍ରେନିଂ ପ୍ରୋଗ୍ରାମ' ସଫଳତାପୂର୍ବକ ସମ୍ପନ୍ନ ହୋଇଛି। ସିକିମ ସରକାରର ଶିକ୍ଷା ବିଭାଗର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଭାଗନେଇ ଯୋଗ ଦର୍ଶନ, ମନୋବିଜ୍ଞାନ ଓ ଆଧ୍ୟାତ୍ମିକତାର ଅଭ୍ୟାସ କରିଛନ୍ତି। ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଯୋଗ ମନ, ଶରୀର ଓ ଆତ୍ମାରେ ସନ୍ତୁଳନ ସ୍ଥାପନ କରି ସମଗ୍ର ସ୍ୱାସ୍ଥ୍ୟ ଉନ୍ନତି କରେ ଏବଂ ଦୁଶ୍ଚିନ୍ତା ହ୍ରାସକରେ। ଯୋଗଗୁରୁ ରାମଦେବ କହିଛନ୍ତି, ପତଞ୍ଜଳି ଓ ସିକିମ ସରକାରଙ୍କ ମିଳିତ ପ୍ରୟାସରେ ବହୁ ସମ୍ଭାବନା ରହିଛି। ପ୍ରାକୃତିକ ଚିକିତ୍ସା ଓ ଆୟୁର୍ବେଦ ଦ୍ୱାରା ଶରୀର ଓ ମନକୁ ସୁସ୍ଥ ରଖାଯାଇପାରିବ। କାର୍ଯ୍ୟକ୍ରମରେ ମେଡିଟେଶନ, ଯଜ୍ଞ, ଯୋଗାସନ, ପ୍ରାଣାୟାମ ଓ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା। ପ୍ରତିନିଧିମାନେ ଋଷିକେଶରେ ଗଙ୍ଗା ଆରତି, ପରମାର୍ଥନିକେତନ ଓ ପତଞ୍ଜଳିର ଗୌଶାଳା, ହର୍ବଲ ଗାର୍ଡେନ ଭ୍ରମଣ କରିଥିଲେ। ସମାପନୀ ଅନୁଷ୍ଠାନରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ଓ ସ୍ମୃତିଫଳକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଯୋଗର ପ୍ରସାର ଓ ସମାନତା ପ୍ରୋତ୍ସାହନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଶା କରାଯାଉଛି।

# ୧୩ରୁ ବନ୍ଦହେବ ଚାର୍ଟଜିପିଟିର ୪ ମଡେଲ

ଭୁବନେଶ୍ୱର, ୩୧।୧
(ଅନୁରାଧା ମହାରଣା)

ଓପନ୍ ଏଆଇ ଘୋଷଣା କରିଛି ଯେ ଫେବୃଆରୀ ୧୩ରୁ ଚାର୍ଟଜିପିଟିରେ କେତେକ ପୁରୁଣା ଓ ଲେଗାସି ଏଆଇ ମଡେଲର ଆକ୍ସେସ୍ ବନ୍ଦ ହେବ। ଏହି ମଡେଲଗୁଡ଼ିକରେ ରହିଛି ଜିପିଟି-୪୦, ଜିପିଟି-୪.୧, ଜିପିଟି-୪.୧ ମିନି ଓ ଓପନ୍‌ଏଆଇ ୦୪-ମିନି ରହିଛି। କମ୍ପାନୀର କହିବାନୁସାରେ, ବର୍ତ୍ତମାନ ୯୯.୯% ବ୍ୟବହାରକାରୀ ନୂଆ ଜିପିଟି-୫.୨ ମଡେଲକୁ ସ୍ଥାନାନ୍ତରିତ ହୋଇସାରିଛନ୍ତି। କେବଳ ୦.୧% ବ୍ୟବହାରକାରୀ ଏବେ ମଧ୍ୟ ଜିପିଟି-୪୦ ବ୍ୟବହାର କରୁଛନ୍ତି। ପୁରୁଣା ମଡେଲଗୁଡ଼ିକୁ ରଖିବା ଦ୍ୱାରା ରିସୋର୍ସ ବିଭାଜନ ହେଉଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ନୂଆ ମଡେଲଗୁଡ଼ିକର ଉନ୍ନତି ଉପରେ ଅଧିକ ଧ୍ୟାନ ଦିଆଯିବ। ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ଜିପିଟି-୫ ଲଞ୍ଚ ହେବା ପରେ ଜିପିଟି-୪୦କୁ ବନ୍ଦ କରାଯାଇଥିଲା। ମାତ୍ର ପେଡ୍ ବ୍ୟବହାରକାରୀଙ୍କର ବିରୋଧ ଯୋଗୁ ପୁଣି ଫେରାଇ ଆଣିଥିଲା। ଏଥର ଓପନ୍ ଏଆଇ କହିଛି , ନୂଆ ଜିପିଟି-୫.୧ ଓ ଜିପିଟି-୫.୨ରେ ବ୍ୟବହାରକାରୀଙ୍କ ମତାମତ ଅନୁସାରେ ବହୁ ଉନ୍ନତି କରାଯାଇଛି, ଯେପରିକି ଭଲ ପର୍ସନାଲିଟି, ସୃଜନଶୀଳ ଉତ୍ତର, କଷ୍ଟମାଇଜ ଟୋନ୍ ଆଦି ରହିଛି। ଫେବୃଆରୀ ୧୩ ପର୍ଯ୍ୟନ୍ତ ପୁରୁଣା ମଡେଲରେ ଚାର୍ଟ କରାଯାଇପାରିବ। ତା'ପରେ ସବୁ ଚାର୍ଟ ଆପେଆପେ ଜିପିଟି-୫.୨ କିମ୍ବା ନୂଆ ମଡେଲକୁ ସ୍ଥାନାନ୍ତରିତ ହେବ। ଇମେଜ ଜେନେରେଶନ ମଧ୍ୟ ନୂଆ ମଡେଲ ଦ୍ୱାରା ହେବ। ପୁରୁଣା ମଡେଲରେ ଅଭ୍ୟସ୍ତ ହୋଇଥିବା କେତେଜଣ ବ୍ୟବହାରକାରୀଙ୍କୁ ପ୍ରାରମ୍ଭରେ ପରିବର୍ତ୍ତନ ଅନୁଭବ ହୋଇପାରେ, ମାତ୍ର ପରବର୍ତ୍ତୀ ସମୟରେ ଏହାର ବ୍ୟବହାର ସହଜ ହୋଇପାରିବ। ଏହି ପରିବର୍ତ୍ତନ କେବଳ ଚାଟଜିପିଟି ପାଇଁ ଲାଗୁହେବ, ଏପିଆଇରେ କୌଣସି ପରିବର୍ତ୍ତନ ନାହିଁ।


ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଖଦି ମହୋତ୍ସବ ଉଦ୍‌ଘାଟନ କରିବା ଅବସରରେ କେଭିଆଇସିର ଚେୟାରମ୍ୟାନ ମନୋଜ କୁମାର, ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସେକ୍ରେଟାରି ପ୍ରଶାନ୍ତ ରେଡ୍ଡି, ଭାଜପା ଜିଲା ସଭାପତି ନିରଞ୍ଜନ ମିଶ୍ର, କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ସୁବାସ ଛେତ୍ରୀ, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ସେକ୍ରେଟାରି ଏସ୍. କେ. ମିଶ୍ର ଓ କେଭିଆଇସିର ଡେପୁଟି ସିଇଓ ଜେ.କେ. ଗୁପ୍ତା ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ

-ମାଘ ପୂର୍ଣ୍ଣିମା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ



# ଆଇନ ଶାସନର ଉଲ୍ଲଂଘନ



ଆକାର ପଟେଲ

ଏକ ଗଣତାନ୍ତ୍ରିକ ସମାଜ ଭାବରେ ଏହା ଆଶା କରାଯାଏ ଯେ ଭାରତର କର୍ତ୍ତୃପକ୍ଷ ଆଇନର ଶାସନ ପାଳନ କରିବେ। ଏକ ଧାରଣା ବି ରହିଛି, ଆପରାଧିକ ଆଇନ ବିଷୟରେ ଶାସନ ସ୍ୱେଚ୍ଛାଚାରୀ ହେବା କଥା ନୁହେଁ। ଏହି ବିଷୟଟି ଗୁରୁତ୍ୱପୂର୍ଣ୍ଣ କାରଣ ଆପରାଧିକ ଆଇନ ଜୀବନ ନଷ୍ଟ କରିବାର କ୍ଷମତା ରଖେ ବୋଲି ନିକଟରେ ଜଣେ ବିଚାରପତି ଏକ ପ୍ରତିବାଦ ସଭାରେ ଅଂଶଗ୍ରହଣ କରିଥିବା କଲେଜ ଛାତ୍ରଙ୍କ ଏକ ଗୋଷ୍ଠୀକୁ ମନେ ପକାଇ ଦେଇଥିଲେ। ଏଠାରେ ଏପରି ବି ଘଟୁଛି। ସରକାରଙ୍କ ଦ୍ୱାରା ଆପରାଧିକ ଆଇନର ଅନୌପଚାରିକ ପ୍ରୟୋଗ ପରେ ବ୍ୟକ୍ତି ଦୀର୍ଘ ସମୟ ଧରି ଲଢ଼ିବା ପାଇଁ ସଂଘର୍ଷ କରିବାକୁ ହୁଏ ବୋଲି ଭାରତୀୟମାନେ ଧରି ନେଇଛନ୍ତି। ଆମ ଗଣତନ୍ତ୍ରରେ ନାଗରିକମାନେ ସାଧାରଣତଃ ପୋଲିସ, ନ୍ୟାୟାଳୟ ଏବଂ ସରକାରଙ୍କୁ ଭୟ କରିବା ସ୍ୱାଭାବିକ ହୋଇପାରିବ ନାହିଁ। ହେଲେ ଏବେ ଭୟ ଭାରତର ଗଣତନ୍ତ୍ରରେ ଏକ ଅଂଶ ପାଲଟିଛି। ଚଳିତ ସପ୍ତାହର ଦୁଇଟି ମୁଖ୍ୟ ଖବର ଏହାର ଅର୍ଥକୁ ବ୍ୟାଖ୍ୟା କରିବ। ପ୍ରଥମ ଶୀର୍ଷକ ହେଉଛି, 'ଆଲ୍ଲାହାବାଦ ହାଇକୋର୍ଟ ଅଭିଯୁକ୍ତଙ୍କ ଗୋଡ଼କୁ ଗୁଳି ଚଳାଇଥିବା ଉତ୍ତର ପ୍ରଦେଶ ପୋଲିସକୁ ସମାଲୋଚନା କରିଛନ୍ତି'। ଉପର ଶୀର୍ଷକରେ ଲେଖା ଅଛି, 'ଖଣ୍ଡପୀଠ କହିଛନ୍ତି,ଏପରି ଆଚରଣ ସମ୍ପୂର୍ଣ୍ଣ ଭାବରେ ସ୍ୱୀକାରଯୋଗ୍ୟ ନୁହେଁ, କାରଣ ଦଣ୍ଡ ଦେବାର କ୍ଷମତା କେବଳ କୋର୍ଟଙ୍କର ରହିଛି'। ଦ୍ୱିତୀୟ ଶୀର୍ଷକଟି ହେଉଛି, 'ଉତ୍ତରାଖଣ୍ଡର ଧର୍ମାନ୍ତରୀକରଣ ଆଇନ ଅନୁଯାୟୀ କରାଯାଇଥିବା ମାମଲାଗୁଡ଼ିକ କୋର୍ଟରେ ପଡ଼ିରହୁଛି: ୭ ବର୍ଷରେ ୫ଟିର ବିଚାର ସମ୍ପୂର୍ଣ୍ଣ ହେବା ସହ ସେଥିରେ ସମସ୍ତ ୫ଜଣ ଦୋଷମୁକ୍ତ ହୋଇଛନ୍ତି'। ପ୍ରଥମ ଶୀର୍ଷକ ବିଷୟରେ ଉତ୍ତର ପ୍ରଦେଶ ସରକାର ଗତ ବର୍ଷ ଜୁଲାଇରେ ପ୍ରକାଶ କରିଥିଲେ ଯେ, ୨୦୧୭ ପରଠାରୁ ୯,୪୬୭ ଜଣଙ୍କ ଗୋଡ଼କୁ ଗୁଳି କରାଯାଇଛି। ଅର୍ଥାତ୍ ୯ ବର୍ଷ ଧରି ପ୍ରତିଦିନ ପ୍ରାୟ ୩ ଜଣଙ୍କ ଗୋଡ଼କୁ ଉତ୍ତର ପ୍ରଦେଶ ପୋଲିସ ଗୁଳି କରିଛି। କୋର୍ଟ ଅନୁଧ୍ୟାନ କରିଥିଲେ ଯେ, ଉପରିସ୍ଥ ଅଧିକାରୀଙ୍କୁ ଖୁସି କରିବା କିମ୍ବା ବିନା ପ୍ରକ୍ରିୟାରେ ଦଣ୍ଡ ଦେବା ପାଇଁ ଲୋକଙ୍କୁ ଗୁଳି କରାଯାଉଛି। କୋର୍ଟ କହିଛନ୍ତି,ଏହା ନ୍ୟାୟିକ ପ୍ରକ୍ରିୟାର ହସ୍ତକ୍ଷେପ ଏବଂ ଏହାକୁ ଗ୍ରହଣ କରାଯାଇପାରିବ ନାହିଁ। ବୟାନ ରେକର୍ଡିଂ ଏବଂ ତଦନ୍ତ ଉପରେ କୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପୋଲିସ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ପାଳନ କରୁନାହିଁ। ପୋଲିସ ଅଧିକାରୀମାନେ ବିଚାରପତିଙ୍କୁ ବିଶେଷକରି ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦେବା ପାଇଁ ଚାପ ପକାଇବା ବିଷୟରେ କୋର୍ଟ ଚିନ୍ତା ପ୍ରକଟ କରିଥିଲେ। ବିଚାରପତି କହିଛନ୍ତି, ପୋଲିସ ଷ୍ଟେଟ୍ ହେବା ଅର୍ଥାତ୍ ପୋଲିସ ସାହାଯ୍ୟରେ ଲୋକଙ୍କ ସ୍ୱାଧୀନତାକୁ ନିୟନ୍ତ୍ରଣ କରିବା ପାଇଁ କୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ଅନୁମତି ଦେଇପାରିବେ ନାହିଁ। ଦ୍ୱିତୀୟ ରିପୋର୍ଟର ଶୀର୍ଷକ ଥିଲା, ଉତ୍ତରାଖଣ୍ଡର ଧର୍ମାନ୍ତରୀକରଣ ଆଇନ ଅନୁଯାୟୀ ମାମଲାଗୁଡ଼ିକ କୋର୍ଟରେ ପଡ଼ିରହିଛି। ଉଲ୍ଲେଖନୀୟ ଯେ, 'ଲଭ୍ ଜିହାଦ'ର ଷଡ଼ଯନ୍ତ୍ର ତତ୍ତ୍ୱ ପ୍ରସାରିତ ହେବା ପରେ ଭାଜପା ଦ୍ୱାରା ଅନେକ ରାଜ୍ୟରେ ପ୍ରଣୀତ ଆଇନଗୁଡ଼ିକ ମଧ୍ୟରେ ଉତ୍ତରାଖଣ୍ଡ ଧର୍ମ ସ୍ୱାଧୀନତା ଆଇନ, ୨୦୧୮ ଥିଲା ପ୍ରଥମ। ଏହା ମୁସଲମାନ ଏବଂ ହିନ୍ଦୁଙ୍କ ମଧ୍ୟରେ ବିବାହର ଅପରାଧୀକରଣ କରେ, ଯଦି ଦମ୍ପତିଙ୍କ ମଧ୍ୟରୁ ଜଣେ ଧର୍ମ ପରିବର୍ତ୍ତନ କରିଥାନ୍ତି। କିନ୍ତୁ ଏହି ଆଇନ କହେ, ଯଦି କୌଣସି ବ୍ୟକ୍ତି ତାଙ୍କ ପୂର୍ବପୁରୁଷଙ୍କ ଧର୍ମକୁ ଫେରି ଆସନ୍ତି, ତେବେ 'ପୈତୃକ ଧର୍ମ'ର ଅର୍ଥ କ'ଣ ତାହା ବ୍ୟାଖ୍ୟା ନ କରି ଏହାକୁ ଧର୍ମ ପରିବର୍ତ୍ତନ ବୋଲି ବିବେଚନା କରାଯିବ ନାହିଁ। ଏହାର ଅର୍ଥ ହେଉଛି ଜଣେ ହିନ୍ଦୁ ଧର୍ମକୁ ଧର୍ମ ପରିବର୍ତ୍ତନ କଲେ ତାହା ଧର୍ମାନ୍ତରୀକରଣ ବୋଲି ଗଣାଯିବ ନାହିଁ। ଲଭ୍ ଜିହାଦ୍ ବିବାହର ଅଭିଯୋଗ ଦାଖଲ ହେବା ମାତ୍ରେ ଜଣେ ଜିଲା ମାଜିଷ୍ଟ୍ରେଟ ପୋଲିସ ମାଧ୍ୟମରେ ସେହି ପ୍ରସ୍ତାବିତ ଧର୍ମ ପରିବର୍ତ୍ତନର ପ୍ରକୃତ ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାରଣ ସମ୍ପର୍କରେ ତଦନ୍ତ କରିବେ। ଯେଉଁମାନେ ସରକାରଙ୍କ ନିକଟରେ ନିର୍ଦ୍ଧାରିତ ନିୟମ ମୁତାବକ ଆବେଦନ ନ କରି ନିଜର ଧର୍ମ ପରିବର୍ତ୍ତନ କରନ୍ତି ଏବଂ ଏଥିପାଇଁ ସରକାରଙ୍କ ଅନୁମତି ନ ନେଇଥାନ୍ତି , ତେବେ ପୋଲିସ ତଦନ୍ତ ପରେ ସେମାନଙ୍କୁ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ। ଏହି ଆଇନ ୭ ବର୍ଷ ଧରି କାର୍ଯ୍ୟକାରୀ ହେଉଛି। ଏହି ସମୟ ମଧ୍ୟରେ ୫ଟି ମାମଲାର ବିଚାର ଶେଷ ହୋଇଛି ଏବଂ ସବୁଥିରେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ବିଚାର ସମୟରେ ଆହୁରି ୭ଟି ମାମଲା ଖାରଜ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି, କୋର୍ଟ ରେକର୍ଡରୁ ଏହା ସ୍ପଷ୍ଟ ଯେ ପ୍ରାମାଣିକ ବା ସାକ୍ଷ୍ୟ ମାନଦଣ୍ଡ ପ୍ରାୟତଃ ପାଳନ କରାଯାଇ ନାହିଁ, ସହମତିଭିତ୍ତିକ ସମ୍ପର୍କକୁ ଅପରାଧ ଭାବେ ଦର୍ଶାଯାଇଛି ଏବଂ ତଦନ୍ତ ଓ ମାମଲା ରୁଜୁ କରିବାରେ ପ୍ରକ୍ରିୟାଗତ ତ୍ରୁଟି ରହିଛି।

ଏହି ରିପୋର୍ଟ କରୁଥିବା ଖବରକାଗଜର ସମ୍ପାଦକୀୟରେ ପ୍ରକାଶ ପାଇଥିବା ଶୀର୍ଷକ ହେଉଛି-'ଉତ୍ତରାଖଣ୍ଡରେ ନ୍ୟାୟପାଳିକା ନାଗରିକଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାତ୍ରାଧିକ କାର୍ଯ୍ୟରୁ ସୁରକ୍ଷା ଦିଏ'। ଏହା ହାସ୍ୟାସ୍ପଦ, କାରଣ ସେମାନଙ୍କୁ ଯେଉଁ ଦଣ୍ଡ ଦିଆଯାଇଛି ତାହା ବାସ୍ତବତାକୁ ପ୍ରତିପାଦନ କରେ। ଆମ ସମୟରେ, ଆମ ଚାରିପାଖରେ ଯାହା ଘଟୁଛି ତାହା ଦେଖି ସେଥିରୁ ଆମେ ଦୁଇଟି ନିଷ୍କର୍ଷରେ ପହଞ୍ଚିପାରିବା । ପ୍ରଥମତଃ ସମଗ୍ର ଭାରତରେ କର୍ତ୍ତୃପକ୍ଷଗୁଡ଼ିକ ଭାଜପା ସରକାର ଯାହା ଚାହୁଁଛନ୍ତି ତାହା ସହିତ ନିଜକୁ ଖାପଖୁଆଇ ଚାଲିବା ପାଇଁ ଜାଣିଶୁଣି ଆଇନ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ବୋଲି ଜାଣି ଆତ୍ମବିଶ୍ୱାସର ସହିତ ଏହା କରୁଛନ୍ତି । ଦ୍ୱିତୀୟ କଥା ହେଉଛି, ଆମେ ଯେଉଁଠାରୁ ଆରମ୍ଭ କରିଥିଲୁ ସେହି ବିଷୟକୁ ଫେରିଯିବା। ତେବେ ଏକ ଗଣତାନ୍ତ୍ରିକ ସମାଜର କର୍ତ୍ତୃପକ୍ଷଗୁଡ଼ିକ ଜାଣିଶୁଣି ଆଇନର ଶାସନ, ବିଶେଷକରି ଅପରାଧ ଆଇନର ଉଲ୍ଲଂଘନ କଲେ ଏହାର କ୍ଷଣସ୍ଥାୟୀ ଏବଂ ଦୀର୍ଘକାଳୀନ ପରିଣାମ ଦେଖିବାକୁ ମିଳେ। କ୍ଷଣସ୍ଥାୟୀ ପରିଣାମ ହେଉଛି ସରକାରଙ୍କ କାର୍ଯ୍ୟ ଦ୍ୱାରା ଜୀବନ ନଷ୍ଟ ହୋଇଯାଏ, ଯାହା ଆମେ ଦେଖିବାକୁ ପାଉଛୁ। ଦୀର୍ଘକାଳୀନ ପରିଣାମ ସମଗ୍ର ଦେଶ ଏବଂ ସମାଜକୁ ପ୍ରଭାବିତ କରେ। ଯେଉଁ ଦେଶ ନିଜକୁ ଆଇନର ଶାସନ ବିଷୟରେ ମିଛ କହେ, ସେ କ୍ଷେତ୍ରରେ ସମାଜରେ ଆଇନଶାସନର ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ଅନ୍ୟପକ୍ଷରେ ଗଣତନ୍ତ୍ରର ସୁଫଳ ମିଳିବା ଆଶା କ୍ଷୀଣ ହୋଇଯାଏ।

Email:aakar.patel@gmail.com

# ଅଗ୍ରଦୂତ ନବ ପ୍ରଭାତର



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରଗତିଶୀଳ ଚେତନାର ଭଗୀରଥ ଭଗବତୀ ଚରଣ ପାଣିଗ୍ରାହୀ। ଚାଷୀ ମୂଲିଆ ଓ ଅସହାୟ ମଣିଷର ପ୍ରକୃତ ବନ୍ଧୁ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଯେତେବେଳେ ଭାରତରେ ସାମ୍ୟବାଦ ନାଁ ଶୁଣିବାମାତ୍ରେ ଭୟରେ ଥରହର ହେଉଥିଲେ ଅଭିଜାତ ବର୍ଗ ଓ ଶୋଷକ ଗୋଷ୍ଠୀ, ସେତିକିବେଳେ ଓଡ଼ିଶାର ରାଜନୈତିକ ବାତାବରଣକୁ ପ୍ରକମ୍ପିତ କରିଥିଲା ସାମ୍ୟବାଦୀ ଆନ୍ଦୋଳନର ତୂର୍ଯ୍ୟନାଦ, ଯାହାର ଆବାହକ ଥିଲେ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ। କୌଣସି ଐତିହାସିକ ଅନୁବର୍ତ୍ତନର ଉନ୍ମେଷ ମୁହୂର୍ତ୍ତରେ ଯେଉଁମାନେ ନୂତନ ଭାବଧାରାର ଆବାହକ ହୁଅନ୍ତି, ସେମାନଙ୍କୁ ନିର୍ବାହ କରିବାକୁ ହୁଏ ସାମ୍ବାଦିକ, ସାହିତ୍ୟିକ, ସଙ୍ଗଠକ, ବକ୍ତା ଓ ପ୍ରଚାରକର ଦାୟିତ୍ୱ।

୧୯୩୧ ପରେ ଗାନ୍ଧୀ ଉର୍‌ଉଇନ ଚୁକ୍ତିର ବିଫଳତା ପରେ ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଅହିଂସା ମାର୍ଗ ପ୍ରତି ବଢ଼ିଲା ସଂଶୟ ଓ ଅସନ୍ତୋଷ। ଅନ୍ୟପକ୍ଷରେ ସମାଜବାଦୀ ଚିନ୍ତାଧାରାର ଉତ୍ସରଣ ଓ ଉତ୍କର୍ଷତା ପ୍ରତି ବଢ଼ିଲା ଯୁବଗୋଷ୍ଠୀର ଆକର୍ଷଣ। ଏମାନେ କଂଗ୍ରେସରେ ଥାଇ ଗଠନ କଲେ ସମାଜବାଦୀ ସଂଘ। ପରବର୍ତ୍ତୀ ସମୟରେ (୧୯୩୪) ସର୍ବଭାରତୀୟ ସ୍ତରରେ ଜନ୍ମଲାଭ କଲା କଂଗ୍ରେସ ସୋସାଲିଷ୍ଟ ପାର୍ଟି। ଆଚାର୍ଯ୍ୟ ନରେନ୍ଦ୍ରଦେବ ତା'ର ସଭାପତି ହେଲେ ଏବଂ ସମ୍ପାଦକ ଦାୟିତ୍ୱ ଗ୍ରହଣ କଲେ ଜୟ ପ୍ରକାଶ ନାରାୟଣ। ପ୍ରାଦେଶିକ ସ୍ତରରେ ମଧ୍ୟ କଂଗ୍ରେସରୁ ଅଲଗା ହୋଇ ଗଠନ ହେଲା ପ୍ରଜା ସୋସାଲିଷ୍ଟ ଦଳ। ଓଡ଼ିଶା କଂଗ୍ରେସ ମହଲରେ ସମାଜବାଦୀ ବିଚାରଧାରା ସମର୍ଥକ ଯୁବଗୋଷ୍ଠୀର ପୁରୋଭାଗରେ ଥାଆନ୍ତି ବୌଦ୍ଧିକ କ୍ଷେତ୍ରରେ ତେଜସ୍ୱୀ ନବକୃଷ୍ଣ ଚୌଧୁରୀ। ଓଡ଼ିଶାରେ ସେ ସମାଜବାଦୀ ଦଳର ନେତୃତ୍ୱ ନେଲେ ଏବଂ ତାଙ୍କ ସମ୍ପାଦନା ଓ ଭଗବତୀ ଚରଣଙ୍କ ସହଯୋଗରେ ପ୍ରକାଶ ପାଇଲା ଦଳର ମୁଖପତ୍ର ସାରଥି।

୧୯୩୪ ମସିହାରେ ନବଗଠିତ କଂଗ୍ରେସ ସୋସାଲିଷ୍ଟ ଦଳ ପକ୍ଷରୁ ଆରମ୍ଭ ହେଲା କୃଷକ ଆନ୍ଦୋଳନ। ଜମିଦାର ଓ ସାହୁକାରଙ୍କ ଶୋଷଣ ବିରୋଧରେ ଚାଷୀ ମୂଲିଆ ଏକଜୁଟ ହୋଇ ଗଠନ କଲେ କୃଷକ ସଂଘ। ସଂଗଠନର ମୁଖପତ୍ର ଭାବରେ କୃଷକ ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଲା, ଯାହାର ସମ୍ପାଦନା ଦାୟିତ୍ୱ ନେଲେ ଭଗବତୀ ଚରଣ ପାଣିଗ୍ରାହୀ। ମଠଧନ କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର, ଗଛ ମାଛରେ ପ୍ରଜାର ଅଧିକାର ସାବ୍ୟସ୍ତ ହେଉ ଇତ୍ୟାଦି ଦାବି ନେଇ ଏଥିରେ ଅନେକ ଲେଖା ପ୍ରକାଶ ପାଇଲା, ଯାହା ଶୋଷକ ଜମି ମାଲିକଙ୍କ ଆଖିରୁ ହଜେଇଦେଲା ନିଦ।

୧୯୩୫ ମସିହା ଶେଷଭାଗରେ ଭଗବତୀଙ୍କ ଉଦ୍ୟମରେ ଗଠନ ହେଲା 'ନବଯୁଗ' ସାହିତ୍ୟ ସଂସଦ। ତା'ର ଆବାହନୀ ସଙ୍ଗୀତ ଲେଖି କବି ଅନନ୍ତ ପଟ୍ଟନାୟକ ଗାଇଲେ ''ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା, ବକ୍ଷ ଶୋଣିତ ଲକ୍ଷ୍ୟ ଜୀବନେ ଖେଳାଅ ଆଲୋକ ଧାରା।'' ସାହିତ୍ୟ ମାଧ୍ୟମରେ ସମାଜବାଦୀ ଚେତନାକୁ ଆଗେଇ ନେବା ପାଇଁ ଭଗବତୀଚରଣଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କଲା (୧୯୩୬) ସଂସଦର ମୁଖପତ୍ର 'ଆଧୁନିକ'। ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ'ର ତୃତୀୟ ବର୍ଷ ଷଷ୍ଠ ସଂଖ୍ୟାରେ ଲେଖାଥିଲା- 'ନବଯୁଗର ବାର୍ତ୍ତା ବହନ କରିଆସୁଛି 'ଆଧୁନିକ'। ଓଡ଼ିଶାର ପତ୍ରିକା ଜଗତରେ ଯୁଗାନ୍ତର ହେବା ସହିତ ହୃଦୟରେ ସଞ୍ଚାରଣ କରିବ ଅଭିନବ ଜାଗରଣ'। 'ଆଧୁନିକ'ର ପ୍ରଥମ ସଂଖ୍ୟାରେ ତା'ର ଆଭିମୁଖ୍ୟକୁ ଆହୁରି ସ୍ପଷ୍ଟ କରିବା ଲକ୍ଷ୍ୟରେ ସମ୍ପାଦକ ଭଗବତୀଚରଣ ଲେଖିଲେ ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା ନୁହେଁ। ପୃଥିବୀବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ନିମନ୍ତେ ତା'ର ଜନ୍ମ। ସାପ ମରିବନି କି ବାଡ଼ି ଭାଙ୍ଗିବ ନାହିଁ- ଏହା ହିଁ ସାଧାରଣତଃ ସାହିତ୍ୟ ପତ୍ରିକାର ନୀତି। ମାତ୍ର ଆଧୁନିକ ଏହି ନୀତିର ଏକ ବ୍ୟତିକ୍ରମ। ବାଡ଼ି ଭାଙ୍ଗୁ ପଛେ ସାପକୁ ମାରିବା ତା'ର ଲକ୍ଷ୍ୟ'।



ଭଗବତୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉପଲକ୍ଷେ

ଓଡ଼ିଆ ସାହିତ୍ୟରେ ଭଗବତୀ ଚରଣଙ୍କ ବହୁଚର୍ଚ୍ଚିତ ଗଳ୍ପ 'ଶିକାର' ହିଁ ପ୍ରଗତିବାଦୀ ଚେତନାର ଅଗ୍ନିବୀଜ। ଏହା ଆଧୁନିକରେ ପ୍ରକାଶ ପାଇଲା(୧୯୩୬) ପରେ। ତା'ର ଅବିଶ୍ୱସନୀୟ ପାଠକୀୟ ଆବେଦନ ଏମିତି ସାମାଜିକ ଉନ୍ମାଦନା ସୃଷ୍ଟି କଲା ଯେ, ଓଡ଼ିଆ ସାହିତ୍ୟରୁ ହଟିବାକୁ ଲାଗିଲା ଜଡ଼ତା, କଳ୍ପନା ବିଳାସିତା ଓ ପଳାୟନପନ୍ଥୀ ଭାବନା। ଯୁଗଯୁଗ ଧରି ଯେଉଁମାନେ ମୂକ ଓ ନିର୍ବାକ୍ ଥିଲେ, ସେମାନଙ୍କ ମୁହଁରେ ଫୁଟିଲା ପ୍ରତିବାଦର ଭାଷା। ସାମନ୍ତବାଦୀ ଚରିତ୍ର ପରିବର୍ତ୍ତେ ସାହିତ୍ୟରେ ନାୟକ ଭାବେ ଚିତ୍ରିତ ହେଲେ ନିମ୍ନ ମଧ୍ୟବିତ୍ତ ବର୍ଗର ମଣିଷ। କାଲ୍‌ମାର୍କ୍ସଙ୍କ ଦାସ କ୍ୟାପିଟାଲ ପଢ଼ି ଭଗବତୀଚରଣ ବୁଝିଥିଲେ ଲୋକେ ଧର୍ମ ରୂପକ ଅଫିମ ଖାଇ କେବଳ ଶୋଷଣର ଶିକାର ହେଉନାହାନ୍ତି, ଏହା ଦ୍ୱାରା ବଢୁଛି ସାମ୍ପ୍ରଦାୟିକ ବିଦ୍ୱେଷ। ବିପନ୍ନ ହେଉଛି ଜାତୀୟ ଏକତା। ଏହି ମର୍ମରେ ସେ ଲେଖିଲେ- ''ଧର୍ମ ଯେଉଁଠାରେ ତା'ର ଶୁଭଦୃଷ୍ଟି ପକାଏ, ସେଠାରେ ଉପନିବେଶ ସ୍ଥାପନ କରେ ଦାସତ୍ୱ। ଜନତାର ଦାସତ୍ୱ ହିଁ ଧର୍ମର ସହଯାତ୍ରୀ। ଧର୍ମ ପ୍ରଚାରର ଉଦ୍ଦେଶ୍ୟ ହୁଏତ ଭିନ୍ନ ହୋଇପାରେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ତା'ର ପରିଣାମ ହେଉଛି ଜନତାର ଦାସତ୍ୱ। 'ଆଧୁନିକ'ର ପ୍ରଭାବରେ ଧୀରେଧୀରେ ତୁଟିବାକୁ ଲାଗିଲା ଧର୍ମ ଓ ଭଗବାନଙ୍କ ଉପରୁ ବିଶ୍ୱାସ। ସବୁଜ ପରୀର ଅଞ୍ଚଳ ତଳେ ମୁହଁ ଢାଙ୍କି ପ୍ରେମ ଓ ସୌନ୍ଦର୍ଯ୍ୟର ନିରାଜନା କରୁଥିବା ସବୁଜ କବିମାନଙ୍କୁ ସୁଦ୍ଧା ଉଚ୍ଚାଟ କଲା ପ୍ରଗତିବାଦୀ ସାହିତ୍ୟର ସାମାଜିକ ବାସ୍ତବତା। ଅତୀନ୍ଦ୍ରିୟ ରହସ୍ୟବାଦର ମାୟାଜାଲ ଛିଡ଼େଇ ସେମାନେ ଆଙ୍କିଲେ ନିର୍ଯାତିତ ମଣିଷର ଦୁଃଖ ଓ ଦୁର୍ଦ୍ଦଶାର କରୁଣ ଚିତ୍ର। 'ବଧୂ ଆସେ ମୋର ଧୀର ସୁଲଳିତ ତୃତୀୟ ଯୋଜନା ସମ' ଗାଉଥିବା ସ୍ୱପ୍ନବିଳାସୀ କବି (କାଳିନ୍ଦୀ ଚରଣ)ଙ୍କ କଲମରୁ ଝରିଆସିଲା- ''ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।''

୧୯୩୬ ମସିହାରେ ଗଠନ ହେଲା ଓଡ଼ିଶା କମ୍ୟୁନିଷ୍ଟ ପାର୍ଟି। ଭଗବତୀଚରଣ ହେଲେ ତା'ର ସମ୍ପାଦକ। ତାଙ୍କ ସାଙ୍ଗଠନିକ ଦକ୍ଷତା ଯୋଗୁ ମୋଗଲବନ୍ଦୀ ଅଞ୍ଚଳରେ ଚାଲିଥିବା କୃଷକ ଆନ୍ଦୋଳନର ପ୍ରଭାବ ଗଡ଼ଜାତ ଅଞ୍ଚଳରେ ପଡ଼ିଲା ଏବଂ ବିଭିନ୍ନ ରାଜ୍ୟରେ ଆରମ୍ଭ ହେଲା ପ୍ରଜାମେଳି। ପ୍ରତ୍ୟେକ ଗଡ଼ଜାତ ଅଞ୍ଚଳରେ ଗଢ଼ିଉଠିଲା ପ୍ରଜାମଣ୍ଡଳ। ସେତେବେଳେ ସାମନ୍ତବାଦୀ ପ୍ରଥା ପ୍ରଚଳିତ ଗଡ଼ଜାତ ରାଜ୍ୟଗୁଡ଼ିକରେ ଚାଲିଥିଲା ଅନ୍ଧାରି ଶାସନ। ରାସ୍ତାଘାଟ, କୋଠାବାଡ଼ି ଓ ରାଜପ୍ରାସାଦ ଇତ୍ୟାଦି ନିର୍ମାଣ ପାଇଁ ପ୍ରଜା ଖଟୁଥିଲେ ବେଠି। ରାଜା ପାରିଧିକୁ ଗଲେ, ହିଂସ୍ରଜନ୍ତୁସଙ୍କୁଳ ଜଙ୍ଗଲରେ ଖେଦା ଜଗୁଥିଲେ ପ୍ରଜା।

ସାମନ୍ତବାଦୀ ଶୋଷଣର ସବୁ ସୀମା ଟପି ଯାଇଥିଲା ଢେଙ୍କାନାଳ ଗଡ଼ଜାତ। ଏଠାରେ ରାଜା ଥିଲେ ସାକ୍ଷାତ୍ ଯମ। ଚିରାଚରିତ ଗଡ଼ଜାତ ଗଞ୍ଜଣା ବ୍ୟତୀତ ଏଠାରେ କେତେବେଳେ କାହା ନିଶ ଉପାଡ଼ି ଦିଆଯାଉଥିଲା ଅତି ନିର୍ମମ ଭାବରେ। କଟକ ଜିଲା ଜେନାପୁରଠାରେ ଅନୁଷ୍ଠିତ ବିରାଟ କୃଷକ ସମ୍ମିଳନୀ (୧୯୩୮)ପରେ ଢେଙ୍କାନାଳ ପ୍ରଜା ଆନ୍ଦୋଳନ ଉଗ୍ର ରୂପନେଲା, ଯାହାକୁ ଭଗବତୀଚରଣ ପରିଚାଳନା କରୁଥିଲେ ଗୁପ୍ତ ସଙ୍ଗଠନ ଜରିଆରେ। 'ରଣଭେରି' ନାମକ ପ୍ରଚାରପତ୍ର ଲେଖି ବିଭିନ୍ନ ଅଞ୍ଚଳକୁ ପଠାଉଥିଲେ ଗୁପ୍ତରେ। ୧୯୩୯ରେ ସେ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡରେ ପ୍ରବନ୍ଧ ଲେଖିବା ପରେ ଢେଙ୍କାନାଳ ବୀରତ୍ୱପୂର୍ଣ୍ଣ ପ୍ରଜା ଆନ୍ଦୋଳନ ସାରା ଭାରତର ଦୃଷ୍ଟି ଆକର୍ଷଣ କଲା ଏବଂ ତାଙ୍କୁ ଗିରଫ କରାଗଲା (୧୯୪୦ ମସିହା ଜାନୁଆରୀ ମାସ) କମ୍ୟୁନିଷ୍ଟ ଷଡ଼ଯନ୍ତ୍ର ମାମଲାରେ। ଦେଶଦ୍ରୋହ ଆଇନର ଧାରା ଲଗେଇ ତାଙ୍କୁ ଜେଲରେ ରଖାଗଲା ଦୀର୍ଘ ଅଢ଼େଇ ବର୍ଷ। ଜେଲରୁ ସେ ଖଲାସ ହେବା ବେଳକୁ ଓଡ଼ିଶାରେ ଦୁର୍ଭିକ୍ଷ ଅବସ୍ଥା। ବିଶେଷକରି ଗଞ୍ଜାମ ଅଞ୍ଚଳରେ ଖାଇବାକୁ ନ ପାଇ ମୃତ୍ୟୁମୁଖରେ ପଡୁଥିଲେ ଶହଶହ ଲୋକ। ବିଶ୍ରାମ ନ ନେଇ ଚୁଡ଼ା ଚାଉଳ ସଂଗ୍ରହ କରି ବୁଲିଲେ ଦୁର୍ଭିକ୍ଷ ଅଞ୍ଚଳରେ। ଗଞ୍ଜାମରେ ପହଞ୍ଚି ରୟତ ଆନ୍ଦୋଳନର ନେତା ଗୋବିନ୍ଦ ପ୍ରଧାନଙ୍କ ସହଯୋଗରେ ପରିଚାଳନା କଲେ ରିଲିଫ କାର୍ଯ୍ୟ। ପ୍ରପୀଡ଼ିତଙ୍କ ସେବା କରିବାକୁ ଯାଇ ନିଜର ଶରୀର ପ୍ରତି ଅବହେଳା କଲେ, ଯାହାର ପରିଣାମ ହେଲା ଚିରନିଦ୍ରା। ସର୍ବହରାଙ୍କ ପ୍ରତି ଅକଳ୍ପନୀୟ ଶ୍ରଦ୍ଧା ଓ ପ୍ରତିବଦ୍ଧତା ନେଇ ସାଲିସବିହୀନ ଲଢ଼େଇ ଲଢୁଥିବା ବିପ୍ଳବୀ ଭଗବତୀଙ୍କ ଜୀବନଦୀପ ଅବେଳରେ ଲିଭିଗଲା କମ୍ ବୟସରେ।

ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣେଇବାକୁ ଯାଇ କବି ସଚ୍ଚି ରାଉତରାୟ ଲେଖିଥିଲେ- ''ହେ ବନ୍ଧୁ ବିଦାୟ, ଯିବ ଯେବେ ଥାଅ ତେବେ, ଘେନିଯାଅ ମୋର ରକ୍ତ ପ୍ରଣାମ, ... ବିଦାୟ ବିଦାୟ ସାଥୀ ଅଗ୍ରଦୂତ ନବ ପ୍ରଭାତର।''

**ଅବସରପ୍ରାପ୍ତ ଅଧ୍ୟକ୍ଷ , ଭଦ୍ରକ।**
**୬୩୭୧୬୪୨୪୬୪**

# ଏକେଶ୍ୱରବାଦ ଧର୍ମ



ଗାୟତ୍ରୀ ସିଂହ

ଜଗତ କଲ୍ୟାଣ ପାଇଁ ମହିମା ଧର୍ମ ହେଉଛି ଅନନ୍ୟ। ସତ୍ ମାର୍ଗରେ ଯିବା ପାଇଁ ମହିମା ସ୍ୱାମୀ ବିଶ୍ୱର ସମସ୍ତ ଜନ ସମାଜକୁ ଆହ୍ୱାନ୍ କରିଥିଲେ। ମହିମା ଧର୍ମ ହେଉଛି ଓଡ଼ିଶାର ନିଜସ୍ୱ ଧର୍ମ। ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକେଶ୍ୱରବାଦ ଧର୍ମ। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ସ୍ୱୟଂ ମହିମା ଗୋସାଇଁ। ଏହି ଧର୍ମ ଏକ ଯୁଗାନ୍ତକାରୀ ଧର୍ମ। ସମାଜରେ ପ୍ରଚଳିତ କୁସଂସ୍କାର ଅନ୍ଧବିଶ୍ୱାସକୁ ଦୂର କରି ଏକ ମାନବାଦ ସମାଜ ଗଢ଼ିବା ପାଇଁ ମହିମା ସ୍ୱାମୀ ଭୀମ ଭୋଇଙ୍କୁ ଦାୟିତ୍ୱ ଦେଇଥିଲେ। ଭୀମ ଭୋଇଙ୍କ ସାହିତ୍ୟ ସର୍ଜନା ଯୋଗୁ ମହିମା ଧର୍ମ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ସୁପରିଚିତ। ସଂସାରର ମଙ୍ଗଳ କାମନା କରୁଥିବା ଦରଦୀ କବି ଭୀମ ଭୋଇ ଗୁରୁ ମହିମା ସ୍ୱାମୀଙ୍କ ପ୍ରତ୍ୟକ୍ଷ କୃପା ଲାଭ କରି ସର୍ବବିଦିତ ହୋଇଛନ୍ତି। ତାଙ୍କ ରଚନାରେ ମହିମା ଧର୍ମ ସହିତ ସଂସାରକୁ ପରିବର୍ତ୍ତନ କରିବାର ବାଣୀ ବେଶ୍ ପରିଲକ୍ଷିତ ହୋଇଥାଏ। ସଂସାରର ମଙ୍ଗଳ କାମନା କରୁଥିବା ସେ ବୋଧହୁଏ ପ୍ରଥମ କବି। ବର୍ତ୍ତମାନ ବହୁ ଗବେଷକ ମହିମା ସ୍ୱାମୀ, ଭୀମ ଭୋଇ, ଭୀମ ଭୋଇଙ୍କ କୃତି ଓ ମହିମା ଧର୍ମ ଉପରେ ଗବେଷଣା ଜାରି ରଖିଛନ୍ତି। ଏବେ ବି ଅନେକ ତଥ୍ୟ ଅପ୍ରକାଶିତ, ଅନାଲୋଚିତ ହୋଇରହିଛି।

ଧର୍ମ ସଂସ୍କୃତି ଆଧ୍ୟାତ୍ମିକ ଚେତନା ବେଳେ ବେଳେ ମନୁଷ୍ୟ ସମାଜକୁ ପ୍ରଭାବିତ କରିଥାଏ। ମନୁଷ୍ୟର ଧାର୍ମିକ ଚିନ୍ତାଧାରାରେ ପରିବର୍ତ୍ତନ ଆସିଥାଏ। ଧର୍ମ ନୀତି ଆଦର୍ଶ ସହିତ ବେଳେ ବେଳେ ସାଧୁସନ୍ଥଙ୍କ ବାଣୀ ଆଦର୍ଶ ମନୁଷ୍ୟ ସମାଜ ଉପରେ ପ୍ରଭାବ ପକାଇଥାଏ। ସେହି କ୍ରମରେ ମହିମା ସ୍ୱାମୀ ହେଉଛନ୍ତି ଅଦ୍ୱିତୀୟ, ଅଣାକାର, ଅଲେଖ ଓ ଅରୂପ।

ମହିମା ଧର୍ମର ଗବେଷକଙ୍କ ମତରେ ମହିମା ସ୍ୱାମୀ ପ୍ରଥମେ ହିମାଳୟରେ ଆବିର୍ଭାବ ହୋଇଥିଲେ। ଅନେକ ବର୍ଷ ପରେ ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଧୂଳିଆବାବା ନାମରେ ଆବିର୍ଭୂତ ହେଲେ। ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ଖଣ୍ଡଗିରିଠାରେ କିଛିବର୍ଷ ଅବସ୍ଥାନ କରିଥିଲେ। ତାଙ୍କର ଅଲୌକିକ ମହିମା ପ୍ରସାରିତ ହେବା ପରେ ଲୋକଙ୍କ ଯିବା ଆସିବା ତାଙ୍କ ପାଖକୁ ଲାଗିରହିଲା। ଫଳତଃ ଧ୍ୟାନରେ ବ୍ୟାଘାତ ହେବାରୁ ସେ ସ୍ଥାନ ପରିତ୍ୟାଗ କରି ସେ ଢେଙ୍କାନାଳର କପିଳାସ ପର୍ବତରେ ଧ୍ୟାନରତ ରହିଲେ। କପିଳାସରେ ଅବସ୍ଥାନ କରୁଥିବା ସମୟରେ ଗୋବିନ୍ଦ ଦାସ ତାଙ୍କର ପ୍ରଥମ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଗୋବିନ୍ଦ ଦାସ ଯେହେତୁ ବୌଦ୍ଧ ଜିଲାର ଥିଲେ ସେ ବୌଦ୍ଧରେ ମହିମା ଧର୍ମ ପ୍ରଚାର କରିବା ସହିତ ଗୁରୁଙ୍କ ନିର୍ଦ୍ଦେଶ ଅନୁସାରେ ମହିମା ମଠ ନିର୍ମାଣ କରିଥିଲେ। ଶିଷ୍ୟ ଗୋବିନ୍ଦ ଦାସଙ୍କ ସହିତ ମହିମା ସ୍ୱାମୀ ଓଡ଼ିଶାର ଅନେକ ସ୍ଥାନ ଭ୍ରମଣ କରି ମହିମା ଧର୍ମ ପ୍ରଚାର କରିବା ସହିତ ମଠ ନିର୍ମାଣ କାର୍ଯ୍ୟ ମଧ୍ୟ କରିଥିଲେ। ସେହି ସମୟରେ ରେଢ଼ାଖୋଲର କାଙ୍କଣପଡ଼ା ଗ୍ରାମରେ ଚୈତନ୍ୟ ପ୍ରଧାନଙ୍କ ଗୃହରେ ରହୁଥିବା ଅନାଥ ବାଳକ ଭୀମ ଭୋଇଙ୍କ ସହ ମହିମା ସ୍ୱାମୀ ଓ ଗୋବିନ୍ଦ ଦାସଙ୍କର ସାକ୍ଷାତ୍ ହୋଇଥିଲା। ଭୀମ ଭୋଇଙ୍କଠାରେ ମହିମା ଗୋସାଇଁ କବିତ୍ୱ ଭାବ ଥିବା ଦେଖି ପାରିଥିଲେ। ଭୀମ ଭୋଇ ତାଙ୍କ 'ନିର୍ବେଦ ସାଧନ' ଗ୍ରନ୍ଥରେ ମହିମା ଧର୍ମରେ ଦୀକ୍ଷିତ ହେବା କଥା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ଶିଷ୍ୟମାନଙ୍କ ସହିତ ମହିମା ଗୋସାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ମହିମା ଧର୍ମ ପ୍ରଚାର ପ୍ରସାର କରିବା ସହିତ ଆଶ୍ରମ ନିର୍ମାଣ କରିଥିଲେ। ମହିମା ସ୍ୱାମୀ ଶେଷ ସମୟ ପର୍ଯ୍ୟନ୍ତ ଯୋରନ୍ଦାରେ ଅବସ୍ଥାନ କରିଥିଲେ। ୧୮୭୫ ମସିହା ଶୁକ୍ଳ ଚତୁର୍ଦ୍ଦଶୀରେ ମହିମା ସ୍ୱାମୀ ପ୍ରଥମେ ଯୋରନ୍ଦା ମହିମା ଗାଦିରେ ଧୁନି ସ୍ଥାପନ କରି ମହିମା ମେଳା ଆରମ୍ଭ କରିଥିଲେ।



ଏହି ମେଳାରେ ସେ ଘୃତାହୁତି ଅର୍ପଣ ପୂର୍ବକ ଜଗତର ମଙ୍ଗଳ କାମନା କରିଥିଲେ। ୧୮୭୬ ମସିହା ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଯୋରନ୍ଦା ଟୁଙ୍ଗିରେ ମହିମା ସ୍ୱାମୀ ଦେହତ୍ୟାଗ କରିଥିଲେ। ମହିମା ସ୍ୱାମୀଙ୍କ ଦେହାବସାନ ପରେ ପ୍ରଭୁଙ୍କ ଆଜ୍ଞା ମୁତାବକ ସମାଧି ମନ୍ଦିର ନିର୍ମାଣ କରାଗଲା। ଏହାକୁ ଗାଦି ମନ୍ଦିର ମଧ୍ୟ କୁହାଯାଏ। ମହିମା ସ୍ୱାମୀ ଯୋରନ୍ଦାର ଯେଉଁ ଟୁଙ୍ଗିରେ ଧର୍ମ ଉପଦେଶ ଦେଉଥିଲେ ତାହା ଶୂନ୍ୟ ମନ୍ଦିର ଭାବେ ପରିଚିତ। ମହିମା ସ୍ୱାମୀଙ୍କ ଧର୍ମ ଉପଦେଶ ବାଣୀ ତଥା ତାଙ୍କର ଅଲୌକିକ ଗୁଣ ପାଇଁ ସେ ପ୍ରଭୁ ଅଲେଖ ମହିମା ଗୋସାଇଁ ଭାବରେ ପ୍ରତିଷ୍ଠିତ। ଭୀମ ଭୋଇ ଥିଲେ ମହିମା ଗୋସାଇଁଙ୍କ ପରମ ଭକ୍ତ। ଗୁରୁଙ୍କ ନାମ ଅନୁଯାୟୀ ମହିମା ଧର୍ମ ହୋଇଥିବାରୁ ଭୀମ ଭୋଇ ନିଜର ଭଜନ ଜଣାଣ ଚଉତିଶା ମାଧ୍ୟମରେ ସମଗ୍ର ଓଡ଼ିଶାରେ ଏହି ଧର୍ମର ପ୍ରଚାର ପ୍ରସାର କରିଥିଲେ। ମାନବ ଧର୍ମର ପ୍ରଚାରକ ଓ ପ୍ରସାରକ ଭାବରେ ସେ ସମସ୍ତଙ୍କ ଉପାସ୍ୟ।

**ଆଠମଲ୍ଲିକ, ଅନୁଗୁଳ**
**ମୋ:୭୬୦୬୯୫୭୪୪୫**

## ଏଇ ଭାରତରେ

ମଧ୍ୟପ୍ରଦେଶର ରଶ୍ମି ଦୁବେ କୃଷିରେ ସଫଳତା ପାଇବା ସହ ୨୦୦୦ କୃଷକଙ୍କୁ ମାର୍ଗଦର୍ଶନ କରୁଛନ୍ତି। ମଧ୍ୟପ୍ରଦେଶର ସେନଗୁଡ଼ା ଗାଁରେ ରହୁଛନ୍ତି ରଶ୍ମି। ତାଙ୍କ ପ୍ରାରମ୍ଭିକ ବିବାହିତ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଥିଲା। ତାହାକୁ ମୁକାବିଲା କରି ସେ ୧୮ ବର୍ଷ ବୟସରେ ବିବାହ ପରେ ସେନଗୁଡ଼ା ଗାଁକୁ ଆସିଥିଲେ। ପରେ ସେ ଅଭାବ ଯୋଗୁ ପରିବାର ଚଳାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପାରିବାରିକ ଅଭାବ ଦୂର କରିବା ପାଇଁ ୨୦୧୫ରେ ରଶ୍ମି ପ୍ରଥମେ ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଇଥିଲେ। ସେଠାରୁ ସେ ସଞ୍ଚୟ, ନାରୀ ସଶକ୍ତୀକରଣ ତଥା କୃଷି ସମ୍ବନ୍ଧୀୟ ଆଲୋଚନାରୁ ଅନେକ କିଛି ଶିକ୍ଷା ଲାଭ କରିଥିଲେ। ୨୦୧୮ରେ ପ୍ରଫେଶନାଲ ଆସିଷ୍ଟାଣ୍ଟ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନରୁ ଆଧୁନିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ପ୍ରଥମେ ସେ ତାଙ୍କ ପୈତୃକ ଜମିରେ ଚାଷ ଆରମ୍ଭ କରିଥିଲେ। ଏଥିରେ ମଧ୍ୟ ସେ ସଫଳ ହୋଇଥିଲେ। ପରେ ରଶ୍ମି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟରେ ସେନଗୁଡ଼ା ଓ ଏହାର ଆଖପାଖ ଗାଁଗୁଡ଼ିକରେ କୃଷକମାନଙ୍କୁ କୃଷି ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରଥମେ ତାଙ୍କ ସହ ୧୫୦ କୃଷକ ସାମିଲ ହୋଇଥିଲେ। ଏବେ ୨୦୦୦ କୃଷକ ତାଙ୍କ ସହ ଯୋଡ଼ି ହୋଇ ବିଭିନ୍ନ ଫସଲ କରୁଛନ୍ତି ଓ ଅଧିକ ଆୟ କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଫେବୃଆରୀ ୧୯୭୭**

- ଗୁଜରାଟ ୨୮୦ କୋଟି ୫୦ ଲକ୍ଷ ଟଙ୍କା ଯୋଜନା ଅଟକଳକୁ ଯୋଜନା କମିଶନ ସ୍ୱୀକୃତି ଦେଇଛନ୍ତି।
- ଜୟପୁରଠାରେ କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ କମଳାପତି ତ୍ରିପାଠୀ ପାଟଳନଗରୀ ଏକ୍ସପ୍ରେସ୍ ଚଳାଚଳ ଉଦ୍‌ଘାଟନ କରିଛନ୍ତି।
- ଭାରତୀୟ ଲୋକଦଳରୁ ଶ୍ରୀକୃଷ୍ଣ ବାଜପେୟୀ, ଶ୍ରୀ ଓ.ପି. ଶର୍ମା ଏବଂ ଶ୍ରୀ ଅସ୍ତାର ଅହମ୍ମଦଙ୍କ ଇସ୍ତଫା ପ୍ରଦାନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 2 |
| 9 | | 3 | | 2 | | 8 | | 1 |
| 7 | | | 1 | | 9 | 4 | | 5 |
| | 5 | 8 | 2 | | | 1 | 6 | |
| | | | | 8 | | | | |
| | 7 | | | 4 | | | | |
| 8 | | 6 | 7 | | | | 2 | |
| | 3 | 7 | | | 2 | | | |
| 4 | | 5 | | 3 | 8 | | 1 | 6 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 4 | 7 | 2 | 9 | 8 | 5 | 3 |
| 9 | 8 | 3 | 6 | 1 | 5 | 2 | 7 | 4 |
| 2 | 7 | 5 | 3 | 8 | 4 | 6 | 9 | 1 |
| 4 | 3 | 7 | 8 | 5 | 6 | 1 | 2 | 9 |
| 5 | 6 | 1 | 9 | 4 | 2 | 7 | 3 | 8 |
| 8 | 9 | 2 | 1 | 7 | 3 | 5 | 4 | 6 |
| 1 | 2 | 8 | 4 | 9 | 7 | 3 | 6 | 5 |
| 7 | 4 | 6 | 5 | 3 | 1 | 9 | 8 | 2 |
| 3 | 5 | 9 | 2 | 6 | 8 | 4 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାରେ ସମସ୍ୟା

ମହାଶୟ,

ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଦିନ ନୂଆ ନୂଆ ଯୋଜନା ସବୁଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି। କିନ୍ତୁ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ଅନେକ ଦୋଷ ଦୁର୍ବଳତା ରହିଥିଲେ ମଧ୍ୟ ସରକାର ସଂଶୋଧନ କରୁନାହାନ୍ତି। ତେଣୁ ଯୋଜନାସବୁର ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଗରିବ ଦୁଃସ୍ଥମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତାର ବ୍ୟବସ୍ଥା କରିଛନ୍ତି। ଏହା ଉତ୍ତମ ବ୍ୟବସ୍ଥା ହେଲେ ମଧ୍ୟ ଗୋଟିଏ ପରିବାରରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଭତ୍ତା ପାଇବାରୁ ଏବେ ପ୍ରାୟ ୧୧ ଲକ୍ଷ ନୂଆ ହିତାଧିକାରୀ ଚାତକ ପରି ଭତ୍ତା ପାଇଁ ଅପେକ୍ଷା କରି ରହିଛନ୍ତି। ତେଣୁ ସରକାର ସବୁ ପରିବାରକୁ ଭତ୍ତା ଦେବାର ତୁରନ୍ତ ବ୍ୟବସ୍ଥା କରନ୍ତୁ। ତେବେ ଯାଇ ସମସ୍ୟା ସମାଧାନ ହୋଇପାରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ନୀତି ନିୟମରେ ହେଉ ନ ଥିବାରୁ କୋଠାଘର ଥିବା ଆବାସକୁ ହଡ଼ପ କରି ତାକୁ କୋଠା ସହିତ ମିଶାଇ ଜଣେ ଘର କରିପାରୁଛି। ଧାନ ଅମଳ ପରେ ଯେଉଁ ଚାଷୀ ମଣ୍ଡିରେ ଧାନ ବିକି ନ ପାରି ଆନ୍ଦୋଳନ କରୁଛି, ସେ କ୍ଷେତ୍ରରେ କେଉଁ ନ୍ୟାୟରେ ଖାଦ୍ୟ ନିରାପତ୍ତା ପାଇଁ ମୁଣ୍ଡପିଛା ୫ କିଲୋ ଚାଉଳ ଦିଆଯାଉଛି। ସରକାରୀ କଳ ହେଉଛି ଗୋଟିଏ କମ୍ବଳ।

**-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱର ଶତ କ୍ଷତେ
ବ୍ୟଥିତ ବଧିର
ଏ ମରମୁଁ ଗଳେ ଚିର
ଲୋହିତ ରୁଧିର ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନନ୍ଦନକାନନରେ ୩ ବଉଳା କୁମ୍ଭୀର, ୫ ଗୁରାଣ୍ଡି ମୃତ

**ବାରଙ୍ଗ,୩୧।୧(ଲିଙ୍ଗରାଜ ରାଉତ)**

ପ୍ରାଣୀ-ଉଦ୍ୟାନ ନନ୍ଦନକାନନରେ ୩ ବଉଳାକୁମ୍ଭୀର ଓ ୫ ଗୁରାଣ୍ଡିଙ୍କ ମୃତ୍ୟୁ ଘଟିଛି। ଏଣୁ ଦାୟିତ୍ୱରେ ଥିବା ପ୍ରାଣୀ ବିଭାଗ ଓ ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ କର୍ତ୍ତୃପକ୍ଷ କିନ୍ତୁ ମୁହଁ ଖୋଲୁନାହାନ୍ତି। ପ୍ରାଣୀବିଭାଗ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲ ମନୋଭାବ ଓ ଡାକ୍ତରମାନେ ଠିକ୍ ଭାବେ ରୋଗ ଚିହ୍ନଟ ନ କରିପାରିବା ଯୋଗୁ ନିରୀହ ପ୍ରାଣୀମାନଙ୍କ ଅକାଳ ମୃତ୍ୟୁ ଘଟୁଛି ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଚଳିତ ମାସରେ ୧୭ଟି ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେଥିମଧ୍ୟରେ ୩ ବଉଳାକୁମ୍ଭୀର ଓ ୫ ଗୁରାଣ୍ଡି ରହିଛନ୍ତି। ସେହିପରି ଗତ ୨୯ରେ ୧, ୩୦ରେ ୨ ବଉଳାକୁମ୍ଭୀରଙ୍କ ମୃତ୍ୟୁ ଘଟିଥିବା ବେଳେ ୭ରେ ୧ମାଈ, ୯ରେ୧ ଅଣ୍ଡିରା, ୨୧ରେ ୧ ଅଣ୍ଡିରା, ୨୩ରେ୧ ଅଣ୍ଡିରା, ୩୧ତାରିଖରେ ୧ ଗୁରାଣ୍ଡିର ମୃତ୍ୟୁ ଘଟିଛି।

# ସବୁ ବିପତ୍ତିର ମୁକାବିଲା ପାଇଁ ଅଗ୍ନିଯୋଦ୍ଧା ପ୍ରସ୍ତୁତ

**ଭୁବନେଶ୍ୱର,୩୧।୧(ଜିତେନ୍ଦ୍ର କୁମାର ନାୟକ/ମିହିର କାନ୍ତ ଦାସ)**

ଦମକଳ ଘଣ୍ଟି ବାଡ଼ାଇ ରାସ୍ତାରେ ଗଲା ବେଳେ ଦେଖଣାହାରୀଙ୍କ ମନକୁ ଗୋଟିଏ କଥା ଆସିଥାଏ-କେଉଁଠି ନିଆଁ ଲାଗିଗଲା। ସେଥିପାଇଁ ଲୋକେ ତାକୁ ରାସ୍ତା ଛାଡ଼ିଦେଇଥାଆନ୍ତି। ଏବେ ଘଣ୍ଟି ବଦଳରେ ସାଇରନ୍ ବାଜୁଛି। ତେବେ ଅଗ୍ନିଶମ ବାହିନୀ ବର୍ତ୍ତମାନ କେବଳ ନିଆଁ ଲିଭାଇବାରେ ନିଜକୁ ସୀମିତ ରଖିନାହିଁ। ଏହାର ପରିସର ବ୍ୟାପକ ହୋଇ ସଡ଼କ ଦୁର୍ଘଟଣା ଓ ବିଭିନ୍ନ ପ୍ରକାର ବିପତ୍ତିକୁ ମୁକାବିଲା କରିବା ଦିଗରେ ପ୍ରଥମ ପ୍ରତିକ୍ରିୟାକାରୀ (ଫାଷ୍ଟ ରେସପଣ୍ଡର) ସେବା ଯୋଗାଇବା ବାହିନୀରେ ପରିଣତ ହୋଇଛି। ଅଗ୍ନିଯୋଦ୍ଧାମାନେ ପୂର୍ବାପେକ୍ଷା ଅଧିକ ପ୍ରଶିକ୍ଷିତ ହୋଇପାରିଛନ୍ତି। ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନ (ଓଏଫ୍‌ଡିଆର୍‌ଏ)ରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ର ଶେଷ ଦିନରେ ଶନିବାର ଗଣମାଧ୍ୟମର ବରିଷ୍ଠ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଏଭଳି ମତ ରଖିଛନ୍ତି ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ।

ଓଡ଼ିଶା ଫାୟାର ଆଣ୍ଡ୍ ଏମର୍ଜେନ୍ସି ସର୍ଭିସ (ଓଡ଼ିଶା ଅଗ୍ନିଶମ ଓ ଜରୁରିକାଳୀନ ସେବା) ସଡ଼କ ସୁରକ୍ଷା ସଚେତନତା ଓ ବିଭାଗର ରାସ୍ତା ଦୁର୍ଘଟଣା ପ୍ରତିକ୍ରିୟା ଏବଂ ବିପଦ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କେନ୍ଦ୍ରିତ ଖବରଦାତା ସମ୍ମିଳନୀରେ ଡ. ଷଡ଼ଙ୍ଗୀ ବିଭାଗର ଭବିଷ୍ୟତ କାର୍ଯ୍ୟଧାରା ଉପରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ତାଙ୍କ କର୍ମଚାରୀମାନେ ପ୍ରତିଦିନ ଅଧିକ ଜୀବନ ରକ୍ଷା କରୁଛନ୍ତି। ମେରୁଦଣ୍ଡ ଓ ମସ୍ତିଷ୍କ ଆଘାତପ୍ରାପ୍ତ ବ୍ୟକ୍ତିଙ୍କୁ କିଭଳି ଅତି ସତର୍କତାର ସହିତ ଡାକ୍ତରଖାନାରେ ପହଞ୍ଚାଯାଇପାରିବ ଓ ଅଚେତ ରୋଗୀଙ୍କୁ ଠିକ୍ ଭାବେ ସାଷ୍ଟାମ କରାଯାଇପାରିବ, ତାହା ଉପରେ ଆଲୋକପାତ କରିଥିଲେ। ଦୃଷ୍ଟାନ୍ତ ଦେବାକୁ ଯାଇ ସେ କହିଥିଲେ ଯେ, ଦୁର୍ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ '୧୧୨'କୁ ଫୋନ୍ କରିବା ସହ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଠିକ୍ ଭାବେ ଉଠାଇବା ଦରକାର। ସାଧାରଣତଃ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ଦୁଇ ଗୋଡ଼ ଓ ହାତକୁ ଟେକି ନେଇଥାଆନ୍ତି। କିନ୍ତୁ ବିଜ୍ଞତାର ବିଷୟ ହେବ ତାଙ୍କ ମୁଣ୍ଡକୁ ମଧ୍ୟ ସମାନ ଭାବେ ସନ୍ତୁଳନ ରକ୍ଷା କରି ବୋହି ନେବା ଦରକାର। ଗଣମାଧ୍ୟମରେ ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ହେଲେ ଲୋକେ ବାସ୍ତବତା ବୁଝିପାରିବେ ବୋଲି ଡ. ଷଡ଼ଙ୍ଗୀ କହିଥିଲେ। ବର୍ତ୍ତମାନ ଓଡ଼ିଶା ଅଗ୍ନିଶମ ସେବା କେଉଁଭଳି ସେବା ଯୋଗାଇବାର ଭବିଷ୍ୟତ ଦୃଷ୍ଟିକୋଣ ରଖିଛି ବୋଲି ଧରିତ୍ରୀ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଓଡ଼ିଶା ଅଗ୍ନିଶମ ସେବା ବିଶ୍ୱସ୍ତରୀୟ ପ୍ରଯୁକ୍ତି ଆପଣାଇ ଜରୁରିକାଳୀନ ପ୍ରତିକ୍ରିୟାମାନଙ୍କ ଅନୁଯାୟୀ କାର୍ଯ୍ୟ କରୁଛି। ସେଥିଯୋଗୁ ୨୦୨୫ରେ ଓଡ଼ିଶା ଫାୟାର ଆଣ୍ଡ୍ ଏମର୍ଜେନ୍ସି ସର୍ଭିସ ୮,୧୭୨ଟି ସଡ଼କ ଦୁର୍ଘଟଣା କଲ୍ ପାଇଥିବା ବେଳେ ୮,୭୪୨ ଜଣଙ୍କ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲା, ଯାହା ରାଜ୍ୟବ୍ୟାପୀ ଜରୁରିକାଳୀନ ଚିକିତ୍ସା ସେବା ଓ ଉଦ୍ଧାର କାର୍ଯ୍ୟରେ ବିଭାଗର ବିସ୍ତାରିତ ଭୂମିକାକୁ ଦର୍ଶାଇଛି ବୋଲି ଡ. ଷଡ଼ଙ୍ଗୀ କହିଥିଲେ।



ଅଗ୍ନିଯୋଦ୍ଧାମାନେ ଯାନ୍ତ୍ରିକ ଉପକରଣ ପ୍ରଦର୍ଶନ କରୁଛନ୍ତି।

ଏହି ଅବସରରେ ବିଭାଗ ତା'ର ଉନ୍ନତ ଉଦ୍ଧାର ଓ ଜୀବନରକ୍ଷାକାରୀ ଉପକରଣଗୁଡ଼ିକୁ ସ୍ଲାଇଡ୍ ମାଧ୍ୟମରେ ପ୍ରଦର୍ଶନ କରିଥିଲା। ସେଥିରେ ଇନ୍‌ସିଡେଣ୍ଟ କମାଣ୍ଡ ଭେହିକଲ, ଆଡଭାନ୍ସଡ୍ ରେସ୍କୁ ଟେଣ୍ଡର, କୋର୍ ଆଣ୍ଡ୍ ପ୍ଲାଜ୍‌ମା କଟିଂ ମେଶିନ୍, ମଲ୍ଟିପର୍ପସ୍ କ୍ୱିକ୍ ରେସ୍‌ପନ୍ସ ୟୁନିଟ୍, ମୃତଦେହକୁ ସମ୍ମାନର ସହିତ ପରିବହନ ପାଇଁ ମର୍ଚ୍ଚୁଆରି ଭେହିକଲ୍ ଆଦି ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଅଗ୍ନିଶମ ଆଇଜି ଡ. ଉମାଶଙ୍କର ଦାସଙ୍କ ରଚିତ 'ଅଗ୍ନିଯୋଦ୍ଧା ଶୀର୍ଷକ ସଙ୍ଗୀତ' ମାଧ୍ୟମରେ ବିଭାଗ ପକ୍ଷରୁ ବିପତ୍ତି ମୁକାବିଲାରେ ଅଗ୍ନିଶମ ଯୋଦ୍ଧାଙ୍କ ସଫଳ ପଦକ୍ଷେପ ସ୍ଥାନ ପାଇଥିଲା।

ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷ ଓ ଖବରଦାତାଙ୍କ ଆଲୋଚନା କାର୍ଯ୍ୟକ୍ରମ ପରେ ଅଗ୍ନିଯୋଦ୍ଧାମାନେ ଯାନ୍ତ୍ରିକ ଉପକରଣ ବ୍ୟବହାର ସହିତ ସେମାନଙ୍କ ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଗ୍ନିଶମ ବାହିନୀର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


# Classified Everyday

**0674-2580101, 9692975378**



MATRIMONIAL

## GROOM WANTED

Bankରେ ଚାକିରି କରୁଥିବା ୩୨ବର୍ଷର ବ୍ରାହ୍ମଣ ଝିଅ ପାଇଁ ଚାକିରି କରୁଥିବା vegetarian ବରପାତ୍ର ଆବଶ୍ୟକ। Contact- 9078494524. D-3262



REAL ESTATE

## SALE

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75860

Own Gharabari Residential Plot 3100sqft. with Compoundwall & Electricity at Brahmanjharilo, 7km from Phulnakhara, Cuttack & 12km from Bhubaneswar. Total Rs.41Lakhs (Including Registr ation charges). 7809525452. D-240

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

ODISHA'S First Resort Property(GMA & PCP) @10,00,000 Contact-8917622925. D-3247

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194

2482Sqft. individual ଘରବାରି ପଟ୍ଟା yellowzone NH to 100mtr CV Raman College ଛକରେ ବିକ୍ରି ହେବ। 9776866520. D-3248

ଭୁବନେଶ୍ୱର ବରମୁଣ୍ଡାରୁ **48km farmhouse land** ପିଚୁରୋଡକୁ ଲାଗି ଏକର ୨୮ ଲକ୍ଷରେ ବିକ୍ରି ହେବ। **8144706560.** D-3199



CONSTRUCTION

Construct your home with Colour Tile Plaster, Electrical, PHD, Dor complete 1350/- 9827152441. D-3270

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

GROUND FLOOR 1800SQFT. NEAR CHINTAMANISWAR TEMPLE BHUBANESWAR BOTH SIDE ROAD FOR GODOWN/ COMMERCIAL. 7008506934/ 7978968374. D-3237



All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Wellness relax body massage & jointpain treatment by trend therapist. 6372110065. D-76951

## AFFIDAVIT

By virtue of an affidavit sworn before the Executive Magistrate, Keonjhar, dtd.- 19.01.2026, I, Tapaswani Das, Adress: At- Kapasapada, P.O.- Ketang, P.S./ Block- Ghatagaon, Dist.- Keonjhar declare that I have changed my name from Tapoi Matia to Tapaswani Das. Henceforth, I shall be known as Tapaswani Das for all purpose.
Tapaswani Das
D-3276

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ମୁଁ, କଲ୍ୟାଣୀ ପ୍ରଧାନ, ସ୍ୱାମୀ- ପବିତ୍ର ନାୟକ, ଗ୍ରାମ/ ପୋଷ୍ଟ- ସିକ୍ରୀଡ଼ା, ଥାନା- ନୂଆଗାଁ, ଜି.- ନୟାଗଡ଼, ରାଜ୍ୟ- ଓଡ଼ିଶା, ପିନ୍- 752083 ଘୋଷଣା କରୁଅଛି ଏହି ସତ୍ୟପାଠ ନଂ. ୯୧୩୫, ତା.୦୭।୦୬।୨୦୨୪ ଆଜିଠାରୁ ଭବିଷ୍ୟତରେ କଲ୍ୟାଣୀ ପ୍ରଧାନ ନାମରେ ଜଣାଯିବି। ଧ-୩୨୭୩

By virtue of an affidavit sworn before the Executive Magistrate, Bari, Jajpur, No.- 3431, dated- 02.01.2026, I, SUBHASHREE SAMAL, D/o.- SRINATH SAMAL, Address: At- Kenkarada, P.O.- Balibili, P.S.- Bari Ramachandrapur, Dist.- Jajpur, PIN- 755003 declare that I have changed my name from Rajesh Samal to Subhashree Samal. Henceforth, I shall be known as Subhashree Samal for all purposes. D-3264

By virtue of affidavit No. CF No. 198 dated 30.01.2026 sworn in before the Executive Magistrate, Bargarh, I, Sri Ankit Agarwal, S/o. Sri. Hari Prasad Agrawal, resident of Ward No. 5, Main Road, Bargarh, Odisha, PIN- 768028 do hereby declare that from now onwards shall be known as Sri Ankit Agrawal for all purposes. D-3266

By virtue of affidavit No. CF No. 197, dated 30.01.2026 sworn in before the Executive Magistrate, Bargarh, I, Sri Amit Kumar Agarwal, S/o. Sri. Hari Prasad Agrawal, resident of Ward No. 5, Main Road, Bargarh, Odisha, PIN- 768028 do hereby declare that from now onwards shall be known as Sri Amit Kumar Agrawal for all purposes. D-3265

By virtue of an affidavit sworn before the Executive Magistrate, Jagatsinghpur, dated- 29.01.2026, I, Subhrajit Kumar Swain of Vill.- Erasama (Paikasahi), P.O./P.S.- Erasama, District- Jagatsinghpur- 754139, Odisha declare that I have changed the name of my son from Sai Krisnan Swain to Sai Krishna Swain. Henceforth, he shall be known as 'Sai Krishna Swain' for all purposes.
Subhrajit Kumar Swain
D-3263

I, Ajhar Imam, S/o Late. Mohammad Rafik, resident of Azad Basti, Ward No. 8, Barbil, P.O./P.S.- Barbil, Dist.- Keonjhar, PIN- 758035, Odisha declare by this affidavit No. 377, Dtd. 31.01.2026 that now onwards I shall be known as AZHAR IMAM for all future purposes. D-3272

## LOST

I, Ratish Kumar Patra, S/o. Late Krishna Chandra Patra, Resident of Plot No. HIG-124, Dharma Vihar, P.S.- Khandagiri, Bhubaneswar, Dist.- Khurda, Odisha declare that Original Lease-cum-Sale Deed vide Document No. 2218/2009 on dated 17.03.2009 pertaining to property situated at HIG-124 vide Drawing No. L-1232/2000 of Orissa State Housing Board, Plot No.650 (P) under Khata No.1154, Area- 2123 Sqft, Mz- Jagamara, P.S.- Khandagiri, Dist.- Khurda, DSR- Khandagiri, Bhubaneswar has been lost somewhere. In this connection, I have lodged a FIR at Khandagiri Police Station vide GD No.006 dated 27.01.2026. If anyone finds it, kindly inform me on the below mentioned contact No. Ratish Kumar Patra, Mobile No. 9748541881. D-3267

ଧରିତ୍ରୀ
DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI
BHARAT INTERFACE FOR MONEY | UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

IR No.- 42, Date- 29.01.2026

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ଆଶୁତୋଷ ସାମଲ, OAS(SAG)
ଅତିରିକ୍ତ ଡିଭିଜନ କୋର୍ଟ ନଂ.- 2, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ,
ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୮୦୭/୨୦୧୯

ଦେବେନ୍ଦ୍ରନାଥ ସ୍ୱାଇଁ ...........ବାଦୀ
ବନାମ
ସେଟେଲମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ..........ପ୍ରତିବାଦୀ ସମୂହ
ନୋଟିସ୍ ସି.ପି.ସି ଅର୍ଡର- ୫ ରୁଲ- ୨୦ ମୁତାବକ

ପ୍ରତିବାଦୀ ନଂ. ୨- ସିଧିଆ ଓରଫ ସିଦ୍ଧେଶ୍ୱର ବେହେରା, ପିତା- ୰ ରେବ ଓରଫ ବେଣୁଧର ବେହେରା, ପିତା- ୰ ମାଧବ ବେହେରା, ସା- ପଥରଗାଡ଼ିଆ, ପୋ- କିଟ୍, ଥାନା- ଇନ୍‌ଫୋସିଟି, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ. ୫- ମୀନା ବେହେରା, ସ୍ୱାମୀ- ଶ୍ରୀକୃଷ୍ଣ ବେହେରା, ପ୍ରତିବାଦୀ ନଂ. ୮- ଶଶୀ ବେହେରା, ସ୍ୱାମୀ- ରଞ୍ଜନ ବେହେରା, ପ୍ରତିବାଦୀ ନଂ. ୯- ଜନାର୍ଦ୍ଦନ ବେହେରା, ପ୍ରତିବାଦୀ ନଂ. ୧୦- କାହ୍ନୁ ବେହେରା, ପ୍ରତିବାଦୀ ନଂ. ୧୧- ସୁରେଖା ବେହେରା, ପ୍ରତିବାଦୀ ନଂ. ୧୨- ମୀନା ବେହେରା, ପ୍ରତିବାଦୀ ନଂ. ୧୩- ବବି ବେହେରା, ପ୍ରତିବାଦୀ ନଂ. ୧୪- ମିଞ୍ଜି ବେହେରା ଏମାନଙ୍କର ପିତା- ରଞ୍ଜନ ବେହେରା, ସମସ୍ତଙ୍କର ସା.- ପଥରଗାଡ଼ିଆ, ପୋ- କିଟ୍, ଥାନା- ଇନ୍‌ଫୋସିଟି, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୫,୮,୯,୧୦,୧୧,୧୨,୧୩ ଓ ୧୪ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶଦେଲେ କି ଆସନ୍ତା ତା୨୦.୦୨.୨୦୨୬ରିଖରେ ୧୧.୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍ କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନ୪୦ମ୍ବର, ମୌଜା- ପଥରଗାଡ଼ିଆ, ସାବକ ଖାତା- ୩୯, ସାବକ ପ୍ଲଟ୍- ୫୬୯, ଏରିଆ- ଏ୦.୧୪୫ଡି., ହାଲ୍ ଖାତା- ୩୦୭, ହାଲ୍ ପ୍ଲଟ୍- ୧୫୭୩, ଏରିଆ- ଏ୦.୧୪୫ଡି.

ଉଲ୍ଲେଖଯୋଗ୍ୟ କି ସାବକ ପ୍ଲଟ୍ ନ୫୬୯ମ୍ବର ମନ୍ତବ୍ୟ ସ୍ତମ୍ଭରେ ଦଖଲ : ନଟ ବେହେରା ଉଲ୍ଲେଖ ରହିଛି। ମାଧବ ବେହେରାଙ୍କର ପିତା: ନଟ ବେହେରା ଅଟନ୍ତି।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ତା. ୨୯।୦୧।୨୦୨୬ — ସ୍ୱା./- କୋର୍ଟ ଅଫିସର
ଧ-୩୨୭୪

## ମନେ ପଡ଼ନ୍ତି

୩୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ପ୍ରଭା ରାଉତରାୟ**
ସ୍ୱାମୀ ୰ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
(ମାଘ ପୂର୍ଣ୍ଣିମା ଅଗ୍ନି ଉତ୍ସବ)
'ତୁମ ପରି କିଏ ମାଆ ହେବ
ଚାରି ସନ୍ତାନ ଜଞ୍ଜାଳ ବୋହି
ନୀତିକୁ କେବଳ ଆଦର୍ଶକରି
ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ
ସଦ୍‌ଗତି କାମନା କରୁଛୁ।
**ତୁମର ବନ୍ଧୁ ଓ ପରିବାରବର୍ଗ**
ଧ-୭୪୮୬୧




**Mrs. Meera Tripathy**
Peacefully Left for her Heavenly Abode on Tuesday 3rd February, 2015
11th Annual Sradha: Sunday, 01 February, 2026
Fondly Remembered By Husband : Haribandhu Tripathy and Family Members.
ଧ-୩୨୬୯

ଧରିତ୍ରୀ 52 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ Bhubaneswar, Sunday, February 1/ 2026




# ଭାରତ ୪-୧ରେ ସିରିଜ ଜିତିଲା

## ଇଶାନଙ୍କ ବିସ୍ଫୋରକ ଶତକ, ଅର୍ଶଦୀପଙ୍କୁ ୫ ଉଇକେଟ

**ଥିରୁଭାନନ୍ତପୁରମ,୩୧।୧**

ଇଶାନ କିଶନଙ୍କ ବିସ୍ଫୋରକ ଶତକ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ୧୩୭ ରନର ଦ୍ରୁତ ଭାଗୀଦାରି ଏବଂ ଅର୍ଶଦୀପ ସିଂଙ୍କ ୫ ଉଇକେଟ ସଫଳତାକୁ ପାଥେୟ କରି ଭାରତ ଏଠାରେ ଶନିବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪୬ ରନରେ ପରାସ୍ତ କରିଛି। ଭାରତ ଦ୍ୱାରା ଧାର୍ଯ୍ୟ ୨୭୨ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭ୍ରମଣକାରୀ ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା। ଦଳର ଟପ୍ ସ୍କୋରର ଫିନ୍ ଆଲେନ ୮୦ ରନ କରିଥିବା ବେଳେ ଇସ୍ ସୋଧି ୩୩, ରାଚିନ ରବୀନ୍ଦ୍ର ୩୦ ଓ ଡାରିଲ ମିଚେଲ ୨୬ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଶନିବାର ଏହି ବିଜୟ ଯୋଗୁ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ୪-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଦ୍ରୁତତମ ବ୍ୟାଟର ଭାବେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ୩ ହଜାର ରନ ପୂରଣ କରିଛନ୍ତି।

ବିଶ୍ୱକପ୍ ପୂର୍ବରୁ ଏହା ଅନ୍ତିମ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ହୋଇଥିବାରୁ ଅଧିନାୟକ ସୂର୍ଯ୍ୟକୁମାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଖରାପ ଫର୍ମ କାରଣରୁ ସଭିଙ୍କ ନଜରରେ ରହିଥିବା ସଞ୍ଜୁ ସାମସନ ନିଜ ଲୋକାଲ ଗ୍ରାଉଣ୍ଡରେ ମଧ୍ୟ ବିଫଳ ହୋଇଥିଲେ। ସେ ୬ ବଲରେ ୬ ରନ କରି ଆଉଟ୍ ହୋଇଥିଲେ। ଅଭିଷେକ ଶର୍ମା ୧୬ ବଲରେ ୪ ଚୌକା ଓ ୨ ଛକା ସହିତ ୩୦ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଇଶାନ ଓ ଅଧିନାୟକ ସୂର୍ଯ୍ୟ ତୃତୀୟ ଉଇକେଟରେ ମାତ୍ର ୫୭ ବଲରେ ଦ୍ରୁତ ୧୩୭ ରନ ଯୋଡ଼ିଥିଲେ। ଏହା ଭାରତ ଲାଗି ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଯେକୌଣସି ଉଇକେଟ ପାଇଁ ଦ୍ୱିତୀୟ ସର୍ବାଧିକ ଭାଗୀଦାରି। ଏଥିମଧ୍ୟରେ ଇଶ ସୋଧିଙ୍କ ଏକ ଓଭରରେ ଇଶାନ ୪ ଚୌକା ଓ ୨ ଛକା ସହ ୨୮ ରନ ସ୍କୋର କରିଥିଲେ। ଅଧିନାୟକ ସୂର୍ଯ୍ୟ ୧୫ତମ ଓଭରରେ ସାଣ୍ଟନରଙ୍କ ଏକ ବଲକୁ ଷ୍ଟେପ ଆଉଟ୍ କରି ମାରିବାକୁ ଯାଇ ଷ୍ଟମ୍ପିଂ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୩୦ ବଲରେ ୪ ଚୌକା ଓ ୬ ଛକା ସହିତ ୬୩ ରନ କରିଥିଲେ। ଅନ୍ୟପକ୍ଷରେ ଇଶାନ ୧୭ତମ ଓଭରରେ ଲଗାତର ଦୁଇ ଛକା ମାରି ଶତକ ପୂରଣ କରିଥିଲେ। ସେ ୪୩ ବଲରେ ୧୦୩ ରନ କରି ଆଉଟ୍ ହୋଇଥିଲେ। ତାଙ୍କର ଏହି ଇନିଂସରେ ୬ ଚୌକା ଓ ୧୦ ଛକା ସାମିଲ ଥିଲା। ଶେଷ ଆଡ଼କୁ ହାର୍ଦ୍ଦିକ ପାଣ୍ଡ୍ୟା ୧୭ ବଲରେ ଦ୍ରୁତ ୪୨ (୧ ଚୌକା ଓ ୪ ଛକା) ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୭୧ ରନ କରିଥିଲା। ଏହା ଭାରତୀୟ ଦଳ ପାଇଁ ଅନ୍ତର୍ଜାତୀୟ ଟି୨୦ରେ ତୃତୀୟ ସର୍ବାଧିକ ସ୍କୋର। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ ୨ ଉଇକେଟ ନେଇଥିଲେ।




ଶତକ ହାସଲ ପରେ ଉଲ୍ଲସିତ ଇଶାନ କିଶନ।

### ସଂକ୍ଷିପ୍ତ ସ୍କୋର

**ଭାରତ:** ୨୦ ଓଭରରେ ୨୭୧/୫(ଇଶାନ କିଶନ-୧୦୩, ସୂର୍ଯ୍ୟକୁମାର ଯାଦବ-୬୩, ହାର୍ଦ୍ଦିକ ପାଣ୍ଡ୍ୟା-୪୨, ଅଭିଷେକ ଶର୍ମା-୩୦, ଲୋକି ଫର୍ଗୁସନ-୨/୪୧, ଜେକବ ଡଫି-୧/୫୩)। **ନ୍ୟୁଜିଲାଣ୍ଡ:** ୧୯.୪ ଓଭରରେ ୨୨୫/ଅଲ୍‌ଆଉଟ (ଫିନ୍ ଆଲେନ-୮୦, ରାଚିନ ରବିନ୍ଦ୍ର-୩୦, ଇଶ୍ ସୋଧି-୩୩, ଅର୍ଶଦୀପ ସିଂ-୫/୫୧, ଅକ୍ଷର ପଟେଲ-୩/୩୩)।

**ଅଷ୍ଟ୍ରେଲିଆନ ଓପନ ଟେନିସ୍**

# ରିବାକିନାଙ୍କୁ ଟାଇଟଲ

**ମେଲବୋର୍ନ, ୩୧।୧**

କାଜାଖସ୍ତାନର ୨୬ ବର୍ଷୀୟା ଏଲିନା ରିବାକିନା ଚଳିତ ଅଷ୍ଟ୍ରେଲିଆନ ଓପନରେ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଅଷ୍ଟ୍ରେଲିଆନ ଓପନ ଓ ମୋଟ ଉପରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ସେ ଏଥିପୂର୍ବରୁ ୨୦୨୨ରେ ୱିମ୍ବେଲଡନ ଟାଇଟଲ ଜିତିଥିଲେ। ଅନ୍ୟପକ୍ଷରେ ସାବାଲେଙ୍କା ଲଗାତର ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଗତ ବର୍ଷ ଫାଇନାଲରେ ମାଡିସନ କିଜଙ୍କଠାରୁ ପରାସ୍ତ ହୋଇଥିଲେ।

ଶନିବାର ରଡ ଲାଭର ଏରେନାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ପଞ୍ଚମ ସିଡ୍ ରିବାକିନା ୬-୪, ୪-୬, ୬-୪ ସେଟ୍‌ରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ସେଟ୍ ରିବାକିନା ଜିତିଥିବା ବେଳେ ସାବାଲେଙ୍କା ଦ୍ୱିତୀୟ ସେଟ୍‌ରେ ବାଜି ମାରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ୦-୩ ଗେମ୍‌ରେ ପଛୁଆ ରହିବା ପରେ ରିବାକିନା ଲଗାତର ୫ ଗେମ୍ ଜିତି ମ୍ୟାଚ୍‌କୁ ଫେରିଥିଲେ। ଶେଷରେ ସେ ସେଟ୍‌କୁ ୬-୪ ବ୍ୟବଧାନରେ ଜିତି ନେଇଥିଲେ। ଏହି ବିଜୟ ସହ ୨୦୨୩ ସଂସ୍କରଣ ଫାଇନାଲରେ ସାବାଲେଙ୍କାଙ୍କଠାରୁ ମିଳିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି ରିବାକିନା। ଏହି ମ୍ୟାଚ୍ ପୂର୍ବରୁ ଉଭୟ ଖେଳାଳି ପୂରା ଟୁର୍ନାମେଣ୍ଟରେ ଗୋଟିଏ ବି ହେଲେ ସେଟ୍‌ରେ ପରାଜିତ ହୋଇ ନ ଥିଲେ। ୨୦୦୮ ସଂସ୍କରଣ ପରେ ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଥିଲା।



ଟ୍ରଫି ସହ ଏଲିନା ରିବାକିନା।

# ମର୍ଟେନ୍ସ-ଝାଙ୍ଗ୍ ମହିଳା ଡବଲ୍ସ ଚାମ୍ପିୟନ

**ମେଲବୋର୍ନ (ଅଷ୍ଟ୍ରେଲିଆ), ୩୧।୧(ଏପି)**

ଶନିବାର ମେଲବୋର୍ନ ପାର୍କଠାରେ ଚାଇନାର ଝାଙ୍ଗ୍ ଶୁଆଇଙ୍କୁ ପାର୍ଟନର କରି ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ପରେ ଏଲିସ ମର୍ଟେନ୍ସ ମହିଳା ଡବଲ୍ସ ର୍‍ୟାଙ୍କିଙ୍ଗରେ ନମ୍ବର-୧ ସ୍ଥାନକୁ ଫେରିଛନ୍ତି। ଚାରି ବର୍ଷ ପରେ ଏକାଠି ଖେଳିଥିବା ମର୍ଟେନ୍ସ ଓ ଝାଙ୍ଗ୍ ଫାଇନାଲରେ କାଜାଖସ୍ତାନର ଆନ୍ନା ଡାନିଲିନା ଓ ସର୍ବିୟାର ଆଲେକ୍ସାଣ୍ଡ୍ରା କ୍ରୁନିକ୍‌ଙ୍କୁ ୭-୬ (୪), ୬-୪ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଖ୍ରୀଷ୍ଟିଆନ ହାରିସନ ଓ ବ୍ରିଟେନର ନିଲ୍ ସ୍କୁପସ୍କି ପୁରୁଷ ଡବଲ୍ସ ଟ୍ରଫି ଜିତିଛନ୍ତି। ସେମାନେ ପୁରୁଷ ଡବଲ୍ସ ଫାଇନାଲରେ ଅଷ୍ଟ୍ରେଲୀୟ ଯୋଡ଼ି ଜାସନ କବଲର ଓ ମାର୍କ ପୋଲ୍‌ମାନ୍ସଙ୍କ ବିପକ୍ଷରେ ୭-୬ (୪), ୬-୪ରେ ବିଜୟ ଲାଭ କରିଥିଲେ। ଏଟିପି ଫାଇନାଲ୍ସରେ ପୃଥକ୍ ପୃଥକ୍ ହାରିସନ ଓ ସ୍କୁପସ୍କି ଗତବର୍ଷ ପାର୍ଟନରଙ୍କ ସହ ଖେଳିଥିଲେ। ଚଳିତମାସ ପ୍ରାରମ୍ଭରେ ଉଭୟ ଆଡିଲେଡ୍‌ରେ ପାର୍ଟନର ହୋଇ ଖେଳିଥିଲେ। ସେମାନେ ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ବର୍ତ୍ତମାନ ଡବଲ୍ସରେ ୬ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ଗତବର୍ଷ ଭେରୋନିକା କୁଦେରମେଟୋଭାଙ୍କୁ ପାର୍ଟନର କରି ୱିମ୍ବେଲଡନ ଡବଲ୍ସ ଜିତିଥିବା ମର୍ଟେନ୍ସ ଅଷ୍ଟ୍ରେଲିଆନ ଓପନ ପରେ ନମ୍ବର ୱାନ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ।



ଝାଙ୍ଗ୍ ଶୁଆଇ ଓ ଏଲିସ ମର୍ଟେନ୍ସ।

# ଭାରତର ପ୍ରତିନିଧିତ୍ୱ କରିବେ ଦିଲୀପ, ନାଜନିନ

**ଭୁବନେଶ୍ୱର,୩୧।୧(ଅନାଦି କର)**

**ଅନ୍ତର୍ଜାତୀୟ ରାକେଟ୍ସ ସମ୍ମିଳନୀ**

ଆସନ୍ତା ୧୩ରୁ ୧୭ ପର୍ଯ୍ୟନ୍ତ ଆମେରିକାର ଫ୍ଲୋରିଡାଠାରେ ହେବାକୁ ଥିବା ପିଟିଆର ଓ ପିପିଆର ଅନ୍ତର୍ଜାତୀୟ ରାକେଟ୍ସ ସମ୍ମିଳନୀରେ ଓଡ଼ିଶା ପିକିଲବଲ ଆସୋସିଏଶନ (ଓପିଏ) ସଭାପତି ତଥା ପିଟିଆର୍ ଓ ପିପିଆର୍ ଇଣ୍ଡିଆ ନିର୍ଦ୍ଦେଶକ ଦିଲୀପ ମହାନ୍ତି ଓ ଆମାସ ପିକିଲବଲ ଆସୋସିଏଶନ ସମ୍ପାଦକ ଓ ପିପିଆର୍ କ୍ଲିନସିଆନ ନାଜନିନ ରହମାନ ଭାରତର ପ୍ରତିନିଧିତ୍ୱ କରିବେ। ଅନ୍ତର୍ଜାତୀୟ ରାକେଟ୍ସ ସମ୍ମିଳନୀରେ ଏଥର ପ୍ରଫେଶନାଲ ଟେନିସ ରେଜିଷ୍ଟ୍ରୀ (ପିଟିଆର୍) ୫୦ତମ ପ୍ରତିଷ୍ଠା ଦିବସ ପାଳନ ହେବ। ଏହି ସମ୍ମିଳନୀରେ ବିଶ୍ୱର ଟେନିସ ଓ ପିକିଲବଲ କ୍ଷେତ୍ରର ଅଗ୍ରଣୀ କୋଚ୍, ବିଶେଷଜ୍ଞ ପେସାଦାର, ଉଦ୍ୟୋଗ ବିଶେଷଜ୍ଞ, ପ୍ରଶାସକ ଯୋଗଦେବେ। ଏହି ୫ ଦିନିଆ ଇଭେଣ୍ଟରେ ସମଗ୍ର ବିଶ୍ୱର ରାକେଟ କ୍ରୀଡ଼ାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ କର୍ମଶାଳା, ଅନ-କୋର୍ଟ ପ୍ରଫେଶନାଲ ସେସନ, ପ୍ରମାଣପତ୍ର ପାଠ୍ୟକ୍ରମ ଓ ବିସ୍ତୃତ ଆଲୋଚନା ହେବ। ଉଲ୍ଲେଖଯୋଗ୍ୟ, ୧୯୭୬ରେ ପ୍ରତିଷ୍ଠିତ ପ୍ରଫେଶନାଲ ଟେନିସ ରେଜିଷ୍ଟ୍ରୀ ହେଉଛି ବିଶ୍ୱର ସର୍ବବୃହତ୍ ଓ ସମ୍ମାନିତ ପ୍ରଫେଶନାଲ ଟେନିସ କୋଚ୍ ଶିକ୍ଷା ଅନୁଷ୍ଠାନ। ଏଥିରେ ୧୨୦ରୁ ଅଧିକ ଦେଶ ରହିଛନ୍ତି।

# ଆଜି ଭାରତ-ପାକିସ୍ତାନ ମ୍ୟାଚ୍

## ୧୯ ବର୍ଷରୁ କମ୍ ବିଶ୍ୱକପ୍

**ବୁଲୱାୟୋ,୩୧।୧**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ରବିବାର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ ସୁପର-୬ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜରିଆରେ ଭାରତୀୟ ଦଳ ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପାକିସ୍ତାନଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛି। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇବା ନୀତି ଆପଣେଇବ। ଭାରତ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଅପରାଜିତ ରହିଥିବା ବେଳେ ପାକିସ୍ତାନ ତା'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ପରେ ସ୍କଟଲାଣ୍ଡ, ଜିମ୍ବାୱେ ଓ ନ୍ୟୁଜିଲାଣ୍ଡକୁ ହରାଇ ପରେ ପାକିସ୍ତାନ ସୁପର-୬'ରେ ପ୍ରବେଶ କରିଛି। ଭାରତ ପାଇଁ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଥିବା ଅଭିଜ୍ଞାନ କୁଣ୍ଡୁ, ବିହାନ ମଲହୋତ୍ରା, ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ନଜର ରହିବ।

# ଅଷ୍ଟ୍ରେଲିଆ ଦଳରୁ କମିନ୍ସ ବାଦ୍

**ଟି୨୦ ବିଶ୍ୱକପ୍**

**ମେଲବୋର୍ନ, ୩୧।୧ (ପି.ଟି.)**

ଅଷ୍ଟ୍ରେଲିଆ କ୍ରିକେଟ ଦଳର ପ୍ରମୁଖ ବୋଲର ପ୍ୟାଟ କମିନ୍ସ ଆଘାତପ୍ରାପ୍ତ ହୋଇଛନ୍ତି। ଏଣୁ ସେ ଆସନ୍ତା ଟି୨୦ ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ। ଅଷ୍ଟ୍ରେଲିଆକୁ ଶକ୍ତ ଧକ୍କା ଲାଗିଛି। ଚୟନକର୍ତ୍ତାମାନେ ତାଙ୍କ ସ୍ଥାନରେ ବେନ୍ ଡ୍ୱାରସୁଇସ୍‌ଙ୍କୁ ୧୫ ଜଣିଆ ଦଳରେ ସାମିଲ କରିଛନ୍ତି। ଟି୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହେବାକୁଥିବା ବେଳେ ଟପ୍ ଅର୍ଡର ବ୍ୟାଟର ମାଥ୍ୟୁ ଶର୍ଟ ମଧ୍ୟ ମୂଳ ୧୫ ଜଣିଆ ଖେଳାଳି ଦଳରୁ ବାଦ୍ ପଡ଼ିଛନ୍ତି। ଶର୍ଟଙ୍କ ସ୍ଥାନରେ ମାଥ୍ୟୁ ରେନଶଙ୍କୁ ଦଳରେ ନିଆଯାଇଛି। ଚୟନକର୍ତ୍ତା ଟୋନି ଡଡ୍‌ମେଡ୍ କହିଛନ୍ତି ବ୍ୟାକ୍ ଇଞ୍ଜୁରିରୁ ମୁକ୍ତି ପାଇବା ପାଇଁ କମିନ୍ସଙ୍କୁ ଅଧିକ ସମୟ ଲାଗିବ। ଏକମାସ ଧରି ଖେଳାଯିବାକୁଥିବା ଟି୨୦ ଟୁର୍ନାମେଣ୍ଟ ପାଇଁ ଜୋସ ହାଜେଲଉଡ୍, ଟିମ୍ ଡେଭିଡ୍ ଓ ନାଥାନ ଏଲିସ୍ ପ୍ରମୁଖ ଫିଟ୍‌ନେସ୍ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱକପ୍‌ର ପୁଲ୍ ପର୍ଯ୍ୟାୟ ଖେଳିବା ଲାଗି ଶ୍ରୀଲଙ୍କା ଗସ୍ତ କରିବା ପୂର୍ବରୁ ଅଷ୍ଟ୍ରେଲିଆ ବର୍ତ୍ତମାନ ଲାହୋରଠାରେ ପାକିସ୍ତାନ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳୁଛି। ଟି୨୦ ବିଶ୍ୱକପ୍ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାର ବିଭିନ୍ନ ଭେନ୍ୟୁରେ ଖେଳାଯିବ।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ, କୁପର କୋନୋଲି, ଟିମ୍ ଡେଭିଡ୍, ବେନ୍ ଡ୍ୱାରସୁଇସ୍, କାମେରନ ଗ୍ରିନ୍, ନାଥାନ ଏଲିସ, ଜୋସ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍ ଜୋସ୍ ଇଙ୍ଗ୍ଲିସ, ମାଥ୍ୟୁ କୁହ୍ନେମାନ, ଗ୍ଲେନ ମାକ୍ସୱେଲ, ମାଥ୍ୟୁ ରେନ୍‌ଶ, ମାର୍କସ ଷ୍ଟୋଇନିସ ଓ ଆଡାମ ଜାମ୍ପା।



ପ୍ୟାଟ କମିନ୍ସ

# ଥାଇଲାଣ୍ଡ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ: ଦେବୀକା ଫାଇନାଲରେ

**ବ୍ୟାଙ୍କକ୍, ୩୧।୧ (ପି.ଟି.)**

ଭାରତର ଯୁବ ଖେଳାଳି ଦେବୀକା ସିହାଗ ଏଠାରେ ଚାଲିଥିବା ୨୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଥାଇଲାଣ୍ଡ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସେ ବିଶ୍ୱର ୩୫ ନମ୍ବର ତଥା ଥାଇଲାଣ୍ଡର ହୁଆଙ୍ଗ ୟୁ ହୁନ୍‌ଙ୍କୁ ୨୨-୨୦, ୨୧-୧୩ରେ ହରାଇ ଦେଇଛନ୍ତି। ୨୦ ବର୍ଷୀୟା ଭାରତୀୟ ଅଣସିଡ୍ ଖେଳାଳି ଗତବର୍ଷ ମାଲେସିଆ ଇଣ୍ଟରନ୍ୟାଶନାଲରେ ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଟାଇଟଲ ହାସଲ କରିଥିଲେ। ବିଶ୍ୱର ୬୩ ନମ୍ବର ଖେଳାଳି ଟାଇଟଲ ମୁକାବିଲାରେ ମାଲେସିଆର ଗୋହ ଜିନ୍‌ୱି'ଙ୍କୁ ଭେଟିବେ।

# ବିଜୟରୁ ଭାରତର ଅଭିଯାନ

**ପୋଖରା (ନେପାଳ), ୩୧।୧(ପି.ଟି.)**

**୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ**

ସ୍ଥାନୀୟ ପୋଖାରା ରଙ୍ଗଶାଳା ଷ୍ଟାଡିୟମରେ ଆୟୋଜକ ନେପାଳ ବିପକ୍ଷରେ ୧-୦ ଗୋଲ୍‌ରେ ବିଜୟ ହାସଲ କରି ଭାରତ ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିବା ପରେ ଖେଳର ୪୯ତମ ମିନିଟ୍‌ରେ ପର୍ଲ ଫର୍ନାଣ୍ଡିଜ ଏକମାତ୍ର ଗୋଲ୍‌ଟିକୁ ସ୍କୋର କରିଥିଲେ। ଏହା ଯଦିଓ ଏକ ୧୯ବର୍ଷରୁ କମ୍ ଟୁର୍ନାମେଣ୍ଟ ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ୧୭ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ ଲାଗି ପ୍ରସ୍ତୁତିର ଏକ ଅଂଶ ବିଶେଷ ସ୍ୱରୂପ ଭାରତର ୧୭ ବର୍ଷରୁ କମ୍ ଦଳ ଏଥିରେ ଅଂଶଗ୍ରହଣ କରିଛି। ପାମେଲା କୋଣ୍ଟି ଚଳିତ ମାସ ପ୍ରାରମ୍ଭରେ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ଅଧୀନରେ ଭାରତର ୧୭ ବର୍ଷରୁ କମ୍ ଦଳର ଏହା ହେଉଛି ପ୍ରଥମ ମ୍ୟାଚ। ତାଙ୍କ ନିର୍ଦ୍ଦେଶକ୍ରମେ ରେଡିମା ଦେବୀ ଚିଙ୍ଖାମାୟୁମ୍ ଓ ଆଲ୍‌ଭା ଦେବୀ ସେନ୍‌ଜାମ ଜୁନିୟର ଭାରତୀୟ ଦଳରେ ସେମାନଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି। ଶନିବାର ଏହା ପୂର୍ବରୁ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ବାଂଲାଦେଶ ଭୁଟାନକୁ ୧୨-୦ ଗୋଲ୍‌ରେ ପରାସ୍ତ କରିଛି।

# ରଣଜୀ ଟ୍ରଫି: ଓଡ଼ିଶାର ଇନିଂସ ଅଗ୍ରଣୀ

**ଜାମଶେଦପୁର,୩୧।୧**

ସ୍ଥାନୀୟ କିନାନ ଷ୍ଟାଡିୟମରେ ଚାଲିଥିବା ଝାଡ଼ଖଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୮୨ ରନ କରିଥିବା ବେଳେ ଝାଡ଼ଖଣ୍ଡ ୨୬୩ ରନରେ ଅଲଆଉଟ୍ ହୋଇଯାଇଛି। ପ୍ରଥମ ଇନିଂସ ଭିତ୍ତିରେ ୧୯ ରନରେ ଆଗରେ ଥିବା ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ତୃତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୨୦୨ ରନ କରିଛି। ରବିବାର ମ୍ୟାଚ୍‌ର ଅନ୍ତିମ ଦିନ ଥିବାବେଳେ ଓଡ଼ିଶା ହାତରେ ୨ ଉଇକେଟ ରଖି ୨୨୧ ରନରେ ଆଗରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଗୋବିନ୍ଦ ପୋଦ୍ଦାର ୨୨ ରନରେ ଅପରାଜିତ ରହିଛନ୍ତି। ଯଦି ଅନ୍ତିମ ଦିନରେ ଓଡ଼ିଶା ପରାଜୟ ଏଡ଼ାଇବାରେ ସଫଳ ହୁଏ, ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ହାସଲ କରିବ।



ଶୁଭ୍ରାଂଶୁ ସେନାପତି

ଶନିବାର ଝାଡ଼ଖଣ୍ଡ ଦଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୪/୬ରୁ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୯ ରନ ମଧ୍ୟରେ ବଳକା ୪ ଉଇକେଟ ହରାଇଥିଲା। ପୂର୍ବଦିନ ଅପରାଜିତ ଥିବା ରବିନ ମିଞ୍ଜ(୫୨) ଅର୍ଦ୍ଧଶତକ ପୂରଣ କରିବା ପରେ ରନ୍ ଆଉଟ୍ ହୋଇଥିଲେ। ଓଡ଼ିଶା ପକ୍ଷରୁ ପଦାର୍ପଣକାରୀ ସୟଦ ତୁଫେଲ ଅହମଦ ୪, ଗୋବିନ୍ଦ ପୋଦ୍ଦାର ୩ ଓ ରାଜେଶ ମହାନ୍ତି ୨ ଉଇକେଟ ନେଇଥିଲେ। ଓଡ଼ିଶା ଦଳ ଦ୍ୱିତୀୟ ଇନିଂସରେ ୪୫ ରନ ମଧ୍ୟରେ ଦୁଇ ଓପନର ସ୍ୱସ୍ତିକ ସାମଲ (୧୮) ଓ ସନ୍ଦୀପ ପଟ୍ଟନାୟକ(୨୦)ଙ୍କ ଉଇକେଟ ହରାଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ଅନିଲ ପରିଡ଼ା ତୃତୀୟ ଉଇକେଟରେ ୮୭ ରନ ଯୋଡ଼ିଥିଲେ। ଅନିଲ (୨୮) ପାଭିଲିଅନ ଫେରିବା ପରେ ବିପ୍ଳବ ସାମନ୍ତରାୟଙ୍କ ସହ ଶୁଭ୍ରାଂଶୁ ମିଶି ଦଳୀୟ ସ୍କୋରକୁ ୧୬୨ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ ୪୦ ରନ ମଧ୍ୟରେ ଶୁଭ୍ରାଂଶୁ (୭୩ ରନ, ୫ ଚୌକା), ବିପ୍ଳବ (୧୩), ସମ୍ବିତ ଏସ୍ ବରାଳ (୭), ସାୱନ ପହରିୟା (୬) ଓ ରାଜେଶ ମହାନ୍ତି (୦)ଙ୍କ ଉଇକେଟ ହରାଇଥିଲା। ଫଳରେ ଓଡ଼ିଶା ତୃତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୨୦୨ ରନ କରିଛି। ଝାଡ଼ଖଣ୍ଡ ପକ୍ଷରୁ ଅନୁକୂଳ ରୟ ୪, ଆଦିତ୍ୟ ସିଂ ୩ ଓ ରିଶଭ ରାଜ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୨୮୨/ଅଲଆଉଟ୍। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୬୩/ଅଲଆଉଟ୍ (ରବିନ ମିଞ୍ଜ-୫୨, ସୟଦ ତୁଫେଲ ଅହମଦ-୪/୭୮, ଗୋବିନ୍ଦ ପୋଦ୍ଦାର-୩/୭୧, ରାଜେଶ ମହାନ୍ତି-୨/୩୭)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୦୨/୮(ଶୁଭ୍ରାଂଶୁ ସେନାପତି-୭୩, ଗୋବିନ୍ଦ ପୋଦ୍ଦାର-୨୨*, ଅନୁକୂଳ ରୟ-୪/୫୬, ଆଦିତ୍ୟ ସିଂ-୩/୬୯)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years

ପୃଷ୍ଠା–୮+୬

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ (୮+୬=୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 1/2026 | Page 14 | ₹ 7.00

୫୨ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 69 | ମୂଲ୍ୟ ₹୭/-




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆପ୍ରବାସନ ନୀତି ବିରୋଧରେ ଶନିବାର କାଲିଫର୍ନିଆର ଲସ୍‌ଏଞ୍ଜେଲ୍ସରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ।

# ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍: ୫ ମୃତ

**ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର ଶେଷଦିନ ଶନିବାର ବ୍ରହ୍ମପୁରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ହଳଦିପଦର ଓଭରବ୍ରିଜ୍‌ରେ ୩ଟି ବାଇକ୍ ଉପରେ ମାଡ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଟ୍ରକ୍ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ରଙ୍ଗ୍ ରୁଟ୍‌ରେ ଆସି ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୁରକ୍ଷିତ ଗାଡ଼ି ଚାଳନା ପାଇଁ ଡ୍ରାଇଭରମାନେ ସଚେତନ ହେଉ ନ ଥିବାରୁ ସଡ଼କ ସୁରକ୍ଷା ପାଳନ କେବଳ କାଗଜକଲମ ଓ ସ୍ଲୋଗାନରେ ସୀମିତ ରହିଯାଇଥିବା ଏହି ଦୁର୍ଘଟଣାରୁ ବୁଝିହେଉଛି ବୋଲି ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

ବ୍ରହ୍ମପୁର,୩୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଷାଣୀ ନୂଆଗାଁ ଥାନା ନିକଟସ୍ଥ ଓଭରବ୍ରିଜ୍‌ଠାରେ ଶନିବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ରଙ୍ଗ୍ ସାଇଡ୍‌ରେ ଆସି ବାଇକ୍‌କୁ ଧକ୍କା ଦେଇ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଛି। ଫଳରେ ଏହି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ଅଛନ୍ତି। ମୃତକମାନେ ହେଲେ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ଶିବରାମ ଜେନା (୩୮), କେ. ନୂଆଗାଁ ଥାନା ଅଞ୍ଚଳର ସତ୍ୟନାଥ ବେଜ (୨୫), ଫୁଲଟା ଗ୍ରାମର ଜଗନ ନାହାକ (୨୦), ରାକେଶ ନାହାକ (୨୦) ଓ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାନଗରର ସୂର୍ଯ୍ୟ ନାରାୟଣ ପଣ୍ଡା (୪୫)। ଗୁରୁତର ଯୁବକଙ୍କ ପରିଚୟ ମିଳିନାହିଁ। ସେ ଏମ୍‌କେସିଜିରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଶିବରାମ ପାତ୍ରପୁର ବ୍ଲକ ଅନ୍ତର୍ଗତ ଜୟନ୍ତିପୁରରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ସୂର୍ଯ୍ୟ ନାରାୟଣ ବ୍ଲୁ ଡାର୍ଟ ନାମକ ଏକ କୋରିୟର ସଂସ୍ଥାରେ ଏଜେଣ୍ଟ ଭାବେ କାମ କରୁଥିଲେ। ପୋଲିସ ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୫୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

ଖବରରୁ ଜଣାପଡ଼ିଛି, ଶନିବାର ୩ଟି ବାଇକ୍ ଆଗପଛ ହୋଇ ବ୍ରହ୍ମପୁର ହଳଦିଆପଦର ପଟକୁ ଯାଉଥିଲା। ବିପରୀତ ଦିଗରୁ ସହର ଭିତରକୁ ପ୍ରବେଶ କରୁଥିବା ଏକ ଟ୍ରକ (ନଂ ଓଡି ୦୭ ଜେଡ–୭୨୫୯) ଆଗପଛ ହୋଇ ☞ପୃଷ୍ଠା–୩



ବ୍ରହ୍ମପୁର ହଳଦିପଦର ଓଭରବ୍ରିଜ୍ ଉପରେ ଶନିବାର ଟ୍ରକ୍‌ଟି ବାଇକ୍ ଉପରେ ମାଡ଼ିଯିବା ପରର ଦୃଶ୍ୟ।

39001/2/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସମବାୟରୁ ସମୃଦ୍ଧି

ଓଡ଼ିଶା ସମବାୟ ନୀତି-୨୦୨୬ କୁ
ରାଜ୍ୟ କ୍ୟାବିନେଟର ଅନୁମୋଦନ

ସମବାୟ ଆନ୍ଦୋଳନ କ୍ଷେତ୍ରରେ ଐତିହାସିକ ପଦକ୍ଷେପ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ପ୍ରଚଳିତ ହେବାକୁ ଯାଉଛି ଏକ ସମବାୟ ନୀତି

**ସମବାୟ ସଂସ୍ଥାର ବିସ୍ତାର**
- ସମସ୍ତ ୩୦ଟି ଜିଲ୍ଲାରେ ସମବାୟ ବ୍ୟାଙ୍କ ପ୍ରତିଷ୍ଠା
- ସମସ୍ତ ୬୭୯୪ ଗ୍ରାମ ପଞ୍ଚାୟତରେ କୃଷି ସମବାୟ ସମିତି ଗଠନ
- ପ୍ରତ୍ୟେକ ଗ୍ରାମରେ ଅନ୍ୟୂନ ଗୋଟିଏ ସମବାୟ ସଂସ୍ଥା
- ପ୍ରତ୍ୟେକ ଜିଲ୍ଲାରେ ଏକ ମଡ଼େଲ ସମବାୟ ଗ୍ରାମ

**ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS)କୁ one-stop-shop ରେ ପରିବର୍ତ୍ତନ**
- କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଉପାଦାନ ଗୋଟିଏ ଛାତ ତଳେ ଉପଲବ୍ଧ
- ଅତ୍ୟାଧୁନିକ କୃଷି ଉପକରଣ ଭଡ଼ା ସୂତ୍ରରେ ପ୍ରଦାନ
- ସମସ୍ତ ପ୍ରକାର କୃଷିଜାତ ଦ୍ରବ୍ୟର ବିପଣନ ବ୍ୟବସ୍ଥା
- ଦୈନନ୍ଦିନ ଜୀବନରେ ଆବଶ୍ୟକ ସମସ୍ତ ଖାଉଟି ଦ୍ରବ୍ୟ/ ଔଷଧର ଉପଲବ୍ଧତା
- ଜନସେବା କେନ୍ଦ୍ର ମାଧ୍ୟମରେ ଜମି ପଟ୍ଟା, ବୀମା ପଞ୍ଜୀକରଣ, ଜନ୍ମ/ମୃତ୍ୟୁ ପ୍ରମାଣ ପତ୍ରର ନକଲ ଭଳି ସରକାରୀ ସେବା ପ୍ରଦାନ

**ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ସମବାୟ ବ୍ୟବସ୍ଥା ଗଠନ**
- ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବାପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପରିଚାଳନା ଓ କାରବାର
- ଦୁର୍ନୀତିକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ସମବାୟ ଭିଜିଲାନ୍ସ ବ୍ୟବସ୍ଥା
- ସ୍ୱଚ୍ଛ ଏବଂ ନିରପେକ୍ଷ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ସମବାୟ ନିଯୁକ୍ତି ବୋର୍ଡ ଗଠନ

**ସମବାୟ ସଂସ୍ଥାରେ ବ୍ୟାପକ ଅନ୍ତର୍ଭୁକ୍ତୀକରଣ**
- ଅନ୍ୟୂନ ୨ କୋଟି ଲୋକଙ୍କୁ ସମବାୟ ସଭ୍ୟଭୁକ୍ତ କରିବାର ଲକ୍ଷ୍ୟ
- ଯୁବଗୋଷ୍ଠୀ, ମହିଳା ଓ ଦୁର୍ଗମ ଅଞ୍ଚଳର ଅଧିବାସୀଙ୍କୁ ସ୍ୱତନ୍ତ୍ର କ୍ୟାମ୍ପେନ୍ ମାଧ୍ୟମରେ ସମବାୟ ସଦସ୍ୟତା
- ସହରାଞ୍ଚଳ ସମବାୟ ସଂସ୍ଥାମାନଙ୍କର ବିକାଶ ଓ ପୁନରୁଦ୍ଧାର ପାଇଁ ପ୍ରୋତ୍ସାହନ

ସମବାୟ ମାଧ୍ୟମରେ ଗ୍ରାମ୍ୟ ସମାଜ ଓ ଅର୍ଥନୀତିର ବ୍ୟାପକ ରୂପାନ୍ତର ବ୍ୟବସ୍ଥା

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/39001/2/25-26/0002

# ପୋଲିସ, ଜିଲା ପ୍ରଶାସନର ସ୍ଥିତି ଅନୁଧ୍ୟାନ

## ଆସୁଛନ୍ତି ରାଷ୍ଟ୍ରପତି

**ଯାଜପୁରଟାଉନ,୩୧।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଫେବୃଆରୀ ୩ତାରିଖ ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଜପୁର ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଯାଜପୁର ପ୍ରଶାସନିକ ଭବନ ପଡ଼ିଆରେ ହେଲିକପ୍ଟର ଯୋଗେ ଅବତରଣ କରି ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଯାଜପୁର ଚଳଚଞ୍ଚଳ ହୋଇଉଠିଛି। ରାଷ୍ଟ୍ରପତି ପ୍ରଶାସନିକ ଭବନ ପଡ଼ିଆରୁ ଯେଉଁ ରାସ୍ତା ଦେଇ ମା' ବିରଜା ମନ୍ଦିର ନିକଟକୁ ଯିବେ ସେ ରାସ୍ତାର ଦୁଇ ପାର୍ଶ୍ୱକୁ ବ୍ୟାରିକେଡ୍ କରାଯାଇଛି। କଡ଼ାସୁରକ୍ଷା ବଳୟ ଭିତରେ ରାଷ୍ଟ୍ରପତି ମା' ବିରଜାଙ୍କ ମନ୍ଦିରକୁ ଯିବେ। ମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଭିତରେ ରଖାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତଥିବାରୁ ସେହିଦିନ ସାଧାରଣ ଦର୍ଶନ ଉପରେ କଟକଣା ଜାରି କରାଯାଇଛି।

ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପୋଲିସ ଓ ଜିଲା ପ୍ରଶାସନ ମିଳିତ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ବୈଠକ ପରେ ଜିଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଯଶ୍ ପ୍ରତାପ ଶ୍ରୀମଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋ, ଡିଏସ୍‌ପି ଶଙ୍କର୍ଷଣ ଦଳେଇ, ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ପୋଲିସ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଥିଲେ।

ରାଷ୍ଟ୍ରପତି ଯେଉଁ ପଡ଼ିଆରେ ଅବତରଣ କରିବେ ସେହି ପଡ଼ିଆରେ ଚାଲିଥିବା କାମର ଅନୁଧ୍ୟାନ କରିବା ସହ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟପାଳ ଅବତରଣ କରିବାର କାର୍ଯ୍ୟକ୍ରମ ଥିବାରୁ ସେ ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ଜିଲା ପ୍ରଶାସନ ଓ ପୋଲିସ ଗାଡ଼ି ଗୁଡ଼ିକ କ୍ଷେତ୍ର ପରିଦର୍ଶନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଯାଜପୁରକୁ ନବବଧୂ ଭାବେ ସଜାଯାଉଛି। କେଉଁଠାରେ ଯେପରି ବ୍ୟତିକ୍ରମ ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ପ୍ରଥମଥର ରାଷ୍ଟ୍ରପତି ଯାଜପୁର ଗସ୍ତରେ ଆସି ମା' ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ କୌଣସି ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିବା ନିମନ୍ତେ ଆସି ନ ଥିବା ଜଣାପଡ଼ିଛି।



ପୋଲିସ ଓ ଜିଲାପାଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଏବିଭିପି ପକ୍ଷରୁ ବ୍ୟାସନଗରରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

**ଯାଜପୁରରୋଡ୍,୩୧।୧ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ତରଫରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ଆରମ୍ଭ ହୋଇ ଗୋପବନ୍ଧୁ ଛକଠାରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରାରେ ଏକ ୧୦୦ ଫୁଟ ଲମ୍ବର ତ୍ରିରଙ୍ଗା ପତାକାକୁ ଛାତ୍ରୀଛାତ୍ର ଧରି ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତ ସହ ସମ୍ପାଦକ ଉଜ୍ଜ୍ୱଳ ପ୍ରଦୀପ ସାମଲ, ଢେଙ୍କାନାଳ ବିଭାଗ ସଂଗଠନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ବ୍ୟାସନଗର ନଗର ବିସ୍ତାରକ ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ, ଜିଲା ସହସଂଯୋଜକ ଦୀପକ ନାୟକ, ଜିଲା ଏସଏଫଡି ଆଶୁତୋଷ ସାହୁ, ବ୍ୟାସନଗର ନଗର ସମ୍ପାଦକ ବିବେକ କୁମାର ସେଠୀ, ନଗର ସହସମ୍ପାଦକ ସୁନୀଲ ବାରିକ, ନଗର ଏସଏଫଡି ପ୍ରମୁଖ ଚିନ୍ମୟ ରାଉତ, ସୁକିନ୍ଦା ନଗର ସଭାପତି ସୋମନାଥ ଦାସ, କ୍ୟାମ୍ପସ ୟୁନିଟ ସମ୍ପାଦକ କାହ୍ନା ଜେନା, କାର୍ଯ୍ୟକର୍ତ୍ତା ଦିନେଶ କୁମାର, ମୁରଲୀ ମୋହନ ସ୍ୱାଇଁ, ଆୟୁଷ କୁମାର ବେଜ, ଶୁଭମ ସାହୁ, ନବୀନ କୁମାର, ସନ୍ଦୀପ କୁମାର ସାହୁ ଓ ସିପୁ ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଅସଦାଚରଣ ମାମଲାରେ ଦୋଷୀଙ୍କୁ ୭ ବର୍ଷ ଜେଲ

**ଯାଜପୁରଟାଉନ,୩୧।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ମାମଲାର ଶନିବାର ରାୟ ପ୍ରକାଶ ପାଇଛି। ଯାଜପୁର ପୋକ୍‌ସୋ ଜଜ୍ ଅଭିଜିତ ପଲାଇ ମାମଲାର ବିଚାର କରି ଦୋଷୀଙ୍କୁ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜିରମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୮।୩।୨୦୨୫ରେ ସମ୍ପୃକ୍ତ ନାବାଳିକାଙ୍କୁ ମାନସିକ ପୂରଣ ନିମନ୍ତେ ପରିବାର ଲୋକେ କପିଳାସ ନେଇଥିଲେ। ମାନସିକ ପୂରଣ ପୂଜାପରେ ନାବାଳିକା ତାଙ୍କ ମାମୁଁ ଘର ମଝିପାଳ ଗ୍ରାମରେ ରହିଥିଲେ। ଏହି ସମୟରେ ସୁକିନ୍ଦା ଥାନା ଅନ୍ତର୍ଗତ କନ୍ତିରା ଗ୍ରାମର ଆକାଶ ମଲ୍ଲିକ(୨୬) କୌଣସି କାମରେ ମଝିପାଳକୁ ଯାଇଥିଲେ। ସେଠାରେ ନାବାଳିକା ଆକାଶଙ୍କୁ ଦେଖି ତାଙ୍କ ସହ ଘରକୁ ଯିବାପାଇଁ କହିଥିଲେ। ଆକାଶ ନାବାଳିକାଙ୍କୁ ଗାଡ଼ିରେ ବସାଇ ଘରକୁ ଫେରୁଥିବା ସମୟରେ ରାସ୍ତାରେ ନିଛାଟିଆ ବଣରେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ନାବାଳିକାଙ୍କ ମା' ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୭/୨୫ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଆକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବୃତ୍ତାନ୍ତ ଶୁଣାଣି କରି ୧୪ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ଦସ୍ତାବିଜ୍‌କୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।



ଗିରଫ ଅଭିଯୁକ୍ତ ଆକାଶ ମଲ୍ଲିକ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟକାନ୍ତ



@ ଗୌତମ



@ ବଳରାମ



@ ଶୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

**ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://baanknet.com**

| କ୍ର. ନଂ. | କଟକ, ଜଗତପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା ଫାର୍ମ: ମେସର୍ସ ଏଲ୍.ଏନ୍. ଆଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ନୃସିଂହ ଚରଣ ପରିଡା / ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ନୃସିଂହ ଚରଣ ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା, **୨) ନାରାୟଣ ଚନ୍ଦ୍ର ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା / **ଋଣଗ୍ରହୀତା ଫାର୍ମ: ମେସର୍ସ ପରିଡା ୱାର୍କସପ୍, ସ୍ୱତ୍ତ୍ୱାଧିକାରୀ: ନାରାୟଣ ଚନ୍ଦ୍ର ପରିଡା / ଜାମିନ୍‌ଦାରମାନେ: ୧) ସ୍ନିଗ୍ଧା ପରିଡା,** ସ୍ୱାମୀ: ନାରାୟଣ ଚନ୍ଦ୍ର ପରିଡା, **୨) ମିନତି ପରିଡା,** ସ୍ୱାମୀ: ନୃସିଂହ ଚରଣ ପରିଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ହୋଲ୍ଡିଂ ନଂ.: ୫୮୧, ୱାର୍ଡ ନଂ.: ୪୯, ସିଏମ୍‌ସି ନାନକର, ଜଗତପୁର, ପୋ: ଜଗତପୁର, କଟକ-୭୫୪୦୨୧ | **(୧) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଥାନା: ଟାଙ୍ଗି ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୧୬୭, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୦୬ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୯, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଖାତା ନଂ.: ୭୭୨/୩୪୦ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ଖାତା ନଂ.: ୭୭୨/୬୫୫ (ଅନୁରୂପ ଖାତା ନଂ.: ୪୩୮), ପ୍ଲଟ୍ ନଂ.: ୨୨୩୩/୫୪୭୯, କ୍ଷେତ୍ର: ଏକର୦.୨୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୩୬, କ୍ଷେତ୍ର: ଏକର୦.୦୨୦ଡିସିମିଲି **(ସମୁଦାୟ କ୍ଷେତ୍ର: ଏକର୦.୨୮୦ଡିସିମିଲି),** ପ୍ରକାର: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ଗନ୍ଧର୍ବ ପାତ୍ର, ଦକ୍ଷିଣ: ପବୋଦ ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ବୁଲା ସେନାପତି | ୨୩.୦୭.୨୦୨୫ / ୨୯.୧୨.୨୦୨୫ / ୨୯.୦୧.୨୦୨୬ ସୁଦ୍ଧା ଟ.୧୩,୦୨,୯୮,୯୨୪.୦୦ + ଆଦାୟୀକରଣ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ସମ୍ପତ୍ତି-୧: ଟ.୯,୪୯,୫୫,୦୦୦/- / ଟ.୯୪,୯୫,୫୦୦/- / ଟ.୫୦,୦୦୦/- |
| | | **(୨) ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଚକବନ୍ଦୀ ଖାତା ନଂ.: ୨୭୮, ପ୍ଲଟ୍ ନଂ.: ୧୮୫୧ (ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୭), କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ରକାର: ଘରବାରି, ଏହାର ଚରିପାର୍ଶ୍ୱରେ: (ପ୍ଲଟ୍ ନଂ. ୧୮୫୦)- ଉତ୍ତର: ମାଗୁଣି ଜେନା, ଦକ୍ଷିଣ: ବଂଶୀଧର ଜେନା ଏବଂ ଅନ୍ୟମାନେ, ପୂର୍ବ: ମାଗୁଣି ଜେନା, ପଶ୍ଚିମ: ରାସ୍ତା **ଏବଂ** ଖାତା ନଂ.: ୨୯୬, ପ୍ଲଟ୍ ନଂ.: ୧୮୫୦ (ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୬), କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ରକାର: ଘରବାରି, ମୌଜା: ତରୋଳ, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି ନଂ. ୭୨, ଜିଲ୍ଲା: କଟକ, **(ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି),** ଏହାର ଚରିପାର୍ଶ୍ୱରେ: (ପ୍ଲଟ୍ ନଂ. ୧୮୫୧)- ଉତ୍ତର: ଦୁର୍ଯ୍ୟୋଧନ ପରିଡ଼ା, ଦକ୍ଷିଣ: ରାମ ଚନ୍ଦ୍ର ସ୍ୱାଇଁ, ପୂର୍ବ: ଏସ୍. ମୁଖାର୍ଜୀ, ପଶ୍ଚିମ: ରାସ୍ତା | | ସମ୍ପତ୍ତି-୨: ଟ.୭୩,୭୦,୦୦୦/- / ଟ.୭,୩୭,୦୦୦/- / ଟ.୫୦,୦୦୦/- |
| | | **(୩) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଏସ୍‌ଆରଓ: ଜଗତପୁର, ତହସିଲ: କଟକ ନଂ. ୧୬୭, ଟାଙ୍ଗି (ଚୌଦ୍ୱାର), ଥାନା: ଟାଙ୍ଗି-୭୧, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୨୨, ପ୍ଲଟ୍ ନଂ.: ୧୭୬୭/୫୨୧୦, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୭୭୦, ଦକ୍ଷିଣ: ପ୍ଲଟ୍ ନଂ. ୧୭୬୭, ପୂର୍ବ: ପ୍ଲଟ୍ ନଂ. ୧୮୧୩ ଏବଂ ୧୮୧୪, ପଶ୍ଚିମ: ପ୍ଲଟ୍ ନଂ. ୧୭୬୮ ଏବଂ ୧୭୬୯ | | ସମ୍ପତ୍ତି-୩: ଟ.୧,୦୬,୦୮,୦୦୦/-/ ଟ.୧୦,୬୦,୮୦୦/-/ ଟ.୫୦,୦୦୦/- |
| | | **(୪) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଳ, ଏସ୍‌ଆରଓ: ଜଗତପୁର, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି-୭୨, ଜିଲ୍ଲା: କଟକ, ଖାତା ନଂ.: ୨୩୪, ପ୍ଲଟ୍ ନଂ.: ୧୪୨୪, କ୍ଷେତ୍ର: ଏକର୦.୦୭୦ (୦.୦୩୦)ଡିସିମିଲି, ପ୍ଲଟ୍ ନଂ.: ୧୪୨୫, କ୍ଷେତ୍ର: ଏକର୦.୧୨୦ (୦.୦୫୦)ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୬, କ୍ଷେତ୍ର: ଏକର୦.୦୮୦ (୦.୦୫୦)ଡିସିମିଲି, (ମୋଟ କ୍ଷେତ୍ର: ଏକର୦.୨୭୦ଡିସିମିଲି, ଯାହା ମଧ୍ୟରୁ ସମ୍ପତ୍ତି ମାଲିକଙ୍କ କ୍ଷେତ୍ର: ଏକର୦.୧୩୦ଡିସିମିଲି), ପ୍ରକାର: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଦୁର୍ଯ୍ୟୋଧନ ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରମୋଦ ଜେନା | | ସମ୍ପତ୍ତି-୪: ଟ.୬,୪୦,୪୪,୦୦୦/- / ଟ.୬୪,୦୪,୪୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ : ୦୭.୦୩.୨୦୨୬ରିଖ (ଶନିବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୬.୦୩.୨୦୨୬ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ: ତା୦୧.୦୩.୨୦୨୬ରିଖରୁ ତା୦୬.୦୩.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ **https://baanknet.com** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://baanknet.com** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

**ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର **କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ କ୍ର.ନଂ.: ୧ ନିମନ୍ତେ ତା.୧୮.୦୨.୨୦୨୬ରିଖ, କ୍ର.ନଂ.: ୨ ନିମନ୍ତେ ତା.୨୭.୦୨.୨୦୨୬ରିଖ ଏବଂ କ୍ର.ନଂ.: ୩ ନିମନ୍ତେ ତା.୦୫.୦୩.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ / ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଟା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ **/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଟା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୫,୦୭,୩୩୧.୪୪** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ | ଟ.୮,୬୭,୦୦୦/- / ଟ.୮୬,୭୦୦/- / ଟ.୮,୭୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଶର୍ମା ଛକ ତାଳଚେର ଶାଖା, ମୋ.: ୯୫୫୮୮୫୫୯୫୮ / ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, **୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୦୩ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୬,୮୭,୦୧୯.୧୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ | ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ମୃତକ ପ୍ରଣବ କରଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) କ) ଶ୍ରୀ ବିଚିତ୍ରାନନ୍ଦ କର,** ପିତା: ଶ୍ରୀ ଉଦୟନାଥ କର, **୧) ଖ) କାବେରୀ କର,** ସ୍ୱାମୀ: ୰ ପ୍ରଣବ କର, ଉଭୟଙ୍କ ଠିକଣା- ସା: ଗୋପିନାଥପୁର ଶାସନ, ଓସ୍ତର, ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୧୩ **ଏବଂ ଅନ୍ୟମାନେ, ୨) ଶ୍ରୀ ବିଚିତ୍ରାନନ୍ଦ କର,** ପିତା: ଶ୍ରୀ ଉଦୟନାଥ କର, **୩) କାବେରୀ କର,** ସ୍ୱାମୀ: ୰ ପ୍ରଣବ କର, ଉଭୟଙ୍କ ଠିକଣା- ସା: ଗୋପିନାଥପୁର ଶାସନ, ଓସ୍ତର, ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୧୩ / **ବକେୟା ରାଶି: ତା.୩୧.୧୨.୨୦୨୫ରିଖ ସୁଦ୍ଧା ଟ.୨୧,୭୧,୫୦୭.୮୩** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିଚିତ୍ରାନନ୍ଦ କରଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮ ଏବଂ ୯, ଖାତା ନଂ.: ୩୮, ମୌଜା: ଓସ୍ତର, ଥାନା: ମାର୍ଶାଘାଇ ନଂ.: ୨୫୦, ତହସିଲ: ମହାକାଳପଡା ନଂ.: ୨୫୦, ଜିଲ୍ଲା: କେନ୍ଦ୍ରାପଡା, **ମୋଟ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି (ଯାହା ୨୧୭୮ ବର୍ଗଫୁଟ),** କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦, ଦକ୍ଷିଣ: ପ୍ଲଟ୍ ନଂ.: ୭, ପୂର୍ବ: ରାସ୍ତା, ପଶ୍ଚିମ: ମୌଜା ସରହଦ | ଟ.୧୪,୧୭,୦୦୦/- / ଟ.୧,୪୧,୭୦୦/- / ଟ.୧୪,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା**

ଇ-ନିଲାମ ତାରିଖ ଏବଂ ସମୟ : କ୍ର.ନଂ.: ୧ ନିମନ୍ତେ ତା.୧୮.୦୨.୨୦୨୬ରିଖ, କ୍ର.ନଂ.: ୨ ନିମନ୍ତେ ତା.୨୭.୦୨.୨୦୨୬ରିଖ ଏବଂ କ୍ର.ନଂ.: ୩ ନିମନ୍ତେ ତା.୦୫.୦୩.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com & https://www.unionbankofindia.co.in/auction-property/view-auction-property.aspx** ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ସରକାରୀ ବୃତ୍ତିରେ ଛାତ୍ରୀଛାତ୍ରଙ୍କ ସଫଳତା**

ପାରାଦୀପ,(ଶରତ ରାଉତ): ଚଳିତ ବର୍ଷ ସରକାରୀ ବୃତ୍ତିରେ ପାରାଦୀପ ପୌରାଞ୍ଚଳର ୧୪ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ବାଲିଝରୀସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିରର ୪ ଜଣ ରହି ଛନ୍ତି। ସେମାନେ ହେଲେ ତୃତୀୟ ଶ୍ରେଣୀର ପ୍ରତ୍ୟୁଷ ଜେନା ଓ ହିମାଂଶୁ ସ୍ୱାଇଁ। ପଞ୍ଚମ ଶ୍ରେଣୀର ସତ୍ୟଜିତ୍ ରାଉତ ଓ ଦେବଶ୍ରୀ ମହାନ୍ତି। ଉକ୍ତ ପିଲାଙ୍କୁ ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ମହିମା ଆଶ୍ରମ ଚତୁର୍ଦ୍ଦଶୀ ମେଳା: ଲାଗିଲା ଝାଡ଼ବତି

- ବହୁ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼,
- ଆଇନ ଶୃଙ୍ଖଳା ପରିସ୍ଥିତି ଆଶଙ୍କାରେ ଥାନାରେ ବାବା ଗଦାଧର ଦାସ

ନାଉଗାଁ, ୩୧।୧ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଦ୍ୱିତୀୟ ଯୋରନ୍ଦା ନାମରେ ଅଭିହିତ ଶାଳିଜଙ୍ଗା ମହିମା ଆଶ୍ରମରେ ଶନିବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଯାଇଛି। ବାବା ଗଦାଧର ଦାସଙ୍କ ଅନୁପସ୍ଥିତିରେ ମହିମା ଆଶ୍ରମର ଅନ୍ତେବାସୀ ହେମନ୍ତ ଦାସ ମେଳାରେ ଅଖଣ୍ଡ ଝାଡ଼ଦିପ ଲଗାଇଥିଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ସମେତ ମହିମା ଅଲେଖ ଡାକରେ ଆଶ୍ରମ ପରିସର ପ୍ରକମ୍ପିତ ହୋଇଉଠିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ପ୍ରାତଃ ସମୟରୁ ଉକ୍ତ ପୀଠକୁ ଆସିଥିଲେ। ଶ୍ରଦ୍ଧାଳୁମାନେ ଧୁନିରେ ପକାଇବା ପାଇଁ ଘିଅ, ନଡିଆ, କଦଳୀ ଆଦି ସାଙ୍ଗରେ ଆଣିଥିଲେ। ଏହି ମେଳା ଉପଲକ୍ଷେ ଆଶ୍ରମ ପରିସରରେ ଥିବା ଶୂନ୍ୟ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିରଗୁଡିକୁ ରଙ୍ଗବେରଙ୍ଗର ଫୁଲରେ ସଜ୍ଜା ଯାଇଥିଲା। ରାତି ତମାମ ଶ୍ରଦ୍ଧାଳୁମାନେ ଏଠାରେ ଉଜାଗର ରହିଥାନ୍ତି। ଯେଉଁ ଶ୍ରଦ୍ଧାଳୁମାନେ ଏଠାକୁ ଆସନ୍ତି କେହି ଖାଲି ହାତରେ ଆସନ୍ତି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶ୍ରଦ୍ଧାଳୁମାନେ ଆଣୁଥିବା ପରିବା ଏଠାରେ କଟା ନ ଯାଇ ପ୍ରସାଦ ଭାବେ ଗୋଟା ରୋଷେଇ କରାଯାଇଥାଏ। ପୂଜାର୍ଚ୍ଚନା ସରିବା ପରେ ସକାଳ ସମୟରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଏହି ପ୍ରସାଦ ସେବନ କରିଥାନ୍ତି। ମେଳାକୁ ଦୃଷ୍ଟିରେ ରଖି ମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ ଉଠା ଦୋକାନ ଖୋଲିଛି। ଏହି ଅବସରରେ ସ୍ଥାନୀୟ ଶ୍ରୀମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍ଏସ୍ଏସ୍ ଓ ଜୁନିଅର ରେଡ୍‌କ୍ରସ ଛାତ୍ରୀଙ୍କ ଦ୍ୱାରା ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରାଯିବା ସହ ଆଶ୍ରମ ପରିସରକୁ ସଫା ସୁତୁରା କରାଯାଇଥିଲା। ସନ୍ଧ୍ୟା ସମୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ନାଉଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ୍ତ କାନୁନ୍‌ଗୋଙ୍କ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦିନ ତମାମ ମହିମା ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯିବା ସହ ମହିମା ଅଲେଖ ଡାକରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଅପରପକ୍ଷେ ପୂର୍ବରୁ ଆଶ୍ରମ ପରିଚାଳନା କରୁଥିବା ବାବା ଗଦାଧର ଦାସ ବିବାଦୀୟ ପରିସ୍ଥିତିରେ ବାହାରେ ରହୁଥିବା ବେଳେ ଶୁକ୍ରବାର ରାତିରେ ଆଶ୍ରମକୁ ଆସିବା ବାଟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ମୁଗେଇ ଛକ ନିକଟରେ ପୋଲିସ ତାଙ୍କୁ ଥାନାକୁ ନେଇଥିଲା। ଥାନା ପକ୍ଷରୁ ଶନିବାର ବାବା ଦାସଙ୍କ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପୂର୍ବରୁ ବାବାଙ୍କ ନାମରେ ମାମଲା ଥିବାରୁ ତାଙ୍କୁ ତହସିଲ କାର୍ଯ୍ୟାଳୟରେ ମାଜିଷ୍ଟ୍ରେଟ ଅକ୍ଷୟ କୁମାର ବଡୁଙ୍କ ନିକଟରେ ହାଜର କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାବାଙ୍କୁ ଥାନାରେ ରଖାଯାଇଥିବା ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ପ୍ରକାଶ କରିଛନ୍ତି।



ଅଖଣ୍ଡ ଝାଡ଼ବତି ଜଳାଯାଉଛି।

## ନବ ଦମ୍ପତିଙ୍କୁ ଲଣ୍ଠନ ଉପହାର ଦେଲେ କଂଗ୍ରେସ କର୍ମୀ

ତିର୍ତ୍ତୋଲ, ୩୧।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକରେ ଏକ ବାହାଘରରେ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ ନବ ଦମ୍ପତିକୁ ଟାଟା ପାୱାରର ମନମାନୀକୁ ବିରୋଧ କରି ବିଦ୍ୟୁତ୍ ବିକଳ୍ପଭାବେ ଦେଶୀ ଲଣ୍ଠନ ଉପହାର ଦେଇଛନ୍ତି। ଭାଜପା ସରକାର ଓ ଟାଟା ପାୱାର ମନମାନୀ କରୁଥିବା ଅଭିଯୋଗ କରି ଯୁବ ଛାତ୍ର କଂଗ୍ରେସ କର୍ମୀ ବିଦ୍ୟୁତ୍‌ର ବିକଳ୍ପ ଦେଶୀ ଲଣ୍ଠନ ବୋଲି କହିବା ସହ ବ୍ୟାନର ଜରିଆରେ ପ୍ରଦର୍ଶନକରିଥିଲେ। ଜଗତସିଂହପୁର ଜିଲା କଂଗ୍ରେସ କିମିଟି ସଭାପତି ଦେବ ପ୍ରସାଦ ନାୟକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫିଆଜମ, ଶୁଭ ନାରାୟଣ ନାୟକ, ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ସୁଶୀଲ କୁମାର ଦାଶ, ରାକେଶ ସ୍ୱାଇଁ, ସୌର୍ଯ୍ୟ ରଞ୍ଜନ ସାହୁ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଳା କ୍ଷେତ୍ରରେ ଶରତ ବିଶ୍ୱାଳଙ୍କ ଅବଦାନ ଅତୁଳନୀୟ

ଜଗତ୍‌ସିଂହପୁର, ୩୧।୧ (ପ୍ରମୋଦ କୁମାର ନାୟକ)

କଳା କ୍ଷେତ୍ରରେ ଜଗତ୍‌ସିଂହପୁର ବ୍ଲକ ଡିଙ୍ଗେଶ୍ୱର ଗ୍ରାମରେ ଜନ୍ମିତ ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳ (ବୁଲୁ)ଙ୍କ ଅବଦାନ ଅତୁଳନୀୟ। ସେ ଏକାଧାରରେ ଜଣେ ନାଟ୍ୟକାର, ଯାତ୍ରା ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ଅଭିନେତା ଭାବେ କେବଳ ଜଗତ୍‌ସିଂହପୁର ନୁହେଁ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। ଏଥିଯୋଗୁ ତାଙ୍କୁ ମଞ୍ଚ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଭଳି ଜଣେ ମହାନ୍ ପ୍ରତିଭାଙ୍କୁ ଜନ୍ମଦେଇ ଜଗତ୍‌ସିଂହପୁର ଗୌରବାନ୍ୱିତ। ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶରତ ଚନ୍ଦ୍ର ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ତାଙ୍କ ଗ୍ରାମରେ ଅନୁଷ୍ଠିତ ସ୍ମୃତି ସଭା ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ଏପରି କୁହାଯାଇଛି। ପରିଷଦ ସଭାପତି ବିଜୟ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିକାନ୍ତ ବେହେରା, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପଳାଶୋଳ ସରପଞ୍ଚ ମେନକା ଦାସ ଓ ବିଜେଡି ଜଗତ୍‌ସିଂହପୁର ବ୍ଲକ ସଭାପତି କାଳନ୍ଦୀ ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ।

# ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ପ୍ରତିଭା ସମ୍ମାନ



ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରଘୁନାଥପୁର, ୩୧।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ସାଳିଜଙ୍ଗା ସାଇସେବା ପ୍ରତିଷ୍ଠାନ ପକ୍ଷରୁ ସାଇନାଥଙ୍କ ନବମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଜନଗହଳି ଲାଗିରହିବା ସହ ରାତିରେ ଯଜ୍ଞ ପୂର୍ଣ୍ଣାହୁତି ଶେଷ ହୋଇଥିଲା। ଏହି ଉପଲକ୍ଷେ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ରାମାୟଣି ପଣ୍ଡିତ ଅଭୟ କୁମାର ଦାଶ ମଞ୍ଚ ପରିଚାଳନା କରିଥିଲେ। ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାବାଙ୍କ ଆଶୀର୍ବାଦ ନେଇଥିଲେ। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ.ପ୍ରଫେସର ରମାକାନ୍ତ ଭୋଇ, ଶୈଳେନ୍ଦ୍ର ନାୟକ, ତୁସାରକାନ୍ତ ରାଉତରାୟ ଓ ଶିବନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସାଇ ସେବା ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ଇଂ.ବାବାଜୀ ଚରଣ ଜେନା ଓ କୋଷାଧ୍ୟକ୍ଷ ପାର୍ଥସଖା ପାଲଟା ସିଂ ମନ୍ତ୍ରୀ ସ୍ୱାଇଁଙ୍କୁ ସାଇ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

## ସିଦ୍ଧ ଗୁମ୍ଫା ପୀଠରେ ହିନ୍ଦୁ ସମ୍ମିଳନୀ

କୁଜଙ୍ଗ, ୩୧।୧ (ମନୋଜ ପ୍ରଧାନ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏରସମା ଖଣ୍ଡ ପକ୍ଷରୁ ୯ ପଞ୍ଚାୟତର ହିନ୍ଦୁ ସମାଜ ମାଧ୍ୟମରେ ନୂଆଗାଁସ୍ଥିତ ସିଦ୍ଧ ଗୁମ୍ଫା ପୀଠରେ ଶନିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗାଁ, ଢିଙ୍କିଆ, ବାଲିତୁଠ, ବାମଦେଈପୁର, ଗଡ଼କୁଜଙ୍ଗ, ଅନ୍ଧାରୀ, ଚଟୁଆ, ବଳେଇପୁର ପଞ୍ଚାୟତରୁ ୨ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁ ଯୋଗ ଦେଇଥିଲେ। ଚକୁଳିଆସ୍ଥିତ ସ୍ୱାମୀ ନାରାୟଣ ବିଦ୍ୟା ମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ବେଦ ପାଠ ଓ ସଙ୍କୀର୍ତ୍ତନରେ ସନ୍ଥମାନଙ୍କୁ ନୂଆଗାଁ ବିଦ୍ୟାଳୟଛକରୁ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ସ୍ୱାମୀ ସନ୍ଥ ସାଗର ଦାସ ମହାରାଜ, ସ୍ୱାମୀ ସୁଖଦର୍ଶନ ଦାସ ମହାରାଜ, ସ୍ୱରୁପନନ୍ଦ ଗିରି ଓ ବାୟା ବାବା ସମ୍ମିଳନୀରେ ଯୋଗଦେଇ, ହିନ୍ଦୁ ଧର୍ମ ଓ ଭାରତୀୟ ସଂସ୍କୃତିର ସୁରକ୍ଷା ସହ ରାଷ୍ଟ୍ର ନିର୍ମାଣ ପାଇଁ ହିନ୍ଦୁ ଜାଗରଣର ଆବଶ୍ୟକତା ଜରୁରୀ ବୋଲି ବୋଲି କହିଥିଲେ। ଏହି ଅବସରରେ କନ୍ୟା ପୂଜନ, ଗୋପୂଜନ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା।

## ଧୈର୍ଯ୍ୟ, ସଂଘର୍ଷ ଶିକ୍ଷାର୍ଥୀ ଜୀବନର ପ୍ରମୁଖ ସୋପାନ

ରଘୁନାଥପୁର, ୩୧।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡ଼ାସ୍ଥିତ ସଙ୍କେତ ଆଇଟିଆଇ ଓ ବିଜ୍‌ନେସ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍କେତ ଗ୍ରୁପ୍ ଚେୟାରମ୍ୟାନ ବଦ୍ରିନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ ତ୍ରିଲୋଚନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଶିକ୍ଷାର୍ଥୀ ଜୀବନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଧୈର୍ଯ୍ୟ, ସଂଘର୍ଷ ଶିକ୍ଷାର୍ଥୀ ଜୀବନର ପ୍ରମୁଖ ସୋପାନ ବୋଲି କହିଥିଲେ। ସାମୂହିକ ଉଦ୍ୟମ ରହିଲେ ଏହି ଶିକ୍ଷାନୁଷ୍ଠାନ ଦିନେ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଶିବାନୀ ଭଟ୍ଟାଚାର୍ଯ୍ୟ, ଅନ୍ୟତମ ଅତିଥିଭାବେ ବ୍ଲକ ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ, ଶିକ୍ଷାବିତ ବିଶ୍ୱଜିତ ବେହେରା, ସାମାଜିକ କର୍ମୀ ରମାକାନ୍ତ ଦାସ ଓ ସୁରଜ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟକାନ୍ତ



@ ଗୌତମ



@ ବଳରାମ



@ ଶୁଭଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**इंडियन बैंक Indian Bank** इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡିକର ବିକ୍ରୟ**

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://baanknet.com**

| କ୍ର. ନଂ. | କଟକ, ଜଗତପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା ଫାର୍ମ: ମେସର୍ସ ଏଲ୍.ଏନ୍. ଆଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ନୃସିଂହ ଚରଣ ପରିଡା / ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ନୃସିଂହ ଚରଣ ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା, **୨) ନାରାୟଣ ଚନ୍ଦ୍ର ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା / **ଋଣଗ୍ରହୀତା ଫାର୍ମ: ମେସର୍ସ ପରିଡା ୱାର୍କସପ୍, ସ୍ୱତ୍ତ୍ୱାଧିକାରୀ: ନାରାୟଣ ଚନ୍ଦ୍ର ପରିଡା / ଜାମିନ୍‌ଦାରମାନେ: ୧) ସ୍ନିଗ୍ଧା ପରିଡା,** ସ୍ୱାମୀ: ନାରାୟଣ ଚନ୍ଦ୍ର ପରିଡା, **୨) ମିନତି ପରିଡା,** ସ୍ୱାମୀ: ନୃସିଂହ ଚରଣ ପରିଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ହୋଲ୍ଡିଂ ନଂ.: ୫୮୧, ୱାର୍ଡ ନଂ.: ୪୯, ସିଏମ୍‌ସି ନାନକର, ଜଗତପୁର, ପୋ: ଜଗତପୁର, କଟକ-୭୫୪୦୨୧ | **(୧) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଥାନା: ଟାଙ୍ଗି ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୧୬୭, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୦୬ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୯, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଖାତା ନଂ.: ୭୭୨/୩୪୦ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ଖାତା ନଂ.: ୭୭୨/୬୫୫ (ଅନୁରୂପ ଖାତା ନଂ.: ୪୩୮), ପ୍ଲଟ୍ ନଂ.: ୨୨୩୩/୫୪୭୯, କ୍ଷେତ୍ର: ଏକର୦.୨୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୩୬, କ୍ଷେତ୍ର: ଏକର୦.୦୨୦ଡିସିମିଲି **(ସମୁଦାୟ କ୍ଷେତ୍ର: ଏକର୦.୨୮୦ଡିସିମିଲି),** ପ୍ରକାର: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗନ୍ଧର୍ବ ପାତ୍ର, ଦକ୍ଷିଣ: ପବୋଦ ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ବୁଲା ସେନାପତି | ୨୩.୦୭.୨୦୨୫ / ୨୯.୧୨.୨୦୨୫ / ୨୯.୦୧.୨୦୨୬ ସୁଦ୍ଧା ଟ.୧୩,୦୨,୯୮,୯୨୪.୦୦ + ଆଦାୟୀକରଣ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ସମ୍ପତ୍ତି-୧: ଟ.୯,୪୯,୫୫,୦୦୦/- / ଟ.୯୪,୯୫,୫୦୦/- / ଟ.୫୦,୦୦୦/- |
| | | **(୨) ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଚକବନ୍ଦୀ ଖାତା ନଂ.: ୨୭୮, ପ୍ଲଟ୍ ନଂ.: ୧୮୫୧ (ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୭), କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ରକାର: ଘରବାରି, ଏହାର ଚାରିପାର୍ଶ୍ୱରେ: (ପ୍ଲଟ୍ ନଂ. ୧୮୫୦)- ଉତ୍ତର: ମାଗୁଣି ଜେନା, ଦକ୍ଷିଣ: ବଂଶୀଧର ଜେନା ଏବଂ ଅନ୍ୟମାନେ, ପୂର୍ବ: ମାଗୁଣି ଜେନା, ପଶ୍ଚିମ: ରାସ୍ତା **ଏବଂ** ଖାତା ନଂ.: ୨୯୬, ପ୍ଲଟ୍ ନଂ.: ୧୮୫୦ (ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୬), କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ରକାର: ଘରବାରି, ମୌଜା: ତରୋଳ, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି ନଂ. ୭୨, ଜିଲ୍ଲା: କଟକ, **(ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି),** ଏହାର ଚାରିପାର୍ଶ୍ୱରେ: (ପ୍ଲଟ୍ ନଂ. ୧୮୫୧)- ଉତ୍ତର: ଦୁର୍ଯ୍ୟୋଧନ ପରିଡ଼ା, ଦକ୍ଷିଣ: ରାମ ଚନ୍ଦ୍ର ସ୍ୱାଇଁ, ପୂର୍ବ: ଏସ୍. ମୁଖାର୍ଜୀ, ପଶ୍ଚିମ: ରାସ୍ତା | | ସମ୍ପତ୍ତି-୨: ଟ.୭୩,୭୦,୦୦୦/- / ଟ.୭,୩୭,୦୦୦/- / ଟ.୫୦,୦୦୦/- |
| | | **(୩) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଏସ୍‌ଆରଓ: ଜଗତପୁର, ତହସିଲ: କଟକ ନଂ. ୧୬୭, ଟାଙ୍ଗି (ଚୌଦ୍ୱାର), ଥାନା: ଟାଙ୍ଗି-୭୧, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୨୨, ପ୍ଲଟ୍ ନଂ.: ୧୭୬୭/୫୨୧୦, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୭୭୦, ଦକ୍ଷିଣ: ପ୍ଲଟ୍ ନଂ. ୧୭୬୭, ପୂର୍ବ: ପ୍ଲଟ୍ ନଂ. ୧୮୧୩ ଏବଂ ୧୮୧୪, ପଶ୍ଚିମ: ପ୍ଲଟ୍ ନଂ. ୧୭୬୮ ଏବଂ ୧୭୬୯ | | ସମ୍ପତ୍ତି-୩: ଟ.୧,୦୬,୦୮,୦୦୦/-/ ଟ.୧୦,୬୦,୮୦୦/-/ ଟ.୫୦,୦୦୦/- |
| | | **(୪) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଳ, ଏସ୍‌ଆରଓ: ଜଗତପୁର, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି-୭୨, ଜିଲ୍ଲା: କଟକ, ଖାତା ନଂ.: ୨୩୪, ପ୍ଲଟ୍ ନଂ.: ୧୪୨୪, କ୍ଷେତ୍ର: ଏକର୦.୦୭୦ (୦.୦୩୦)ଡିସିମିଲି, ପ୍ଲଟ୍ ନଂ.: ୧୪୨୫, କ୍ଷେତ୍ର: ଏକର୦.୧୨୦ (୦.୦୫୦)ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୬, କ୍ଷେତ୍ର: ଏକର୦.୦୮୦ (୦.୦୫୦)ଡିସିମିଲି, (ମୋଟ କ୍ଷେତ୍ର: ଏକର୦.୨୭୦ଡିସିମିଲି, ଯାହା ମଧ୍ୟରୁ ସମ୍ପତ୍ତି ମାଲିକଙ୍କ କ୍ଷେତ୍ର: ଏକର୦.୧୩୦ଡିସିମିଲି), ପ୍ରକାର: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଦୁର୍ଯ୍ୟୋଧନ ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରମୋଦ ଜେନା | | ସମ୍ପତ୍ତି-୪: ଟ.୬,୪୦,୪୪,୦୦୦/- / ଟ.୬୪,୦୪,୪୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ : ୦୭.୦୩.୨୦୨୬ରିଖ (ଶନିବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୬.୦୩.୨୦୨୬ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା୦୧.୦୩.୨୦୨୬ରିଖରୁ ତା୦୬.୦୩.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ **https://baanknet.com** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://baanknet.com** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



**यूनियन बैंक ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର **କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ କ୍ର.ନଂ.: ୧ ନିମନ୍ତେ ତା.୧୮.୦୨.୨୦୨୬ରିଖ, କ୍ର.ନଂ.: ୨ ନିମନ୍ତେ ତା.୨୭.୦୨.୨୦୨୬ରିଖ ଏବଂ କ୍ର.ନଂ.: ୩ ନିମନ୍ତେ ତା.୦୫.୦୩.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ / ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଠା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ **/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଠା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୫,୦୭,୩୩୧.୪୪** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ | ଟ.୮,୬୭,୦୦୦/- / ଟ.୮୬,୭୦୦/- / ଟ.୮,୭୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଶର୍ମା ଛକ ତାଳଚେର ଶାଖା, ମୋ.: ୯୫୫୮୮୫୫୯୫୮ / ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, **୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୦୩ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୬,୮୭,୦୧୯.୧୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚତୁଇତା ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ | ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ମୃତକ ପ୍ରଣବ କରଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) କ) ଶ୍ରୀ ବିଚିତ୍ରାନନ୍ଦ କର,** ପିତା: ଶ୍ରୀ ଉଦୟନାଥ କର, **୧) ଖ) କାବେରୀ କର,** ସ୍ୱାମୀ: ୰ ପ୍ରଣବ କର, ଉଭୟଙ୍କ ଠିକଣା- ସା: ଗୋପିନାଥପୁର ଶାସନ, ଓସ୍ତର, ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୧୩ **ଏବଂ ଅନ୍ୟମାନେ, ୨) ଶ୍ରୀ ବିଚିତ୍ରାନନ୍ଦ କର,** ପିତା: ଶ୍ରୀ ଉଦୟନାଥ କର, **୩) କାବେରୀ କର,** ସ୍ୱାମୀ: ୰ ପ୍ରଣବ କର, ଉଭୟଙ୍କ ଠିକଣା- ସା: ଗୋପିନାଥପୁର ଶାସନ, ଓସ୍ତର, ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୧୩ / **ବକେୟା ରାଶି: ତା.୩୧.୧୨.୨୦୨୫ରିଖ ସୁଦ୍ଧା ଟ.୨୧,୭୧,୫୦୭.୮୩** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିଚିତ୍ରାନନ୍ଦ କରଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮ ଏବଂ ୯, ଖାତା ନଂ.: ୩୮, ମୌଜା: ଓସ୍ତର, ଥାନା: ମାର୍ଶାଘାଇ ନଂ.: ୨୫୦, ତହସିଲ: ମହାକାଳପଡା ନଂ.: ୨୫୦, ଜିଲ୍ଲା: କେନ୍ଦ୍ରାପଡା, **ମୋଟ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି (ଯାହା ୨୧୭୮ ବର୍ଗଫୁଟ),** କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦, ଦକ୍ଷିଣ: ପ୍ଲଟ୍ ନଂ.: ୭, ପୂର୍ବ: ରାସ୍ତା, ପଶ୍ଚିମ: ମୌଜା ସରହଦ | ଟ.୧୪,୧୭,୦୦୦/- / ଟ.୧,୪୧,୭୦୦/- / ଟ.୧୪,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : କ୍ର.ନଂ.: ୧ ନିମନ୍ତେ ତା.୧୮.୦୨.୨୦୨୬ରିଖ, କ୍ର.ନଂ.: ୨ ନିମନ୍ତେ ତା.୨୭.୦୨.୨୦୨୬ରିଖ ଏବଂ କ୍ର.ନଂ.: ୩ ନିମନ୍ତେ ତା.୦୫.୦୩.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com & https://www.unionbankofindia.co.in/auction-property/view-auction-property.aspx** ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ନାବାଳକ ଧରମ ପୁଅଙ୍କ ଜଘନ୍ୟ କାଣ୍ଡ

■ ଚୋରି ଲୁଚାଇବା ପାଇଁ ବ୍ଲେଡରେ କାଟି ଖସିଗଲେ
■ ଗୋଡିପଡାରେ ଚାପା ଉତ୍ତେଜନା

ନୟାଗଡ଼,୩୧।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡା ଫାଣ୍ଡି ଭଗବତୀ ପାଟଣା ସାହି(ଖରୁଡା ସାହି)ରେ ଜଣେ ନାବାଳକ ଧରମ ପୁଅ ନିଜ ଚୋରି ଲୁଚାଇବା ପାଇଁ ଧରମ ମା' ସୁଜାତା ସେଠୀ(୩୦)ଙ୍କୁ ବ୍ଲେଡରେ କାଟି ଶୁକ୍ରବାର ରାତିରେ ପଳାଇ ଯାଇଥିଲେ। ସୁଜାତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଡାହାଣ ହାତର ଏକ ଆଙ୍ଗୁଠି କଟି ଯାଇଥିବାବେଳେ ନାକ, ମୁହଁ ଆଦି ସ୍ଥାନରେ କ୍ଷତ ରହିଛି । ଏ ଘଟଣା ଜଣାପଡିବା ପରେ ଗୋଡିପଡାରେ ଉତ୍ତେଜନା ଦେଖାଦେଇଛି । ପୋଲିସ ଘଟଣାର ତଦନ୍ତ କରୁଥିଲେ ହେଁ ଅଭିଯୋଗ ନ ଥିବାରୁ ମାମଲା ରୁଜୁ ହୋଇନାହିଁ । ସୂଚନା ଅନୁସାରେ, ଗୋଡିପଡା ଖରୁଡା ସାହିର କୁନା ସେଠୀଙ୍କ ସ୍ତ୍ରୀ ସୁଜାତାଙ୍କର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବା ପାଇଁ କିସ୍ତି ଟଙ୍କା ଉଠାଣ ହୋଇଥିଲା। ଟଙ୍କାକୁ ସୁଜାତା କାମ କରିଥିବା ଶ୍ରମିକ, ମିସ୍ତ୍ରୀ, ଘର ଉପକରଣ ବାବଦକୁ ପରିଶୋଧ କରିଥିଲେ । କିଛି ଟଙ୍କା ଘରେ ରଖିଥିଲେ । ତେବେ ଆବାସ ଯୋଜନାରେ ଟଙ୍କା ମିଳିଥିବା ନେଇ ୧୪ ବର୍ଷର ନାବାଳକ ଧରମ ପୁଅ ଜାଣିପାରି ଚୋରି ପାଇଁ ପ୍ରସ୍ତୁତି ହୋଇଥିଲେ। ଏଥିପାଇଁ ସେ ଛାତ ଉପରେ ନବ ନିର୍ମିତ ଅଧା ପନ୍ତରିଆ ଘରେ ଶନିବାର ରାତି ୧୦ଟା ପର୍ଯ୍ୟନ୍ତ ଲୁଚି ରହିଥିଲେ। ରାତି ୧୦ ଟା ପରେ ସୁଜାତା ନିଜର ଦୁଇ ଝିଅଙ୍କୁ ଧରି ଘରେ ଶୋଇଥିଲେ । ତାଙ୍କ ପରିବାର ସଦସ୍ୟ ଶୋଇବା ପରେ ନାବାଳକ ଘରେ ପଶି ଟଙ୍କା ଚୋରାଇ ନେବାକୁ ଉଦ୍ୟମ କରିଥିଲେ । ହେଲେ ସେହି ସମୟରେ ସୁଜାତା ଉଠି ପଡି ନାବାଳକ ଧରମ ପୁଅଙ୍କୁ ଚୋରି କରିବାରେ ବାଧା ସୃଷ୍ଟି କରିଥିଲେ। ଟଙ୍କା ଚୋରି ହୋଇଛି କି ନାଁ ଜଣାପଡି ନ ଥିବାବେଳେ ସୁଜାତା ଓ ନାବାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଛି। ଚୋରି କାରନାମା ଧରା ନ ପଡିବା ପାଇଁ ନାବାଳକ ବ୍ଲେଡରେ ସୁଜାତାଙ୍କୁ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ସାନ ଝିଅ ଉଠିଥିବା ବେଳେ ମା' ତଳେ ପଡି ଯାଇଥିବା ଦେଖିବାକୁ ପାଇଲେ । ଅନ୍ୟପକ୍ଷେ ସେହି ସମୟରେ ନାବାଳକ ଘର ଛାଡି ଫେରାର ହେଉଥିବା ଦେଖିବାକୁ ପାଇଲେ । ପାଟିତୁଣ୍ଡ ଶୁଣି ସାହି ଲୋକ ଉଠି ପଡିଥିଲେ।

ସେହି ସମୟକୁ ସ୍ୱାମୀ କୁନା ଘରକୁ ଆସି ସୁଜାତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ବ୍ୟବସ୍ଥା କରାଇଥିଲେ। ଅନ୍ୟପକ୍ଷେ ନାବାଳକ ଘରକୁ ଯାଇ ସଫା ସୁତରା ହୋଇ ଆମ୍ବୁଲାନ୍ସ ପାଖକୁ ଆସି ଘଟଣା କ'ଣ ବୋଲି ପଚାରି ବୁଝିବାକୁ ଚେଷ୍ଟା କରିଥିଲେ। ତେବେ ଚେତା ଫେରୁ ନ ଥିବାରୁ ଘଟଣା କ'ଣ ଥିଲା ଜଣା ପଡୁନଥିଲେ ହେଁ ସୁଜାତାଙ୍କ ସାନ ଝିଅ ନାବାଳକଙ୍କୁ ଚିହ୍ନଟ କରିବା ପରେ ଘଟଣା ଲୋକ ଲୋଚନକୁ ଆସିଛି । ନାବାଳକଙ୍କଠାରୁ ପୋଲିସ ଆକ୍ରମଣରେ ବ୍ୟବହୃତ ସିଜରିଂ ପାଇଁ ଉଦ୍ଦିଷ୍ଟ ବ୍ଲେଡ ଜବତ କରିଥିବା ବେଳେ ପଚରାଉଚୁରା କରୁଛି। ନାବାଳକ ବାପାଙ୍କ ତକିଆ ତଳେ ବ୍ଲେଡ ରଖିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଗୋଡିପଡା ଫାଣ୍ଡି ଅଧିକାରୀ ହାଇଦର ଅଲ୍ଲୀଙ୍କୁ ପଚାରିବାରୁ କୁନା ସେଠୀଙ୍କ ପରିବାର ପକ୍ଷରୁ ଚୋରି ନେଇ ଅଭିଯୋଗ ହୋଇ ନ ଥିବା କହିଛନ୍ତି ।

# ପ୍ରେମ ପାଇଁ ଯୁବକଙ୍କୁ ହତ୍ୟା ଅଭିଯୋଗ

■ ମାରି ଫୋପାଡି ଦେଲେ ନାଳରେ
■ ୫ ଦିନ ପରେ ମିଳିଲା ମୃତଦେହ
■ ବରପଲ୍ଲୀରେ ଉତ୍ତେଜନା

ନୟାଗଡ଼/ରଣପୁର,୩୧।୧
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ କୋଦଳାପଲ୍ଲୀ ଅଞ୍ଚଳ ବରପଲ୍ଲୀ ଗାଁର ବିକାଶ ପ୍ରଧାନ (୨୧)ଙ୍କୁ ପ୍ରେମ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୫ ଦିନ ତଳେ ନିଖୋଜ ହୋଇଥିବା ବିକାଶଙ୍କ ଗଳିତ ମୃତଦେହ ଶନିବାର ସକାଳୁ କୋଦଳାପଲ୍ଲୀ ଜଙ୍ଗଲ ନିକଟରେ ଥିବା ନାଳରୁ ଉଦ୍ଧାର ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତକଙ୍କ ସାନ ଭାଇ ମାନସଙ୍କ ଅଭିଯୋଗ ଅନୁସାରେ ବରପଲ୍ଲୀ ଗାଁର ଭୀମସେନ ପ୍ରଧାନଙ୍କର ବଡପୁଅ ବିକାଶ ଜଣେ ଜେସିବି ଡ୍ରାଇଭର ଭାବେ କାମ କରୁଥିଲେ । ଗତ ୨୬ ତାରିଖରେ କୋଦଳାପଲ୍ଲୀ ଗାଁକୁ ଏକ ବିବାହ ଭୋଜିରେ ଯୋଗ ଦେବାପାଇଁ ସ୍କୁଟି ଯୋଗେ ଯାଇଥିଲେ, ହେଲେ ସେ ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକମାନେ ଗତ ୨୭ ତାରିଖରେ ଖୋଜାଖୋଜି କରି ତାଙ୍କ ସ୍କୁଟିକୁ କୋଦଳାପଲ୍ଲୀ ଅଞ୍ଚଳରୁ ପାଇଥିଲେ। ହେଲେ ବିକାଶଙ୍କର ସନ୍ଧାନ ମିଳି ନ ଥିଲା। ୨୮ ତାରିଖରେ ପୁଣି ଖୋଜାଖୋଜି ପରେ ସୁଫଳ ନ ପାଇବାରୁ ରଣପୁର ଥାନାରେ


ବିକାଶ ପ୍ରଧାନ

ଅଭିଯୋଗ କରିଥିଲେ। ପୋଲିସ ୨୮ ତାରିଖରେ ନଂ.୧୧/୨୬ରେ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହେଲେ ତାଙ୍କର କିଛି ସନ୍ଧାନ ପାଇ ନ ଥିଲା। ପରିବାର ଓ ଗ୍ରାମବାସୀ କିନ୍ତୁ ଚୁପ୍ ବସି ନ ରହି ଖୋଜାଖୋଜି ଜାରି ରଖିଥିଲେ। ଶନିବାର ସକାଳେ କୋଦଳାପଲ୍ଲୀ ଜଙ୍ଗଲ ନିକଟରେ ଥିବା ନାଳରେ ମୁହଁ ମାଡି ହୋଇ ଜଣେ ଯୁବକଙ୍କ ମୃତଦେହ ପଡିଥିବାର ଦେଖିବାକୁ ପାଇ ରାଜସୁନାଖଳା ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ମୃତଦେହ ବିକାଶଙ୍କର ବୋଲି ପରିବାର ଓ ଗାଁଲୋକ ଚିହ୍ନଟ କରିଥିଲେ । ପାରିପାର୍ଶ୍ୱିକ ସ୍ଥିତ ଓ ବିଗତ କିଛି ଦିନର ଘଟଣାକୁ ଅନୁଧ୍ୟାନ ପରେ ତାଙ୍କୁ ହତ୍ୟା କରି ନାଳରେ ଫୋପାଡି ଦିଆଯାଇଥିବା ପରିବାର ପକ୍ଷରୁ ସନ୍ଦେହ କରାଯାଇଥିଲା। ଏଣୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ପୁଣି ଥାନାରେ ଶନିବାର ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ବିକାଶଙ୍କ ସହ ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା । ଉଭୟେ ପରସ୍ପରକୁ ବିବାହ କରିବାକୁ ଚାହୁଁଥିଲେ । ଯୁବତୀଙ୍କ ପରିବାର ପକ୍ଷରୁ ପ୍ରେମ ବିବାହକୁ ବିରୋଧ କରାଯାଉଥିଲା । କିଛି ଦିନ ତଳେ ଯୁବତୀଙ୍କ ପରିବାରର କେତେକ ସଦସ୍ୟ ଆସି ବିକାଶଙ୍କ ଘରେ ପାଟିତୁଣ୍ଡ କରିବା ସହ ଯୁବତୀଙ୍କୁ ଭୁଲି ଯିବାକୁ ଧମକ ଦେଇ ଯାଇଥିଲେ। ଧମକର କିଛି ଦିନ ପରେ ମୃତଦେହ ଉଦ୍ଧାର ଘଟଣା ପ୍ରେମ ସମ୍ପର୍କକୁ ସନ୍ଦେହ ଭିତରକୁ ଟାଣି ନେଇଛି । କେଉଁମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ପରିବାର ପକ୍ଷରୁ ମଧ୍ୟ ସେମାନଙ୍କର ନାଁ ଓ କେଉଁ ଗାଁର ଅଭିଯୋଗ ରହିଛି ।

# ଲୋକ ନୋଡାଲ ବିଦ୍ୟାପୀଠରେ ଅବସର ସମ୍ବର୍ଦ୍ଧନା ସଭା

ଶରଣକୁଳ,୩୧।୧(ଦୀପକ କର): ଶରଣକୁଳ ନିକଟ ପଞ୍ଚୁରିଡ଼ା ମାନପୁରର ଲୋକ ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହଙ୍କ ପୌରୋହିତ୍ୟରେ ଶନିବାର ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବରାଡ଼ ବିଦାୟୀ ଶିକ୍ଷକଙ୍କର ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ସ୍ନେହ ଏବଂ ବିଦ୍ୟାଳୟର ଉନ୍ନତି ପାଇଁ ତାଙ୍କର ମହନୀୟ କାର୍ଯ୍ୟର ସ୍ମୃତିଚାରଣ କରିଥିଲେ। ପରିଚାଳନା କମିଟି ସଭାପତି ବୈକୁଣ୍ଠନାଥ ପ୍ରଧାନ, ଶିକ୍ଷା ସେତୁ କମିଟି ସଭାପତି ସନ୍ତୋଷ କୁମାର ପାଳ, ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କର ଗୁଣଗାନ କରି ସେମାନଙ୍କ ବକ୍ତବ୍ୟରେ ତାଙ୍କ ପରି ଜଣେ ସରଳ, ସହନଶୀଳ, ଛାତ୍ରବତ୍ସଳ, ବନ୍ଧୁସ୍ନେହୀ ଓ ଗୁଣଗ୍ରାହୀ ଶିକ୍ଷକ ବାସ୍ତବରେ ବିରଳ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ତାଙ୍କର କୁନି କୁନି ଭାଷାରେ ସେମାନଙ୍କର ପ୍ରିୟ ଶିକ୍ଷକଙ୍କ ପ୍ରତି ନିଜର ଶ୍ରଦ୍ଧା ପ୍ରକଟ କରିଥିଲେ। ଶିକ୍ଷକତାରେ ବିଦାୟ ନ ଥାଏ, ପ୍ରବୃତ୍ତିଗତ ଶିକ୍ଷକତା ଏକ ଆଜୀବନ ସାଧନା। ସେଥିରେ ଅବସର ଗ୍ରହଣ ଏକ ସାଧାରଣ ପ୍ରକ୍ରିୟା। ହେଲେ ଅବସରକାଳୀନ ବିଦାୟ ଉତ୍ସବର ଭାବମୟ ପରିବେଶ ବିଦାୟୀ ଶିକ୍ଷକଙ୍କର ଉକ୍ତ ଶିକ୍ଷାୟତନ ତଥା ତାହାର ବାହ୍ୟ ସାମାଜିକ ପରିବେଶରେ ଥିବା ପ୍ରଭାବର ଆକଳନ କରିବାର ଏକ ମାପଦଣ୍ଡ ପାଲଟିଯାଏ ବୋଲି ଶିକ୍ଷକ କୃପାସିନ୍ଧୁ ମିଶ୍ରଙ୍କ ଅବସରଜନିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ପ୍ରେମାନନ୍ଦ ପାତ୍ର, ବାପିନା ବେହେରା, ମନୋରଞ୍ଜନ ରାଉତ, ରମେଶ ପ୍ରଧାନ, ଶୁଭେନ୍ଦୁ କୁମାର ପରିଡ଼ା, ଅଶୋକ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ଆରାଧନା ଗୌଡ଼, ସୋନାଲିନ ନାୟକ, ଗଙ୍ଗୋତ୍ରୀ ପ୍ରଧାନ, ମାଳତୀ ଦେଈ, ମାଳତୀ ବେହେରା, ଶିକ୍ଷକ ସ୍ମୃତି ରଞ୍ଜନ ରାଉତ, ଅଫିସ ସହାୟକ ଭବାନୀ ବାଘ ଓ ଚୁନି ପ୍ରଧାନ ଆଦି ବିଦାୟୀ ଶିକ୍ଷକଙ୍କ ସ୍ଥାନ ସର୍ବଦା ବିଦ୍ୟାଳୟ ପାଇଁ ଅପୂରଣୀୟ ହୋଇ ରହିବ ବୋଲି କହିଥିଲେ। ବିଦାୟୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ର ଓ ବିଦ୍ୟାଳୟ ତରଫରୁ ମାନପତ୍ର, ଶ୍ରୀମଦ ଭଗବଦ୍ ଗୀତା ପୁସ୍ତକ, ସାଲ ଓ ମେମେଣ୍ଟୋ ଆଦି ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ଡ. ବରାଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ଅଷ୍ଟପ୍ରହର ନାମଯଜ୍ଞ

ଖଣ୍ଡପଡା,୩୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଂଟିଲୋ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ପାଟଣା ନିକଟରେ ମା' ମଙ୍ଗଳାଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଶନିବରଠାରୁ ପାଳିତ ହୋଇଯାଇଛି । ଏଥିପାଇଁ ସ୍ଥାନୀୟ ପାଟଣା ତିଅରସାହି ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି । ଶନିବାର ସକାଳ ୭ଟାରେ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ନୀଳମାଧବ ନିକଟରେ ପ୍ରବାହିତ ମହାନଦୀ ଘାଟରୁ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରା ସମୟରେ ଭୁବନେଶ୍ୱର ଅଞ୍ଚଳର ଜନୈକ ଚକୁଳିଆପଣ୍ଡା କୃଷ୍ଣଚନ୍ଦ୍ର ରାଉତ କଳସ ଶୋଭାଯାତ୍ରାରେ ଯାଉଥିବା ବେଳେ ହଜାର ହଜାର ଜନସାଧାରଣ ଏ ଦୃଶ୍ୟକୁ ଉପଭୋଗ କରିଥିଲେ। ପରେ ପରେ ଅଙ୍କୁରାରୋପଣ ଓ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ଯୁଧିଷ୍ଠିର ବେହେରା, ବିପିନ ଭୋଇ ଓ ସୁରେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରବିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ନାଥ ବେହେରାଙ୍କ ଠାରୁ ପ୍ରକାଶ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୂର୍ଯ୍ୟକାନ୍ତ


@ ଗୌତମ


@ ବଳରାମ


@ ଶୁଭଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://baanknet.com**

| କ୍ର. ନଂ. | କଟକ, ଜଗତପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା ଫାର୍ମ: ମେସର୍ସ ଏଲ୍.ଏନ୍. ଆଇସ୍ ମିଲ୍, ସ୍ୱତ୍ତ୍ୱାଧିକାରୀ: ନୃସିଂହ ଚରଣ ପରିଡା / ଋଣଗ୍ରହୀତା, ସ୍ୱତ୍ତ୍ୱାଧିକାରୀ, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ନୃସିଂହ ଚରଣ ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା, **୨) ନାରାୟଣ ଚନ୍ଦ୍ର ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା / **ଋଣଗ୍ରହୀତା ଫାର୍ମ: ମେସର୍ସ ପରିଡା ୱାର୍କସପ, ସ୍ୱତ୍ତ୍ୱାଧିକାରୀ: ନାରାୟଣ ଚନ୍ଦ୍ର ପରିଡା / ଜାମିନ୍‌ଦାରମାନେ: ୧) ସ୍ନିଗ୍ଧା ପରିଡା,** ସ୍ୱାମୀ: ନାରାୟଣ ଚନ୍ଦ୍ର ପରିଡା, **୨) ମିନତି ପରିଡା,** ସ୍ୱାମୀ: ନୃସିଂହ ଚରଣ ପରିଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ହୋଲ୍ଡିଂ ନଂ.: ୫୮୧, ୱାର୍ଡ ନଂ.: ୪୯, ସିଏମ୍‌ସି ନାନକର, ଜଗତପୁର, ପୋ: ଜଗତପୁର, କଟକ-୭୫୪୦୨୧ | **(୧) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଥାନା: ଟାଙ୍ଗି ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୧୬୭, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୦୬ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୯, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଖାତା ନଂ.: ୭୭୨/୩୪୦ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ଖାତା ନଂ.: ୭୭୨/୬୫୫ (ଅନୁରୂପ ଖାତା ନଂ.: ୪୩୮), ପ୍ଲଟ୍ ନଂ.: ୨୨୩୩/୫୪୭୯, କ୍ଷେତ୍ର: ଏକର୦.୨୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୩୬, କ୍ଷେତ୍ର: ଏକର୦.୦୨୦ଡିସିମିଲି **(ସମୁଦାୟ କ୍ଷେତ୍ର: ଏକର୦.୨୮୦ଡିସିମିଲି),** ପ୍ରକାର: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ଗନ୍ଧର୍ବ ପାତ୍ର, ଦକ୍ଷିଣ: ପବୋଦ ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ବୁଲା ସେନାପତି | ୨୩.୦୭.୨୦୨୫ / ୨୯.୧୨.୨୦୨୫ / ୨୯.୦୧.୨୦୨୬ ସୁଦ୍ଧା ଟ.୧୩,୦୨,୯୮,୯୨୪.୦୦ + ଆଦାୟୀକରଣ ତାରିଖ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ସମ୍ପତ୍ତି-୧: ଟ.୯,୪୯,୫୫,୦୦୦/- / ଟ.୯୪,୯୫,୫୦୦/- / ଟ.୫୦,୦୦୦/- |
| | **(୨) ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଚକବନ୍ଦୀ ଖାତା ନଂ.: ୨୭୮, ପ୍ଲଟ୍ ନଂ.: ୧୮୫୧ (ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୭), କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ରକାର: ଘରବାରି, ଏହାର ଚରିପାର୍ଶ୍ୱରେ: (ପ୍ଲଟ୍ ନଂ. ୧୮୫୦)- ଉତ୍ତର: ମାଗୁଣି ଜେନା, ଦକ୍ଷିଣ: ବଂଶୀଧର ଜେନା ଏବଂ ଅନ୍ୟମାନେ, ପୂର୍ବ: ମାଗୁଣି ଜେନା, ପଶ୍ଚିମ: ରାସ୍ତା **ଏବଂ** ଖାତା ନଂ.: ୨୯୬, ପ୍ଲଟ୍ ନଂ.: ୧୮୫୦ (ଅନୁରୂପ ହାଲ ବନ୍ଦୋବସ୍ତ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୬), କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ରକାର: ଘରବାରି, ମୌଜା: ତରୋଳ, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି ନଂ. ୭୨, ଜିଲ୍ଲା: କଟକ, **(ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି),** ଏହାର ଚରିପାର୍ଶ୍ୱରେ: (ପ୍ଲଟ୍ ନଂ. ୧୮୫୧)- ଉତ୍ତର: ଦୁର୍ଯ୍ୟୋଧନ ପରିଡ଼ା, ଦକ୍ଷିଣ: ରାମ ଚନ୍ଦ୍ର ସ୍ୱାଇଁ, ପୂର୍ବ: ଏସ୍. ମୁଖାର୍ଜୀ, ପଶ୍ଚିମ: ରାସ୍ତା | | | ସମ୍ପତ୍ତି-୨: ଟ.୭୩,୭୦,୦୦୦/- / ଟ.୭,୩୭,୦୦୦/- / ଟ.୫୦,୦୦୦/- |
| | **(୩) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଏସ୍‌ଆରଓ: ଜଗତପୁର, ତହସିଲ: କଟକ ନଂ. ୧୬୭, ଟାଙ୍ଗି (ଚୌଦ୍ୱାର), ଥାନା: ଟାଙ୍ଗି-୭୧, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୨୨, ପ୍ଲଟ୍ ନଂ.: ୧୭୬୭/୫୨୧୦, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୭୭୦, ଦକ୍ଷିଣ: ପ୍ଲଟ୍ ନଂ. ୧୭୬୭, ପୂର୍ବ: ପ୍ଲଟ୍ ନଂ. ୧୮୧୩ ଏବଂ ୧୮୧୪, ପଶ୍ଚିମ: ପ୍ଲଟ୍ ନଂ. ୧୭୬୮ ଏବଂ ୧୭୬୯ | | | ସମ୍ପତ୍ତି-୩: ଟ.୧,୦୬,୦୮,୦୦୦/- / ଟ.୧୦,୬୦,୮୦୦/- / ଟ.୫୦,୦୦୦/- |
| | **(୪) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଳ, ଏସ୍‌ଆରଓ: ଜଗତପୁର, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି-୭୨, ଜିଲ୍ଲା: କଟକ, ଖାତା ନଂ.: ୨୩୪, ପ୍ଲଟ୍ ନଂ.: ୧୪୨୪, କ୍ଷେତ୍ର: ଏକର୦.୦୭୦ (୦.୦୩୦)ଡିସିମିଲି, ପ୍ଲଟ୍ ନଂ.: ୧୪୨୫, କ୍ଷେତ୍ର: ଏକର୦.୧୨୦ (୦.୦୫୦)ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୬, କ୍ଷେତ୍ର: ଏକର୦.୦୮୦ (୦.୦୫୦)ଡିସିମିଲି, (ମୋଟ କ୍ଷେତ୍ର: ଏକର୦.୨୭୦ଡିସିମିଲି, ଯାହା ମଧ୍ୟରୁ ସମ୍ପତ୍ତି ମାଲିକଙ୍କ କ୍ଷେତ୍ର: ଏକର୦.୧୩୦ଡିସିମିଲି), ପ୍ରକାର: ଘରବାରି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଦୁର୍ଯ୍ୟୋଧନ ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରମୋଦ ଜେନା | | | ସମ୍ପତ୍ତି-୪: ଟ୬,୪୦,୪୪,୦୦୦/- / ଟ.୬୪,୦୪,୪୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ୦୭.୦୩.୨୦୨୬ରିଖ (ଶନିବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୬.୦୩.୨୦୨୬ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା୦୧.୦୩.୨୦୨୬ରିଖରୁ ତା୦୬.୦୩.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ **https://baanknet.com** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://baanknet.com** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬ — ସ୍ୱା- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ କ୍ର.ନଂ.: ୧ ନିମନ୍ତେ ତା.୧୮.୦୨.୨୦୨୬ରିଖ, କ୍ର.ନଂ.: ୨ ନିମନ୍ତେ ତା.୨୭.୦୨.୨୦୨୬ରିଖ ଏବଂ କ୍ର.ନଂ.: ୩ ନିମନ୍ତେ ତା.୦୫.୦୩.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ /** **ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଠା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ /**ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଠା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା -୭୫୯୦୦୧ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୫,୦୭,୩୩୧.୪୪** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର ୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ | ଟ.୮,୬୭,୦୦୦/- / ଟ.୮୬,୭୦୦/- / ଟ.୮,୭୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଶର୍ମା ଛକ ତାଳଚେର ଶାଖା, ମୋ.: ୯୫୫୮୮୫୫୯୫୮ /** **ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, **୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ,** ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୦୩ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୬,୮୭,୦୧୯.୧୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ମୌଜା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚ୍ୟୁତାନନ୍ଦ ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ | ଟ.୫,୧୪,୦୦୦/- / ଟ.୫୧,୪୦୦/- / ଟ.୫,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ /** **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ମୃତକ ପ୍ରଣବ କରଙ୍କ ସମ୍ପତ୍ତିର ପ୍ରତିନିଧିମାନେ: ୧) କ) ଶ୍ରୀ ବିଚିତ୍ରାନନ୍ଦ କର,** ପିତା: ଶ୍ରୀ ଉଦୟନାଥ କର, **୧) ଖ) କାବେରୀ କର,** ସ୍ୱାମୀ: ୰ ପ୍ରଣବ କର, ଉଭୟଙ୍କ ଠିକଣା- ସା: ଗୋପିନାଥପୁର ଶାସନ, ଓସ୍ତର, ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୧୩ **ଏବଂ ଅନ୍ୟମାନେ, ୨) ଶ୍ରୀ ବିଚିତ୍ରାନନ୍ଦ କର,** ପିତା: ଶ୍ରୀ ଉଦୟନାଥ କର, **୩) କାବେରୀ କର,** ସ୍ୱାମୀ: ୰ ପ୍ରଣବ କର, ଉଭୟଙ୍କ ଠିକଣା- ସା: ଗୋପିନାଥପୁର ଶାସନ, ଓସ୍ତର, ଯଦୁପୁର, ମାର୍ଶାଘାଇ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୧୩ / **ବକେୟା ରାଶି: ତା.୩୧.୧୨.୨୦୨୫ରିଖ ସୁଦ୍ଧା ଟ.୨୧,୭୧,୫୦୭.୮୩** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିଚିତ୍ରାନନ୍ଦ କରଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮ ଏବଂ ୯, ଖାତା ନଂ.: ୩୮, ମୌଜା: ଓସ୍ତର, ଥାନା: ମାର୍ଶାଘାଇ ନଂ.: ୨୫୦, ତହସିଲ: ମହାକାଳପଡା ନଂ.: ୨୫୦, ଜିଲ୍ଲା: କେନ୍ଦ୍ରାପଡା, **ମୋଟ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି (ଯାହା ୨୧୭୮ ବର୍ଗଫୁଟ),** କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୦, ଦକ୍ଷିଣ: ପ୍ଲଟ୍ ନଂ.: ୭, ପୂର୍ବ: ରାସ୍ତା, ପଶ୍ଚିମ: ମୌଜା ସରହଦ | ଟ.୧୪,୧୭,୦୦୦/- / ଟ.୧,୪୧,୭୦୦/- / ଟ.୧୪,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : କ୍ର.ନଂ.: ୧ ନିମନ୍ତେ ତା.୧୮.୦୨.୨୦୨୬ରିଖ, କ୍ର.ନଂ.: ୨ ନିମନ୍ତେ ତା.୨୭.୦୨.୨୦୨୬ରିଖ ଏବଂ କ୍ର.ନଂ.: ୩ ନିମନ୍ତେ ତା.୦୫.୦୩.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧)/୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସମବାୟ ଢାଞ୍ଚାର ହେବ ଆଧୁନିକୀକରଣ



## ରାଜ୍ୟ ସମବାୟ ନୀତି-୨୦୨୬କୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର,୩୧।୧(ରବିନାରାୟଣ ଜେନା)

ରାଜ୍ୟରେ ସମବାୟକୁ ସଶକ୍ତ କରିବା ସହିତ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିକୁ ଦୃଷ୍ଟିରେ ରଖି ଶନିବାର ରାଜ୍ୟ କ୍ୟାବିନେଟ୍ 'ରାଜ୍ୟ ସମବାୟ ନୀତି-୨୦୨୬'କୁ ଅନୁମୋଦନ ଦେଇଛି। ଲୋକସେବାଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ରାଜ୍ୟରେ ସମବାୟର ସ୍ୱତଃ ଅଭିବୃଦ୍ଧି ପାଇଁ ଏକ ସ୍ଥାୟୀ ଆଇନଗତ, ନିୟାମକ ଏବଂ ଆର୍ଥିକ ଢାଞ୍ଚା ପ୍ରଦାନ କରିବା ଏହି ନୀତିର ମୂଳ ଲକ୍ଷ୍ୟ। ଏହାସହିତ ସମବାୟ ଢାଞ୍ଚାର ଆଧୁନିକୀକରଣ ଓ ଏହାକୁ ପେସାଦାର ଅନୁଷ୍ଠାନ ରୂପେ ପରିଣତ କରି ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ସୁଶାସନ ସୁନିଶ୍ଚିତ କରିବା। କୃଷି, ଋଣ, ମାର୍କେଟିଂ, ପ୍ରକ୍ରିୟାକରଣ ଏବଂ କୃଷି-ବ୍ୟବସାୟ ପାଇଁ ପାକ୍ସକୁ ବହୁ-ସେବା କେନ୍ଦ୍ର ଭାବରେ ସୁଦୃଢ଼ କରିବା। ସଦସ୍ୟଙ୍କ ଅଂଶଗ୍ରହଣ, ଆର୍ଥିକ ଅନ୍ତର୍ଭୁକ୍ତ ଏବଂ ଡିଜିଟାଲ୍ ସେବା ଯୋଗାଣକୁ ବୃଦ୍ଧି କରିବା। ସମବାୟ ମାଧ୍ୟମରେ କୃଷି ପ୍ରକ୍ରିୟାକରଣ, ଗୋଦାମ, ଯୋଗାଣ ଶୃଙ୍ଖଳା ଭିତ୍ତିଭୂମି, ବଜାର ସଂଯୋଗକୁ ପ୍ରୋତ୍ସାହନ, ବ୍ୟବସ୍ଥିତ ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ସମବାୟ ସଦସ୍ୟଙ୍କୁ ସଶକ୍ତ କରିବା ଲକ୍ଷ୍ୟ ରଖାଯାଇଛି। ସେ କହିଥିଲେ, ଏହା ମାଧ୍ୟମରେ ରାଜ୍ୟରେ ସମବାୟ ଭିତ୍ତିଭୂମି ସୁଦୃଢ଼ୀକରଣ, ସମବାୟ ସକ୍ରିୟତାକୁ ପ୍ରୋତ୍ସାହନ, ସମିତିଗୁଡ଼ିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା, ସମାବେଶିତାକୁ ପ୍ରୋତ୍ସାହିତ କରିବା, ସମବାୟ ପହଞ୍ଚକୁ ସୁଦୃଢ଼ କରିବା, ନୂତନ ଓ ଉଦୀୟମାନ କ୍ଷେତ୍ରରେ ପ୍ରବେଶ କରିବା, ସମବାୟ ମାଧ୍ୟମରେ ସମୃଦ୍ଧି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଓ ସମବାୟ ଶାସନକୁ ସୁଦୃଢ଼ କରାଯାଇ ପାରିବ।

ଗର୍ଗ କହିଥିଲେ, ଏହି ନୀତି ରାଜ୍ୟର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିର ଦୃଷ୍ଟିକୋଣ ସହିତ ସମନ୍ୱିତ ହୋଇ ସମବାୟ କ୍ଷେତ୍ରକୁ ଏକ ଜୀବନ୍ତ, ପ୍ରଯୁକ୍ତି ବିଦ୍ୟା-ଆଧାରିତ, ଦକ୍ଷ ଏବଂ ସଦସ୍ୟ-କୈନ୍ଦ୍ରିକ ପରିସଂସ୍ଥା (ଇକୋସିଷ୍ଟମ)ରେ ପରିଣତ କରିବା ଦିଗରେ ଏକ ମାଇଲଖୁଣ୍ଟ ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସମବାୟ ନୀତି-୨୦୨୫ ପ୍ରକାଶିତ ହେବା ପରେ ରାଜ୍ୟ ସମବାୟ ବିଭାଗ ଏହି ନୀତି ଆଣିଛି। ରାଜ୍ୟ ସମବାୟ ନୀତି-୨୦୨୬ର ଲକ୍ଷ୍ୟ ହେଉଛି ପ୍ରାଥମିକ କୃଷି ସମବାୟ ସମିତି, ବୃହଦାକାର ଆଦିବାସୀ ବହୁମୁଖୀ କୃଷି ସମବାୟ ସମିତି, ସମବାୟ ବ୍ୟାଙ୍କ, ସମବାୟ ବିପଣନ ଓ ପ୍ରକ୍ରିୟାକରଣ ସମିତି, ଦୁଗ୍ଧ, ଆଦିବାସୀ, ହସ୍ତତନ୍ତ, ମତ୍ସ୍ୟ ଏବଂ ଗୃହ ନିର୍ମାଣ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବା, ଯାହାଦ୍ୱାରା ସମବାୟ ମାଧ୍ୟମରେ ସେବା ପ୍ରଦାନ ସହଜ ଓ ସହଳ ହୋଇପାରିବ। ଏହା ରାଜ୍ୟ ସରକାରଙ୍କ ଭିଜନ-୨୦୩୬ ଏବଂ ଭାରତ ବିକାଶ-୨୦୪୭ ଲକ୍ଷ୍ୟ ପୂରଣରେ ସହାୟକ ହେବ ବୋଲି ଗର୍ଗ କହିଥିଲେ।




# ଭୁଲ୍ ରିପୋର୍ଟ ଦେଇ ଏସିଏଫ୍ ନିଲମ୍ବିତ

ଭୁବନେଶ୍ୱର,୩୧।୧(ସୁନିତ୍ ମିଶ୍ର)

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ବାଲିଗୁଡ଼ା ଫରେଷ୍ଟ ଡିଭିଜନ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରିଛି। ଭୁଲ୍ ରିପୋର୍ଟ ଦେବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି। ବ୍ରହ୍ମପୁର ସର୍କଲ ଆର୍‌ସିସିଏଫ୍‌ଙ୍କ ରିପୋର୍ଟ ଆଧାରରେ ସୂର୍ଯ୍ୟକାନ୍ତ ପଦରୁ ନିଲମ୍ବିତ ହୋଇଥିବା ବିଭାଗ ପକ୍ଷରୁ ଶନିବାର ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ନିୟମାନୁଯାୟୀ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ସୂର୍ଯ୍ୟକାନ୍ତ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରେ ରହିବେ। ଅଧିକାରୀଙ୍କ ଅନୁମତି ବିନା ସୂର୍ଯ୍ୟକାନ୍ତ ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ। ସେ ତାଙ୍କ ଭତ୍ତା ବାବଦ ଅର୍ଥ ଏହି ସମୟରେ ପାଇବେ। କିଛିଦିନ ତଳେ କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ ଅଧୀନ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ପରେ ସେହି ଶବକୁ ଖଣ୍ଡ ଖଣ୍ଡ କରି କାଟି ମାଟିତଳେ ପୋତି ଦିଆଯାଇଥିଲା। ଜାନୁଆରୀ ୫ରେ ତଦନ୍ତ ପାଇଁ ଯାଇଥିବା ସୂର୍ଯ୍ୟକାନ୍ତ ଡିଏଫ୍‌ଓଙ୍କୁ ଭୁଲ୍ ରିପୋର୍ଟ ପ୍ରଦାନ କରିଥିଲେ। ହାତୀ ମୃତ୍ୟୁ ଘଟଣା ଗୁଜବ; ଏଥିରେ ସତ୍ୟାସତ୍ୟ ନ ଥିବା ସେ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଡିଏଫ୍‌ଓ ଘନଶ୍ୟାମ ମହାନ୍ତ ବେଲଘର ଯାଇ ସତ୍ୟାସତ୍ୟ ରିପୋର୍ଟ ପ୍ରଦାନ କରିଥିଲେ। ପରେ ଜଙ୍ଗଲ ଓ ପରିବେଶ ବିଭାଗ ସ୍ଥାନୀୟ ରେଞ୍ଜର ବିନୟ କୁମାର ବିଶିଙ୍କୁ ପ୍ରଥମେ ନିଲମ୍ବନ କଲା। ସୂଚନାଯୋଗ୍ୟ, ରାଜ୍ୟର ଅନେକ ଜଙ୍ଗଲରେ ବହୁ ମାତ୍ରାରେ ପଶୁପକ୍ଷୀଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଦେହରୁ ମିଳୁଥିବା ମୂଲ୍ୟବାନ୍ ଜିନିଷକୁ ମଧ୍ୟ ଚୋରାଚାଲାଣ କରାଯାଉଛି। ଅନେକ ସମୟରେ ଦାନ୍ତ ଆଦି ଚୋରାଚାଲାଣ ଲାଗି ହାତୀମାନଙ୍କୁ ମାରି ଦିଆଯାଉଛି। ଏପରିକି ବିଦ୍ୟୁତ୍ ତାର ଲାଗି କିମ୍ବା ରେଳରେ କଟି ହାତୀଙ୍କ ମୃତ୍ୟୁ ଘଟୁଛି। ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ବହୁ ଅଧିକାରୀମାନଙ୍କୁ ପଶୁ, ପକ୍ଷୀମାନଙ୍କ ସୁରକ୍ଷା ଲାଗି ନିଯୁକ୍ତି ଦିଆଯାଉଛି। ହେଲେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀ ପଶୁପକ୍ଷୀଙ୍କୁ ମାରିବା ଓ ଚୋରାଚାଲାଣର ମାଧ୍ୟମ ପାଲଟୁଥିବା ଖବର ମଧ୍ୟ ପ୍ରକାଶ ପାଉଛି।

ପ୍ରଥମ ପୃଷ୍ଠାରୁ...

## ବାଇକ୍ ଉପରେ...

ଯାଉଥିବା ଏହି ୩ ବାଇକ୍ ଉପରେ ମାଡ଼ି ଯାଇଥିଲା। ଫଳରେ ବାଇକ୍ ଚାଳକଙ୍କ ସମେତ ସେଥିରେ ବସିଥିବା ୫ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆହତମାନଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଛି। ଦୁର୍ଘଟଣା ଯୋଗୁ ରାସ୍ତାରେ ଗାଡ଼ି ମୋଟରଗୁଡ଼ିକ ଅଟକି ରହି କିଛି ସମୟ ଟ୍ରାଫିକ ସମସ୍ୟା ସୃଷ୍ଟି କରିଥିଲା। ପୋଲିସ ପହଞ୍ଚି ଏହାକୁ ନିୟନ୍ତ୍ରଣ କରି ଗାଡିମୋଟର ଚଳାଚଳ ସ୍ୱାଭାବିକ କରିଛି। ଟ୍ରକ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଟ୍ରକ ଚାଳକଙ୍କୁ ପୋଲିସ କାବୁ କରିଛି।

ସୂଚନାଯୋଗ୍ୟ, ୨୯, ଅକ୍ଟୋବର ୨୦୧୫ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଛକ ଜାତୀୟ ରାଜପଥ କଡରେ ପରିବା ବିକୁଥିବା କେତେଜଣ ମହିଳା ଓ ପୁରୁଷଙ୍କ ଉପରେ ଏକ ଟ୍ରକ ମାଡ଼ି ଯାଇଥିଲା। ଏଥିରେ ଘଟଣା ସ୍ଥଳରେ ୫ ଜଣ ଓ ଚିକିତ୍ସାଧୀନ ଅବସ୍ଥାରେ ୨ଜଣ ଏପରି ମୋଟ ୭ଜଣଙ୍କ ସେତେବେଳେ ମୃତ୍ୟୁ ହୋଇଥିଲା। ୬ଜଣ ଗୁରୁତର ହୋଇଥିଲେ। ଏବେ ୧୦ ବର୍ଷ ପରେ ଶନିବାର ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ଓଭରବ୍ରିଜରେ ଏପରି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି।

# ଗାନ୍ଧୀ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଦେଲେ ପିସିସି ସଭାପତି

ବାସୁଦେବପୁର,୩୧।୧
(ନାରାୟଣ ପ୍ରସାଦ ବାରିକ)


ମନ୍ତେଇ ନଦୀଘାଟଠାରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ।

କଂଗ୍ରେସର ଗାନ୍ଧୀପଥେ ଓଡ଼ିଶା ପଦଯାତ୍ରାର ୨ୟ ଦିବସ ଶନିବାର ସକାଳେ ପିସିସି ସଭାପତି ଭକ୍ତଚରଣ ଦାସ ଗାନ୍ଧୀ ସ୍ମୃତିପୀଠ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବାଲିମେଦ ପଞ୍ଚାୟତ ଚାରିବାଟିଆଠାରେ ପହଞ୍ଚି ମାଲ୍ୟାର୍ପଣ କରିଛନ୍ତି। ପଦଯାତ୍ରାରେ ବିଧାୟକ ଅଶୋକ ଦାସ, ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ସରପଞ୍ଚ ଆଦିତ୍ୟ ଗିରି, ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଯୁବ କଂଗ୍ରେସ ନଗର ସଭାପତି ସୁଶାନ୍ତ ମହାକୁଡ଼, ଯୁବନେତା ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ୧୯୨୭ରେ ଭଦ୍ରକ ଗସ୍ତ ସମୟରେ ମହାତ୍ମା ଗାନ୍ଧୀ ଡିସେମ୍ବର ୧୬ରୁ ୧୮ ତାରିଖ ୩ ଦିନ ଧରି ଚାରିବାଟିଆରେ ରାତ୍ରିଯାପନ କରିଥିଲେ। ଏହି

### ଅହିଂସା ମାର୍ଗକୁ ଆୟୁଧ କରି ଜନଜାଗରଣ ସୃଷ୍ଟି କଂଗ୍ରେସର ଲକ୍ଷ୍ୟ

ଐତିହାସିକ କ୍ଷଣକୁ ସ୍ମରଣ କରିବା ଏବଂ ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ କଂଗ୍ରେସ ମୁଖ୍ୟ ଆୟୁଧ କରି ଜନଜାଗରଣ ସୃଷ୍ଟି କରିବା ଏହି ପଦଯାତ୍ରାର ମୁଖ୍ୟ ଲକ୍ଷ୍ୟ ବୋଲି ପିସିସି ସଭାପତି କହିଥିଲେ। ପରେ ମନ୍ତେଇ ନଦୀ ପାରି ହୋଇ ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳକୁ ସେ ଗସ୍ତ କରିଥିଲେ। ଏଥିସହ ମନ୍ତେଇ ନଦୀରେ ଡଙ୍ଗାରେ ଯିବା ସମୟରେ ଡଙ୍ଗାରେ ଠିଆହୋଇ ଖବରକାଗଜ ପଢୁଥିବାର ଦେଖାଯାଇଥିଲା। ସ୍ୱାଧୀନତାର ୭୯ ବର୍ଷ ମଧ୍ୟରେ ଏହି ଐତିହାସିକ ପୀଠକୁ ସଂଯୋଗ ପାଇଁ ସ୍ଥାୟୀ ପୋଲ ନିର୍ମାଣ ହୋଇ ନ ଥିବାରୁ ଭକ୍ତ କ୍ଷୋଭ ପ୍ରକାଶ କରିଥିଲେ।

INDIAN COAST GUARD
We Protect ...




EMERGENCY MARITIME SEARCH & RESCUE (SAR) TELEPHONE NO. 1554
Note : Kindly call on above Toll free no. for any emergency at Sea

PRESIDENTIAL AWARDS 2025-26

Republic Day - 2026 (26th January 26)

| | | |
|---|---|---|
| ADG Donny Michael, PTM, TM | : | Ati Vishisht Seva Medal |
| DIG KS Sitaram | : | Vishisht Seva Medal |
| IG Iqbal Singh Chauhan, TM, IG Datwinder Singh Saini, TM | : | President's Tatrakshak Medal (Distinguished Service) |
| P/Nvk (ME) Saumyaranjan Behera | : | Uttam Jeevan Raksha Padak |
| Late Comdt Rakesh Kumar Rana, Late Comdt (JG) Vipin Babu, Late P/Nvk (RP) Karan Singh | : | Tatrakshak Medal (Gallantry) Posthumous |
| Comdt (JG) Shailendra Singh Bisht, P/Nvk (RP) Gautam Yadav, P/Nvk (RP) Banti Kumar | : | Tatrakshak Medal (Gallantry) |
| DIG Vinod Kumar Parmar, DIG Arun Kumar Bhardwaj, DIG Sudhakar Patil, Comdt Indu P, P/Adh (RO) Tapas Kumar Banerjee | : | Tatrakshak Medal (Meritorious Service) |

Independence Day - 2025 (15th August 25)

| | | |
|---|---|---|
| Comdt Srinivas Gadam, Comdt (JG) Ankit Sharma, Comdt (JG) Rajkamal Attri | : | Tatrakshak Medal (Gallantry) |
| IG Anupam Rai, DIG Bibhuti Ranjan | : | Tatrakshak Medal (Meritorious Service) |

CBC 10147/13/0016/2526

Follow us at : @IndianCoastGuard @IndiaCoastGuard @indiancoastguard_official @indiancoastguard9228

To Join Indian Coast Guard, visit us: www.joinindiancoastguard.gov.in and www.indiancoastguard.gov.in

## ସଂକ୍ଷେପରେ

### ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବରୁ ସ୍ତ୍ରୀଙ୍କ ଆତ୍ମହତ୍ୟା

ରସୁଲପୁର,୩୧।୧(ରଞ୍ଜିତ ରାଉତ): ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥାଭାବରୁ କୁଆଖିଆ ଥାନା ଜାବାରା ପଞ୍ଚାୟତର ସ୍ତ୍ରୀ ଭାନୁମତୀ ଜେନା(୪୦) ଶନିବାର ରୋଷେଇ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ନଂ.୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।ଅଭିଯୋଗ ମୁତାବକ, ଭାନୁମତୀଙ୍କ ସ୍ୱାମୀ ବିଦ୍ୟାଧର ଜେନା ଗଛରୁ ପଡ଼ି ଗୁରୁତର ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କର ଅଣ୍ଟା ଓ ଗୋଡ ଭାଙ୍ଗିଯାଇଛି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ଅସୁସ୍ଥତା କାରଣରୁ ସେ ରୋଜଗାର କରିପାରୁ ନ ଥିବାରୁ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ପିଲାଛୁଆଙ୍କୁ ଭରଣପୋଷଣ କରିବା ଓ ସ୍ୱାମୀଙ୍କ ଚିକିତ୍ସା କରାଇବା ପାଇଁ ଅର୍ଥ ଅଭାବରୁ ଭାନୁମତୀ ଦୀର୍ଘଦିନ ହେବ ମାନସିକ ଚାପରେ ରହିଆସୁଥିଲେ। ଶନିବାର ସେ ରୋଷେଇ ଘରକୁ ରାନ୍ଧିବାକୁ ଯାଇ ଘର କବାଟ ବନ୍ଦ କରିଦେଇଥିଲେ। ଏହାପରେ ସେ ରୋଷେଇ ଘର ବରାଣ୍ଡାରେ ଏକ ଶାଢ଼ିରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

### ସ୍ୱାଭିମାନ ମଞ୍ଚ ସଭାପତିଙ୍କ ପରଲୋକ

କାଏମା,୩୧।୧ (ଶିବପ୍ରସାଦ ମହାନ୍ତି):



ଯାଜପୁର ଜିଲା ଧର୍ମଶାଳା ବ୍ଲକ କାଏମା ସ୍ୱାଭିମାନ ମଞ୍ଚ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଘଠନର ସଭାପତି ସୁଧାକର ସାହୁଙ୍କ ୫୭ବର୍ଷ ବୟସରେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ପକ୍ଷରୁ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁଧାକର ୨୦୧୪ରୁ ସାଭିମାନ ମଞ୍ଚ ସଭାପତି ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ଘର ବଡ଼କାଏମା ପଞ୍ଚାୟତ ଗୋପନଗର ଗ୍ରାମରେ। ସେ ଜଣେ ପରଉପକାରୀ ବ୍ୟକ୍ତିଭାବେ ପରିଚିତ ଥିଲେ। ତାଙ୍କ ସ୍ତ୍ରୀ କାଏମା ପଞ୍ଚାୟତ ସରପଞ୍ଚ ଭାବେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ନିର୍ବାଚିତ ହୋଇଥିଲେ। ସେ ପଞ୍ଚାୟତ ଲୋକଙ୍କ ଉନ୍ନତୀମୂଳକ କାର୍ଯ୍ୟ କରି ପ୍ରଶଂସା ପାଇଥିଲେ। ସୁଧାକରଙ୍କ ଦେହାନ୍ତ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଶାୟା ଖେଳିଯାଇଥିଲା। ଭାଜପାନେତ୍ରୀ ସ୍ମୃତିରେଖା ପହି ହସ୍ପିଟାଲରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱାଭିମାନ ମଞ୍ଚ ଉପସଭାପତି ଶିବପ୍ରସାଦ ମହାନ୍ତି, ସମ୍ପାଦକ ନିକୁଞ୍ଜ ବେହେରା, କୋଷାଧ୍ୟକ୍ଷ ଶିଶିର ମାହାଣା, ଭାଜପା ଯୁବନେତା ଅଭିଷେକ ରାଉତଙ୍କ ସମେତ ଶତାଧିକ ଲୋକେ ତାଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ। ରବିବାର ସକାଳେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

### ଭାଗବତ ପାରାୟଣ ସପ୍ତାହ

ବିଞ୍ଝାରପୁର,୩୧।୧(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ମାଁସଡ଼ା ପଞ୍ଚାୟତ ମିଶ୍ରସାହିସ୍ଥିତ ଭାଗବତ ଟୁଙ୍ଗିରେ ମାଘଶୁକ୍ଳ ସପ୍ତମୀ ତିଥି ସୋମବାରଠାରୁ ଆରମ୍ଭ ହୋଇଥିବା ଭାଗବତ ପାରାୟଣ ସପ୍ତାହ ଶନିବାର ସନ୍ଧ୍ୟାର ଉଦ୍‌ଯାପିତ ହୋଇଯାଇଛି। ଶରତ ଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାଗବତ ଗୋସେଇଁଙ୍କର କଳସ ଯାତ୍ରା, ପ୍ରାଣପ୍ରତିଷ୍ଠା, ସୂର୍ଯ୍ୟପୂଜା, ଆବାହିତ ମଣ୍ଡଳ ଦେବତା ପୂଜା, ଷୋଡ଼ଶ ଉପଚାର ପୂଜା କରାଯିବା ସହିତ ଦୈନିକ ଭାଗବତ ପଠନ କରାଯାଇଥିଲା। ଅଶୋକ ମିଶ୍ର ଓ ରାଧାରାଣୀ ମିଶ୍ର ସଙ୍କଳ୍ପ କରିଥିଲେ। ସାହିର ମୁରବି ସୁଶାନ୍ତ ମିଶ୍ର, ସୁନନ୍ଦା ପତି, ଦିଲୀପ ମିଶ୍ର, ମନୋଜ ମିଶ୍ର ଓ ପ୍ରତୀକ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ବିନା ଛାତ୍ରୀଛାତ୍ରରେ ଚାଲିଛି ସଂସ୍କୃତ କଲେଜ

## ସଂସ୍କୃତ ଶିକ୍ଷାର ବିକାଶ ଲକ୍ଷ୍ୟ ବିପଦରେ: ଆର୍‌ଡିଇ ନିର୍ଦ୍ଦେଶକ

ଯାଜପୁର,୩୧।୧(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାର କଲେଜ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ଉନ୍ନତି ଏବଂ ରାଜ୍ୟରେ ସଂସ୍କୃତ ସାହିତ୍ୟର ବିକାଶ ପାଇଁ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କର୍ମଚାରୀ ଏବଂ ପ୍ରଧାନଶିକ୍ଷକଙ୍କ ନିରପେକ୍ଷତା ଓ ଅବହେଳା ଯୋଗୁ ସରକାରଙ୍କ ସଂସ୍କୃତ ଶିକ୍ଷାର ବିକାଶ ଲକ୍ଷ୍ୟ ବିପଦରେ ପଡ଼ିଛି। ୨ଟି ସଂସ୍କୃତ କଲେଜର ଅଚାନକ ପରିଦର୍ଶନ ପରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ(ଆର୍‌ଡିଇ)ର ନିର୍ଦ୍ଦେଶକ ସରୋଜ ଲକ୍ଷ୍ମୀ ସିଂହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହିକ୍ରମରେ ନିର୍ଦ୍ଦେଶକ ସିଂହ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ସମସ୍ତ ସଂସ୍କୃତ କଲେଜକୁ ଯେକୌଣସି ସମୟରେ ନିଜେ ଏବଂ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅଚାନକ ପରିଦର୍ଶନ କରାଯିବ ବୋଲି ୩୦।୧।୨୦୨୬ରେ ସୂଚନା ଦେଇଛନ୍ତି। ସେ ତାଙ୍କ ସୂଚନା ପତ୍ରରେ ଦର୍ଶାଇଛନ୍ତି ଯେ, ଅଚାନକ ପରିଦର୍ଶନ ସମୟରେ ଯଦି କର୍ମଚାରୀ କିମ୍ବା କଲେଜ ଅଧ୍ୟକ୍ଷଙ୍କ ଦ୍ୱାରା କୌଣସି ଅବହେଳା ଧରାପଡ଼େ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅବହେଳାକାରୀଙ୍କ ଦରମା ବନ୍ଦ କରାଯାଇପାରେ। ପରବର୍ତ୍ତୀ ସମୟରେ ଓଡିଶା ଶିକ୍ଷା ଆଇନ-୧୯୬୯ ଅନୁଯାୟୀ ସମ୍ପୃକ୍ତ କଲେଜର ଅନୁଦାନ ବନ୍ଦ କରାଯାଇପାରେ ବୋଲି ଚେତାବନୀ ଦେଇଛନ୍ତି। ଏହାପରେ ଯାଜପୁର ଜିଲାରେ ବେଆଇନ ଓ ଅନିୟମିତ ଭାବେ ଚାଲିଥିବା ସଂସ୍କୃତ କଲେଜଗୁଡିକର କର୍ତ୍ତୃପକ୍ଷଙ୍କ ମଧ୍ୟରେ ଛନକା ପଶିଛି।

ସୂଚନା ଅନୁସାରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସିଂହ ୨୯।୧।୨୦୨୬ରେ ଅଧ୍ୟୟନ ସମୟରେ କଟକ ଜିଲା ଅନ୍ତର୍ଗତ ଦୁଇଟି ସଂସ୍କୃତ କଲେଜକୁ ଅଚାନକ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଶ୍ରେଣୀ କିମ୍ବା କ୍ୟାମ୍ପସରେ ଜଣେ ବି ଛାତ୍ର ଉପସ୍ଥିତ ନ ଥିଲେ। ଉପସ୍ଥିତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀମାନେ ଚେୟାରରେ ବସି ମୋବାଇଲ ବ୍ୟବହାର କରୁଥିଲେ। ନିର୍ଦ୍ଦେଶକ ସିଂହ ଏହା ମଧ୍ୟ ଦେଖିଥିଲେ ଯେ କଲେଜ ଅଧ୍ୟକ୍ଷ ଏବଂ କେତେଜଣ କର୍ମଚାରୀ ତିନି ଚାରି ଦିନ ଧରି ଉପସ୍ଥାନ ରେଜିଷ୍ଟରରେ ଦସ୍ତଖତ କରି ନ ଥିଲେ। ଏହା ସରକାରୀ ନିୟମ ଏବଂ ନିର୍ଦ୍ଦେଶାବଳୀର ଘୋର ଉଲ୍ଲଂଘନ। ଏହାସହିତ ନିର୍ଦ୍ଦେଶକ ସିଂହଙ୍କ ପରିଦର୍ଶନ ସମୟରେ ବାୟୋମେଟ୍ରିକ ଉପସ୍ଥାନ ରେକର୍ଡ, ଶିକ୍ଷା ଯୋଜନା, କ୍ୟାଶ୍‌ବୁକ୍, ଛାତ୍ର ଉପସ୍ଥାନ ରେଜିଷ୍ଟର, ସମୟ ସାରଣୀ ଇତ୍ୟାଦି ଦାଖଲ କରିବାକୁ କହିଥିଲେ। କିନ୍ତୁ ସମ୍ପୃକ୍ତ ଅଧ୍ୟକ୍ଷମାନେ ସେସବୁ ଦେଖାଇପାରିଲେ ନାହିଁ। ଏହିସବୁ ଅନିୟମିତତା ଦେଖି ନିର୍ଦ୍ଦେଶକ ସିଂହ ସଂସ୍କୃତ କଲେଜଗୁଡିକୁ ଅଚାନକ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହି ନିର୍ଦ୍ଦେଶ ଆଗାମୀ ଦିନରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏକ ପରିବାର ସଂସ୍କୃତ ଶିକ୍ଷା ନାମରେ ବ୍ୟବସାୟ ଚଳାଇଛନ୍ତି। ଏହି ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ଅନିୟମିତତା କରି ଜିଲାରେ ୫ଟି ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ଏହିସବୁ ଶିକ୍ଷାନୁଷ୍ଠାନରେ ନିୟମିତ ଛାତ୍ରୀଛାତ୍ର ଆସୁ ନ ଥିଲେ ହେଁ କେବଳ ପ୍ରମାଣପତ୍ର ବିକ୍ରି କରାଯାଇଥାଏ ବୋଲି ଅଭିଯୋଗ ହୋଇଆସୁଛି। ଏହା ପୂର୍ବରୁ ଆର୍‌ଡିଇ ତାଙ୍କ ପତ୍ରସଂଖ୍ୟା ୧୧୧୪/୨୪।୧।୨୦୨୦ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଆବଶ୍ୟକ ଫଟୋକପି ଏବଂ ଓରିଜିନାଲ ଡକ୍ୟୁମେଣ୍ଟ ସହ ସଂସ୍କୃତ କଲେଜର ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଶିକ୍ଷା ନାମରେ ଚାଲିଥିବା ଏଭଳି ଦୁର୍ନୀତିର ପର୍ଦ୍ଦାଫାଶ କରିବାରେ ବିଭାଗ ବିଫଳ ହୋଇଛି। ସେତେବେଳେ କେତେଜଣ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ଏହି ଦୁର୍ନୀତିକୁ ଘାଙ୍କିବାରେ ସହଯୋଗ କରିଥିବାରୁ ଏବେ ବି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁଣାତ୍ମକ ସଂସ୍କୃତ ଶିକ୍ଷା ଗ୍ରହଣ ପରାହତ ହେଉଥିବା ଅଭିଯୋଗ ହେଉଛି।

୨୦୨୦ ଜାନୁୟାରୀ ୭ରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ନିକଟରେ ଜାଲ୍ ସଂସ୍କୃତ କଲେଜ ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଯାଜପୁର ଜିଲା ବରୀ ବ୍ଲକରେ ୩ଟି, ରସୁଲପୁର ବ୍ଲକରେ ୧ଟି ଏବଂ ବ୍ୟାସନଗର ମ୍ୟୁନିସିପାଲିଟିରେ ୧ଟି ସଂସ୍କୃତ ମହାବିଦ୍ୟାଳୟ ବେଆଇନ ଭାବେ ପ୍ରତିଷ୍ଠା କରାଯାଇଛି। ସରକାରୀ ଅନୁଦାନ ହାତେଇବା ନିମନ୍ତେ ଜାଲ୍ କାଗଜପତ୍ର ଦାଖଲ କରାଯାଇଛି। କଲେଜର ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି କେତେଜଣ ଅଧ୍ୟାପକ ଅନିୟମିତତା କରି ଏହି କଲେଜରେ ନିଯୁକ୍ତି ପାଇଛନ୍ତି। ତେବେ ଏହି ଅଭିଯୋଗକୁ ଭିତ୍ତିକରି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ୧୧ଟି ବିଷୟରେ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ମାମଲା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ନିର୍ଦ୍ଦେଶକଙ୍କ ଅଚାନକ ପରିଦର୍ଶନ ନିଷ୍ପତ୍ତି ଯାଜପୁର ଜିଲାର ସଂସ୍କୃତ କଲେଜଗୁଡ଼ିକର ଅନିୟମିତତାର ମୁଖା ଖୋଲିପାରେ ବୋଲି ଆଶା କରାଯାଇଛି।

# ଚୋରି ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

କଳିଙ୍ଗନଗର,୩୧।୧(ଶୁଭାଶିଷ ରାଉତ): କଳିଙ୍ଗନଗର ଥାନା ରାଇଟିକର ଗାଁରୁ ଗତ ୧୬ ତାରିଖରେ ଚୋରି ହୋଇଥିବା ଏକ ଟ୍ରାକ୍ଟରକୁ ପୋଲିସ ଶନିବାର ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ଜଣକ ହେଲେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ଗୋଠତଳିଆ ଗ୍ରାମର ଭୀମ କଲେଇ(୨୧)। ରାଇଟିକର ଗାଁର ମଳୟ ରାଉତଙ୍କ ଅଭିଯୋଗ ମୁତାବକ, ତାଙ୍କ ଟ୍ରାକ୍ଟର ଓଡି୦୪ଜେ୨୬୩୦କୁ ଭୀମ ଚଳାଇବା ପାଇଁ କହି ଘରୁ ଆସି ନେଇଥିଲେ। ୩ ଦିନ ଚଳାଇବା ପରେ ଗାଡ଼ିକୁ ନିଜ ଗାଁକୁ ନେଇ ପଳାଇଥିଲେ ଓ ଫୋନ ଉଠାଇ ନ ଥିଲେ। ଫଳରେ ନିରାଶ ହୋଇ ମଳୟ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୭୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ରାସ୍ତା ମରାମତି ଦାବିରେ ଧାରଣା

ରସୁଲପୁର,୩୧।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ସମ୍ମୁଖ ରାସ୍ତା ମରାମତି ଦାବିରେ କାର୍ଯ୍ୟାଳୟ ସମ୍ମୁଖରେ ରସୁଲପୁର ସଚେତନ ନାଗରିକ ମଞ୍ଚ ଆବାହକ ବିଶ୍ୱଜିତ୍ ମହାନ୍ତିଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ୧୬ ନମ୍ବର ଜାତୀୟ ରାଜପଥରୁ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଜାରଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏନେଇ ମଞ୍ଚ ପକ୍ଷରୁ ମେ’,୨୦୨୫ରେ ବ୍ଲକ ପ୍ରଶାସନକୁ ଏକ ଦାବିପତ୍ର ଦିଆଯାଇଥିଲା। ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ୨୩ ଜାନୁଆରୀ,୨୦୨୬ ସୁଧା କରା ନ ଗଲେ ମଞ୍ଚ ପକ୍ଷରୁ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବାକୁ ଚେତାବନୀ ଦିଆଯାଇଥିଲା। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ମଞ୍ଚ ପକ୍ଷରୁ ବ୍ଲକ ପରିସରସ୍ଥ ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦିଆଯାଇଛି।

ମଞ୍ଚ କାର୍ଯ୍ୟକର୍ତ୍ତାଙ୍କ ମତରେ ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଏକମାତ୍ର ପୁରୁଣା ରାସ୍ତା ଦେଇ ସେମାନେ ପିଲାବେଳୁ ବ୍ଲକକୁ ଆସୁଥିଲେ। ଉକ୍ତ ରାସ୍ତା କେତେଜଣଙ୍କ ବ୍ୟକ୍ତିଗତ ଜମି ଉପର ଦେଇ ଯାଉଛି ବୋଲି ଦର୍ଶାଇ ରାସ୍ତା ମରାମତି ହୋଇ ପାରୁନାହିଁ। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ନାନା ସମୟରେ




ଧାରଣାରେ ବସିଥିବା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ।

ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେବେ ରାସ୍ତା ମରାମତିକୁ ନେଇ ପ୍ରଶାସନ ପକ୍ଷରୁ କୌଣସି ନିର୍ଭର ପ୍ରତିଶ୍ରୁତି ନମିଳିବା ଯାଏ ସେମାନେ ଧାରଣା ଜାରି ରଖିବେ ବୋଲି କାର୍ଯ୍ୟକର୍ତ୍ତା ପ୍ରକାଶ ମଲିକ, ବିକି ସ୍ୱାଇଁ, ଆଶୁତୋଷ ପଲେଇ, ଓମ୍ ପ୍ରକାଶ ମଲିକ, ଶୁବାଶିଷ ମଲିକ, ଆଲୋକ ନାୟକ, ସୌମ୍ୟରଞ୍ଜନ ଖୁଣ୍ଟିଆ, ରିକି ସ୍ୱାଇଁ, ଅଭିମନ୍ୟୁ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ରାସ୍ତା ମରାମତିକୁ ନେଇ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାଜପୁର ଜିଲାପାଳ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ପରିକି ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଲୋକ ଉକ୍ତ ରାସ୍ତା କେତେଜଣଙ୍କ ବ୍ୟକ୍ତିଗତ ଜମି ଉପର ଦେଇ ଯାଉଛି ବୋଲି ଦର୍ଶାଇ ସେମାନେ କାର୍ଯ୍ୟକୁ ବିରୋଧ କରିଥିଲେ। ଫଳରେ ରାସ୍ତା ମରାମତି କାର୍ଯ୍ୟ ହୋଇ ପାରି ନ ଥିଲା। ରାସ୍ତାର ପୂର୍ବ ସ୍ଥିତି ସମ୍ପର୍କରେ ରିପୋର୍ଟ ଅନୁଧ୍ୟାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ସ୍ଥିତି ଅନୁଧ୍ୟାନକଲେ ପିସିସି ସଭାପତି

## ପାଲଟପୁରରେ କ୍ୟାନ୍‌ସର, କିଡ୍‌ନୀ ରୋଗ ଆତଙ୍କ ଘଟଣା

ଦଶରଥପୁର,୩୧।୧(ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ୍ ଅଧୀନ ପାଲଟପୁର ପଞ୍ଚାୟତ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପୂର୍ବ ସରକାର ଏବଂ ବର୍ତ୍ତମାନ ସରକାର ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇଦେବାରେ ଫେଲ ମାରିଛନ୍ତି। ପଞ୍ଚାୟତରେ ଗତ ୬ ବର୍ଷ ହେବ ୩ ପାନୀୟ ଜଳ ପ୍ରକଳ୍ପ ସାଠିବାଟି, ନୀଳକଣ୍ଠପୁର ଏବଂ ପାଲଟପୁର କାର୍ଯ୍ୟକ୍ଷମ ହୋଇନାହିଁ। ୨୦୨୨ରେ ସମସ୍ତ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଛି ବୋଲି କୁହାଯାଇଛି। ଏହା ଲୋକଙ୍କୁ ପରିହାସ ଭଳି ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପାଲଟପୁର ପଞ୍ଚାୟତରେ ପାନୀୟ ଜଳ ପାଇଁ କ୍ୟାନ୍‌ସର ଏବଂ କିଡ୍‌ନୀ ରୋଗରେ ଲୋକେ ପ୍ରାଣ ହରାଇଥିବା ଘଟଣାର ସ୍ଥିତି ଅନୁଧ୍ୟାନ କରିବାକୁ ଆସି ଭକ୍ତ ଶନିବାର ଏଭଳି କହିଛନ୍ତି। ଏହାଛଡ଼ା ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଟ୍ୟାପ ଯୋଗେ ଯୋଗାଇଦେବା ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସେ ଦାବି କରିଛନ୍ତି। ଯଦି ଏହା କାରନଯାଏ ତେବେ ଆଗାମୀ ଦିନରେ ଏ ପ୍ରସଙ୍ଗ ବିଧାନସଭାରେ ଉଠାଯିବା ସହ ସମସ୍ୟା ସମାଧାନ ପାଇଁ କଂଗ୍ରେସ ଲଢେଇ କରିବ ବୋଲି ସେ ପଞ୍ଚାୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଉଛନ୍ତି ।

ଭକ୍ତ ପଞ୍ଚାୟରେ ପହଞ୍ଚିବା ପରେ ସରପଞ୍ଚ ଲିପିକା ମଲିକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ଭକ୍ତ ମୁରାରୀପୁର, ନୀଳକଣ୍ଠପୁର, ପାଲଟପୁର ଗ୍ରାମର ମୃତକଙ୍କ ପରିବାର ଲୋକଙ୍କୁ ଭେଟିବା ସହ ରୋଗରେ ପୀଡ଼ିତ ଲୋକଙ୍କୁ ମଧ୍ୟ ଭେଟିଛନ୍ତି। ତାଙ୍କ ସହ ଅନୁଧ୍ୟାନ କମିଟି ମଧ୍ୟରେ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜିଲ ସଭାପତି ମାଗୁଣି ଜେନା, ମୁଖ୍ୟ ପରାମର୍ଶଦାତା ସୁଧାଂଶୁ ଶେଖର ଦେଓ, ମୁଖପାତ୍ର ହିମାଂଶୁ ଲେଙ୍କା, ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା, ଜିଲା ପ୍ରଭାରୀ ସତ୍ୟଜିତ ପଟ୍ଟନାୟକ, ଦେବାଶିଷ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ସମସ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କଂଗ୍ରେସ ଲଢେଇ କରିବ ବୋଲି ଭକ୍ତ ସୂଚନା ଦେଇଥିଲେ।

ଭକ୍ତଙ୍କ ଏହି ଗସ୍ତ ସମୟରେ ବ୍ଲକ କଂଗ୍ରେସ ସଭାପତି ଏକାଦଶୀ ତ୍ରିପାଠୀ, ଅନନ୍ତ ଜେନା, ସାଗର ପରିଡ଼ା, ରାଜୀବ ମଲିକ, ସୌମ୍ୟରଞ୍ଜନ ବେହେରା, ମଦନ ମଲିକ, ଦେବେନ୍ଦ୍ର ପଣ୍ଡା, ଶ୍ୟାମ ସୁନ୍ଦର କର, ସନ୍ତୋଷ ନନ୍ଦ, ଅଜୟ ନାୟକ, ଚନ୍ଦ୍ର ନାରାୟଣ ଦାସ, ବିମଳ ମଲିକ, ବିଶ୍ୱଜିତ ରାୟ, ବୃନ୍ଦାବନ ଜେନା, ଶେଖର ସମ୍ବିତ ଧଳ, ଉମେଶ ଜେନା, ଜ୍ୟୋତିରଞ୍ଜନ ଜେନା, ହୃଷୀକେଶ ଜେନା, ବିଜୟ ବେହେରା, ଅନୁପମ ମଲିକ, ସତ୍ୟବାନ ଜେନା, ପାଣ୍ଡ ମଲିକ, ଶମ୍ଭୁନାଥ ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କ୍ୟାନସର ଏବଂ କିଡ୍‌ନୀ ରୋଗରେ ୧୦୦ରୁ ଅଧିକ ଲୋକଙ୍କ ପ୍ରାଣଯାଇଛି। ବର୍ତ୍ତମାନ ୨୦ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି।

GOVERNMENT OF ODISHA No.4001/1/2526
OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, JEYPORE & NABARANGPUR
AT-PLOT NO-127, OLD LIC OFFICE BUILDING, PUJARIPUT, KORAPUT
No.165, Dated 28.01.2026
Corrigendum-2 of Quotation Call Notice No.01/2025-26
In continuation to this office Quotation Call Notice No-01/2025-26 dated 18.11.2025, it is hereby notified the amendments for the information to all concerned that the last date for submission of sealed quotation/ tender documents for hiring of private building for accommodation of office of the SE-cum-DEI, Jeypore & Nabarangpur, and AEE-Cum-AEI, JED & NED, Jeypore has been extended upto 26.02.2026 at 03.00 PM and shall be opened on the same day at 04.00 PM in presence of the bidders or their authorized representatives.
All other terms and conditions of the original quotation call notice no.01/2025-26 dated 18.11.2025 shall remain unchanged.
Sd./- Superintending Engineer-Cum-DEI, Jeypore & Nabarangpur
OIPR-4001/4080/1/25-26/0001

STATE POLLUTION CONTROL BOARD, ODISHA
(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)
Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012
Tel: 2562368/2653810, E-mail: paribesh1@ospcboard.org, Website: https://ospcboard.odisha.gov.in
No.1283/ I-ESTT (A)- 17/2025 Date:30.01.2026
ADDENDUM
No.8001/7/2526:With reference to the Advertisement No.859, 863, 857 and 835 dt.20.01.2026, regarding recruitment of Junior Accountant (Group-C) Level-04, Junior Assistant (Group-C) Level-04 and Assistant Section Officer (Group-B) Level-09 in SPC Board, Odisha, the followings essential qualification with addition to the above advertisement for information of the interested eligible candidates shall be as under:

| Sl. No. | Name of the Post | Essential qualification as per advertisement | Addition to the essential qualification |
|---|---|---|---|
| 1 | Junior Accountant (Group-C) Level-04 | B.Com pass from a recognized university/ institution with PGDCA on computer applications and proficiency in Tally software. | B.Com pass from a recognized university/ Institution with PGDCA from any recognized Institution/AICTE recognized Institutions/NIELIT ‘O’ Level / Odisha State Certificate in information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications and proficiency in Tally software. |
| 2 | Junior Assistant (Group-C) Level-04 | Graduate in any discipline from a recognized university/ Institute with PGDCA on computer applications | Graduate in any discipline from a recognized university/ Institute with PGDCA from any recognized Institution/AICTE recognized Institutions/ NIELIT ‘O’ level/ Odisha State Certificate in Information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications. |
| 3 | Assistant Section Officer (Group-B) Level-09 | Graduate in any discipline from a recognized university/ Institution with PGDCA on computer applications and 5 years working experience in Govt. agency, PSU Statutory Board/ Corporation | Graduate in any discipline from a recognized university/ Institution with PGDCA from any recognized Institution/AICTE recognized Institutions/ NIELIT ‘O’ level/ Odisha State Certificate in Information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications and 5 years working experiene in Govt. agency, PSU, Statutory Board/ Corporation. |

All other terms and conditions as per above advertisement will remain unaltered candidates are advised to check the SPC Board Odisha official website https://ospcboard.odisha.gov.in regularly for important instructions/ notification relating to the recruitment.
Sd./- MEMBER SECRETARY
OIPR-8001/8012/1/25-26/0007

No.12001/5/2526
ODISHA PUBLIC SERVICE COMMISSION, CUTTACK
NOTICE
No.643/PSC, Dt.30.01.26
(1R-02-24/25) (DR-V)
Assistant Professor (Stage-I) in Chemistry
(Advertisement No.27 of 2023-24)
It is for information of all concerned that, Document Verification of 164 (One hundred sixty four) candidates having PPSAN mentioned below for the post of Assistant Professor (Stage-I) in “Chemistry”, pursuant to Advertisement No.27 of 2023-24 shall be held from 05.02.2026 to 11.02.2026 (except Govt. holiday) as per the following programme in the Office of the Commission at 19, Dr. P.K. Parija Road, Cuttack-753001.
PROGRAMME OF DOCUMENT VERIFICATION

| DATE | Time of Verification | PPSAN |
|---|---|---|
| 05.02.2026 | 10.30 A.M. | P230174744, P230185001, P230185541, P240298920, P230180588, P240258725, P240289854, P240295664, P240303500, P240304988, P240305046, P240307819, P240308202, P240311169, P240312475 = 15 Candidates |
| | 2.30 P.M. | P220045048, P230165329, P230185742, P230186066, P230186067, P230187746, P240306483, P220051442, P230176238, P240304339, P240308073, P230168337 = 12 Candidates |
| 06.02.2026 | 10.30 AM | P230178363, P230179172, P230180638, P240283404, P240306829, P240306914, P240296034, P220005588, P220043613, P230140169, P230174139, P230176630, P230177054, P230183803, P230185352 = 15 Candidates |
| | 2.30 PM | P230186678, P230192259, P240286450, P240301864, P240302330, P240302849, P240305027, P240305698, P240305902, P240306760, P240306823, P240309614 = 12 Candidates |
| 07.02.2026 | 10.30 AM | P220002138, P230172453, P230182271, P230183995, P240295004, P240298793, P240304712, P230178180, P230179217, P230189489, P240277266, P240294066, P240304817, P240310962, P220057954 = 15 Candidates |
| | 2.30 PM | P230178216, P230178366, P230179600, P230180542, P230183321, P240306264, P230177221, P240297365, P240306988, P230173577, P230175859, P230176444 = 12 Candidates |
| 09.02.2026 | 10.30 AM | P230176930, P230181610, P230185045, P240295333, P240303061, P240303225, P240308436, P240309258, P240311863, P240311999, P220025167, P220044805, P220056513, P230175542, P230181557 = 15 Candidates |
| | 2.30 PM | P230187306, P230207132, P240299682, P240304473, P240308311, P240309854, P220034300, P220072856, P230179472, P230179571, P230184973, P230186202 = 12 Candidates |
| 10.02.2026 | 10.30 AM | P230188138, P240268095, P240270538, P240274547, P240285326, P240286623, P240296596, P240302276, P240303296, P240308728, P240311723, P230174404, P230179814, P230180706, P230186201 = 15 Candidates |
| | 2.30 PM | P230186225, P240282022, P240285345, P240294572, P240304559, P240309177, P240309549, P230158650, P230177988, P230111030, P230185289, P230186091 = 12 Candidates |
| 11.02.2026 | 10.30 AM | P240297188, P240301538, P240306775, P240303530, P220038693, P220076388, P230174833, P230175179, P230176485, P230183219, P230186497,P230187777, P240305256, P240306209, P240307640, P240308421, P240309287 = 17 Candidates |
| | 2.30 PM | P240291935, P240308371, P220004131, P230124289, P240309060, P240257057, P240308481, P230128055, P230179196, P230182087, P240303421, P240307987 = 12 Candidates |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in.**
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.
Sd./-Secretary
OIPR-12001/12002/1/25-26/0005

# ସଚେତନତା ଅଭାବରୁ ଇ-କେୱାଇସି କରିପାରୁନାହାନ୍ତି ଚାଷୀ

**ନୟାଗଡ଼,୩୧।୧(ଲୋକନାଥ ମଶ୍ର)**

ଇ-କେୱାଇସୀ(ନୋ ଇୟର କଷ୍ଟମର) ନ କଲେ ଚାଷୀ ପ୍ରଧାନମନ୍ତ୍ରୀ(ପିଏମ୍) ଓ ମୁଖ୍ୟମନ୍ତ୍ରୀ (ସିଏମ୍) କିଷାନ ସମ୍ମାନ ନିଧି ଯୋଜନାରେ ସହାୟତା ପାଇବେ ନାହିଁ । ଜିଲାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୨୪, ୬୦୬ ଚାଷୀ ଓ ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୪୩,୯୫୪ ଚାଷୀ ଏପରି ମୋଟରେ ୫୯ ହଜାର ୫୬୦ ଚାଷୀ ଇ-କେୱାଇସୀ କରି ନାହାନ୍ତି । ସଚେତନତା ଅଭାବରୁ ଚାଷୀ ପିଏମ୍ ଓ ସିଏମ୍ କିଶାନ ସମ୍ମାନ ନିଧି ଯୋଜନାରେ ସାମିଲ ହୋଇପାରୁ ନ ଥିବା ଅଭିଯୋଗ ହୋଇଆସୁଛି।

ସୂଚନା ଅନୁସାରେ, ୨୦୨୨ ଆର୍ଥିକ ବର୍ଷ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷି ରଥ ଗାଁ ପରିକ୍ରମା କରୁଥିଲା। ଚାଷୀ ପଞ୍ଜୀକରଣ, କୃଷକ ଓଡିଶା ଚାଷୀ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା, ଗୋପାଳନ, ସଫଳ ଚାଷୀ ଉପରେ ସଚେତନତା ପାଇଁ ରଥ ବୁଲୁଥିଲା। ହେଲେ ରଥ ସଚେତନତା ଚାଷୀଙ୍କ ପାଖରେ ପହଞ୍ଚି ନ ଥିଲା ବୋଲି ସେ ସମୟରୁ ଅଭିଯୋଗ ହୋଇ ଆସୁଛି । ଅନ୍ୟପକ୍ଷେ କାଳିଆ ଯୋଜନାରେ ଯେଉଁମାନେ କୃଷି ସହାୟତା ପାଉଛନ୍ତି ସେମାନଙ୍କ ନାଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ରହିଛି। ସେମାନେ କେନ୍ଦ୍ରୀୟ ସହାୟତା ପାଇ ଆସୁଛନ୍ତି। ହେଲେ କେନ୍ଦ୍ର ସରକାର ଇ-କେୱାଇସି ଗାଇଡ୍ ଲାଇନ୍ ଲାଗୁପରେ ଚାଷୀଙ୍କ ସମସ୍ୟା ବଢ଼ି ଯାଇଛି। ଚାଷୀ ବ୍ୟାଙ୍କ ଆଧାର ଲିଙ୍କ କରିବା ପାଇଁ ଥିବାବେଳେ ଆଧାର କାର୍ଡ, ରାଶନ କାର୍ଡ ଓ ମୋବାଇଲ ନଂ କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସଂଯୁକ୍ତ କରିବାକୁ ପଡିବ। ପୁଣି ନାଁ ଓ ଠିକଣା ପ୍ରମାଣପତ୍ରରେ ଠିକ୍ ରହିବା ଦରକାର । ଏହାକୁ ଇ କେୱାଇସିରେ ନାଁ ସାମିଲ ହେଲା ବୋଲି କୁହାଯାଏ। ଏଥିରୁ ଗୋଟିଏ ପଞ୍ଜୀକରଣ ନ ହେଲେ କେନ୍ଦ୍ରୀୟ ସହାୟତା ମିଳିବନି। ତେବେ ପ୍ରାୟ ୩ ବର୍ଷ ହେଲା ପଞ୍ଜୀକରଣ ହେଉଥିଲେ ମଧ୍ୟ ଜିଲାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧ଲକ୍ଷ ୧୨ ହଜାର ୪୩୮ରୁ କାହିଁକି ୨୪ ହଜାର ୬୦୬ ଚାଷୀ ଇ-କେୱାଇସୀରେ ନାଁ ପଞ୍ଜୀକରଣ କରି ନାହାନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୧ଲକ୍ଷ ୬୧ ହଜାର ୨୭୦ଙ୍କ ମଧ୍ୟରୁ ୩୪,୯୫୪ ଚାଷୀ ଅନୁରୂପ ଭାବେ କାହିଁକି ଇ-କେୱାଇସୀ କରି ନାହାନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଚାଲିଥିବା ଇ-କେୱାଇସୀ କାର୍ଯ୍ୟ କାହିଁକି ସଫଳତା ପାଉ ନାହିଁ ତାର ପ୍ରକୃତ ସମୀକ୍ଷା ହେଉ ନ ଥିବା ଅଭିଯୋଗ ଉଠିଛି।

■ ପିଏମ୍, ସିଏମ୍ କିଷାନ ସମ୍ମାନ ନିଧି ଯୋଜନା ବାଟବଣା

**ଉଭୟ ଯୋଜନାରେ ପଞ୍ଜୀକରଣ କରି ନାହାନ୍ତି ୫୯ ହଜାର ୫୬୦ ଚାଷୀ**

ଏନେଇ ରଣପୁରର ଚାଷୀ ଭରତ ପ୍ରଧାନ, ଗଣିଆର ଅମିତାବ ନାୟକ, ଭାପୁରର ରମାକାନ୍ତ ସାହୁ ଓ ନୟାଗଡ଼ର ମନୋଜ ସ୍ୱାଇଁ କୁହନ୍ତି, ଇ-କେୱାଇସି କ'ଣ ଆମ ପରି ଅନେକ ଚାଷୀ ଜାଣି ନାହାନ୍ତି । ଆମକୁ ମଧ୍ୟ ଇ-କେୱାଇସି ନେଇ କୁହାଯାଉନି। ପ୍ରାୟ ୩ ବର୍ଷ ହେଲା ପଞ୍ଜୀକରଣ ହେଉଥିଲେ ମଧ୍ୟ କାହିଁକି ସବୁ ଚାଷୀ ପଞ୍ଜୀକରଣ କରୁ ନାହାନ୍ତି ତାର ସମୀକ୍ଷା ଓ ଅନୁଧ୍ୟାନ ହେଉନି। ଚାଷୀ ଏହା କ'ଣ ଜାଣିବା ପୂର୍ବରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ନାଁ କଟି ଯାଉଛି । ଏ ଦିଗରେ ଅଧିକ ସଚେତନତା ଦରକାର ବୋଲି କହିଛନ୍ତି । ଜିଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ କୁହନ୍ତି, ଇ-କେୱାଇସିରେ ନାଁ ସାମିଲ ନ ହେଲେ କେନ୍ଦ୍ରୀୟ ସହାୟତା ମିଳୁନି। ଚାଷୀ ଇ-କେୱାଇସିରେ ପଞ୍ଜିକୃତ କରୁଛନ୍ତି। ହେଲେ ସବୁ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଇ-କେୱାଇସିରେ ନାଁ ପଞ୍ଜୀକରଣ ପାଇଁ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ସଚେତନତା କରାଯାଉଛି ବୋଲି କହିଛନ୍ତି ।

# ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

**ନୟାଗଡ଼, ୩୧।୧(ଲୋକାନାଥ ମିଶ୍ର)**

ସଡକ ସୁରକ୍ଷା ମାସ ୨୦୨୬ ଅବସରରେ ଜାନୁଆରୀ ୧ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ସଡ଼କ ସୁରକ୍ଷା ମାସ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଜିଲାପାଳ ମଧୁମିତା ରଥ ନିଜ ଭାଇଙ୍କ ମତ୍ୟୁ ସଡ଼କ ଦୁର୍ଘଟଣାରେ ହୋଇଥିବା କହିଥିଲେ। ଦୁର୍ଘଟଣା ପରେ ବାପା ମଧ୍ୟ ପ୍ରାଣ ହରାଇଲେ। ସଚେତନତା ଅଭାବରୁ ସଡ଼କ ଦୁର୍ଘଟଣା ବଢିଚାଲିଛି ବୋଲି କହିଥିଲେ। ଅପରପକ୍ଷେ ଡାକ୍ତର ଶରତ ଚନ୍ଦ୍ର ଦାଶ ଅନୁରୂପ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ଓ ଦର୍ଶକ ହେଲମେଟ ଓ ଶିଟ ବେଲ୍ଟ ପିନ୍ଧି ଗାଡି ଚଳାଇବେ ବୋଲି ଶପଥ ନେଇଛନ୍ତି । ଅନ୍ୟପକ୍ଷେ ଆରଟିଓ ଏବଂ ସ୍ୱାଇଲ ନୟାଗଡ଼ ସଚ୍ଛୋସେବୀ ଅନୁଷ୍ଠାନ ମିଳିତ ଉଦ୍ୟମରେ ପାଲା ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ସଚେତନ କରାଯାଇଥିଲା। ପାଲା ଗାୟକ ପଣ୍ଡିତ ସୁବାସ ଚନ୍ଦ୍ର ଗ୍ରହାଚାର୍ଯ୍ୟ. ବାୟକ ରଘୁ,ଅର୍ଜୁନ, କାଶୀ ଏବଂ ଟୁକୁ ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ମାସର ସଚେତନତା କରିଥିଲେ। ଦୁଇ ଚକିଆ ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ମୋବାଇଲରେ କଥା ନ ହେବା, ୩ ଜଣ ବସି ନ ଯିବା, ଟ୍ରାଫିକ ନିୟମ ମାନି ଚଳିବା,୧୮ ବର୍ଷରୁ କମ୍ ପିଲାଙ୍କୁ ବାଇକ ନ ଦେବା ଏବଂ ଚାରିଚକିଆ ଜାନ ଚଳାଇବା ସମୟରେ ସିଟ ବେଲ୍ଟ ଲଗାଇବା ଉପରେ ସଚେତନ କାର୍ଯ୍ୟକ୍ରମ ମାଛିପଡ଼ା,ଲାଠିପଡା, ନୟାଗଡ଼ ବଜାର, ବୋଦାପଡ଼ା ପ୍ରଭୃତି ଗାଁ ଗାଁ ବୁଲି ସଚେତନ କରାଯାଇଥିଲା।


**GOVERNMENT OF ODISHA** No.4001/1/2526

**OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, JEYPORE & NABARANGPUR**

AT-PLOT NO-127, OLD LIC OFFICE BUILDING, PUJARIPUT, KORAPUT

No.165, Dated 28.01.2026

**Corrigendum-2 of Quotation Call Notice No.01/2025-26**

In continuation to this office Quotation Call Notice No-01/2025-26 dated 18.11.2025, it is hereby notified the amendments for the information to all concerned that the last date for submission of sealed quotation/ tender documents for hiring of private building for accommodation of office of the SE-cum-DEI, Jeypore & Nabarangpur, and AEE-Cum-AEI, JED & NED, Jeypore has been extended upto 26.02.2026 at 03.00 PM and shall be opened on the same day at 04.00 PM in presence of the bidders or their authorized representatives.

All other terms and conditions of the original quotation call notice no.01/2025-26 dated 18.11.2025 shall remain unchanged.

Sd./- Superintending Engineer-Cum-DEI, Jeypore & Nabarangpur

OIPR-4001/4080/1/25-26/0001


# ମା' ଭାନୁମତୀ ମନ୍ଦିରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ମହିଳମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ଖଣ୍ଡପଡା,୩୧।୧(ଅଜୟ କୁମାର ମହାରଣା)**

ବଡବାଣପୁର ପଞ୍ଚାୟତ ଘଣାଶାଳିଆ ଗ୍ରାମ ନିକଟ ହଟିଆପଲ୍ଲୀଠାରେ ମା' ଭାନୁମତୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୩ୟ ବାର୍ଷିକ ଉତ୍ସବର ଶନିବାର ଉଦ୍‌ଯାପନୀ ଦିବସ ଶେଷ ହୋଇଛି । ମା ଭାନୁମତୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୩ୟ ବାର୍ଷିକ ଉତ୍ସବ ଗୁରୁବାର ଠାରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଦିନ ଅଙ୍କୁରାରୋପଣ କର୍ମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳ ୭ଟା ୩୦ରେ ହଜାର ହଜାର ମହିଳାପୁରୁଷ ନିକଟସ୍ଥ ମହାନଦୀ ଘାଟରୁ କଳସୀରେ ଜଳ ଆଣି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିବା ପରେ ମାଙ୍କ ଦେବନୀତ ଅନୁଷ୍ଠିତ ହୋଇଥିଲା । ପରେ ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ କାର୍ଯ୍ୟ ସଂପନ୍ନ ହୋଇଥିବା ବେଳେ ଅପରାହ୍ନରେ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କେ.ସି. କ୍ଲବର ଶତବାର୍ଷିକ ଉତ୍ସବ

**ନୟାଗଡ଼,୩୧।୧(ଲୋକନାଥ ମିଶ୍ର)**

ନୟାଗଡ଼ ସହର ଗୋଲେଇ ଟ୍ରାଫିକ ଛକସ୍ଥିତ କେ.ସି. କ୍ଲବରେ ପାଞ୍ଚଦିନବ୍ୟାପୀ ଚାଲୁ ରହିଥିବା ଶତବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟବକ୍ତା ନୟାଗଡ଼ ଜିଲାପାଳ ମଧୁମିତା ରଥ ଯୋଗ ଦେଇଥିଲେ। କ୍ଲବ ସଭ୍ୟ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଶତବାର୍ଷିକୀ କାର୍ଯ୍ୟକ୍ରମରେ ଭାଗୀରଥି ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ ସମ୍ପାଦକୀୟ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାଜପା ଯୁବ ନେତା ଅଭିଳାଷ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ, ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅନୁରୂପ ଭାବେ ଯୋଗ ଦେଇଥିଲେ। କ୍ଲବ ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ, କୋଷାଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଭବାନୀ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇଗୁଣିଆ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପଥରପୁଞ୍ଜି କ୍ରିକେଟ ଟିମ୍ ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

**ଭାପୁର,୩୧।୧(ପ୍ରଭାତ ବରାଡ)**

ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଚ୍ୟାଲେଞ୍ଜ କ୍ରିକେଟ କ୍ଲବ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଥରପୁଞ୍ଜି କ୍ରିକେଟ କ୍ଲବ ଦରଦା କ୍ରିକେଟ କ୍ଲବକୁ ୬୯ ରନରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ପଥରପୁଞ୍ଜି ଟିମ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଛି। ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଦରଦା କ୍ରିକେଟ ଟିମ୍ ୧୫ ଓଭରରେ ସମସ୍ତ ଉଇକଟ ହରାଇ ୭୩ ରନ କରି ପରାଜିତ ହୋଇଥିଲା।

ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଖେଳକୁ ସୁଚାରୁରୂପେ କାଳିଆ ବିଶୋଇ ଓ ରଞ୍ଜନ କୁମାର ଦାଶ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସହାୟତା କରିଥିଲେ ସୁରେନ୍ଦ୍ର ବିଶୋଇ। ଧାରାବିବରଣୀ ପ୍ରଭାତ କୁମାର ଦାଶ ଦେଇଥିଲେ। ଉକ୍ତ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଶିକ୍ଷାବିତ ବୈକୁଣ୍ଠ ନାଥ ଦାସ, ସାମାଜିକକର୍ମୀ ଲିଙ୍ଗରାଜ ଦାଶ, ଖବରଦାତା ଜନ୍ମେଜୟ ଦଳେଇ, ବିଜେଡି ବ୍ଲକ ନାରୀ ସଭାନେତ୍ରୀ କବିତା ମହାରଣା, ଜଗନ୍ନାଥ ଟ୍ରାଭେଲର ବେଣୁ ପ୍ରଧାନ ଯୋଗଦେବା ସହିତ ପଥରପୁଞ୍ଜି ଟିମ୍‌କୁ ଚାମ୍ପିୟନ ଟ୍ରଫି ସହିତ ୮ ହଜାର ଟଙ୍କା ଦରଦା କ୍ରିକେଟ ଟିମ୍‌କୁ ରନର ଟ୍ରଫି ସହିତ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସୁବାସ ଚନ୍ଦ୍ର ବେହେରା, ରିଙ୍କୁ ବିଶୋଇ, ବିଜୟ ସାହୁ ଓ କେଦାର ବିଶୋଇଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ, ଭୋଗଡ଼ା ଚାମ୍ପିୟନ

**ଖଣ୍ଡପଡା,୩୧।୧(ଅଜୟ କୁମାର ମହାରଣା)**

ବାଣପୁର କ୍ରିକେଟ ବ୍ଲକ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆଠାରେ ଚାଲିଥିବା ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ୪୧ ରନରେ ଦେବାଂଶୀ କ୍ରିକେଟ କ୍ଲବ କଣ୍ଟିଲୋକୁ ହରାଇ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚରେ ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ଦଳ ଟସ୍ ଜିଣି ବ୍ୟାଟିଂ ପ୍ରଥମେ କରି ୧୮ ଓଭରରେ ୯ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ କଣ୍ଟିଲୋ ଟିମ ୧୮ ଓଭରରେ ୯ ଉଇକେଟ ବିନିମୟରେ ମାତ୍ର୯୩ ରନ ସଂଗ୍ରହ କରିବାରେ ସକ୍ଷମ ହୋଇ ପରାଜିତ ହୋଇଥିଲା । ବିଜୟୀ ଭୋଗଡା ଦଳର ତପୁ ଓ ରାକେଶ ଯଥାକ୍ରମେ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ । ଚନ୍ଦନ କୁମାର ଦଳେଇ ଓ ଅନୀଲ କୁମାର ସାହୁ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଦିବସର ଅତିଥି ଭାବେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଶେଷଜ୍ଞ ମାନସ କୁମାର ସାହୁ, ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଓ ବାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନର ଅପ୍ ଦଳଙ୍କୁ ଟ୍ରଫି ଓ ନଗଦ ଅର୍ଥ ରାଶି ଯଥାକ୍ରମେ ୧୦ ହଜାର ଓ ୭ହଜାର ଟଙ୍କା ପ୍ରଦାନ କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ

**ଦଶପଲ୍ଲା ୩୧।୧(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡସ୍ଥିତ ପୂଜ୍ୟପୂଜା ସମିତି ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ସାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ଗାନ୍ଧୀ ଶୋଭାଯାତ୍ରା ସାରା ଗ୍ରାମ ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ସ୍କୁଲ ଛାତ୍ରମାନେ ଖଦଡ଼ ପରିଧାନ କରି ଗାନ୍ଧୀ ବେଶରେ ସଜାଇ ହୋଇ ଚଷମା ପିନ୍ଧି ହାତରେ ବଡିଧରି ଚାଲିବା ସହ ପୂଜ୍ୟପୂଜା ସମିତ ସଭ୍ୟ ଓ ଗ୍ରାମବାସୀ ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରି ଗ୍ରାମ ପରିକ୍ରମା କରି କଲ୍ୟାଣ ମଣ୍ଡପରେ ସମବେତ ହୋଇଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ।

ସନ୍ଧ୍ୟାରେ କଲ୍ୟାଣ ମଣ୍ଡପ ସଭାଗୃହରେ ପୂଜ୍ୟପୂଜା ସମିତି ସଭପତି ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଗାନ୍ଧିଜୀଙ୍କ ବିଚାରଧାରା ଉପରେ ଆଲୋଚନା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରାରମ୍ଭିକ ସୂଚନା ଦେବାବେଳେ ଗାନ୍ଧିଜୀଙ୍କ ବିଚାରଧାରା ଓ ଆଦର୍ଶ ଉପରେ ମତବ୍ୟକ୍ତ କରିବା ସହ ଗାନ୍ଧିଜୀଙ୍କ ଡ଼ାକରାରେ ଅନୁପ୍ରାଣିତ ହୋଇ ମଧ୍ୟଖଣ୍ଡର ସାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ବିଶ୍ୱନାଥ ମହାପାତ୍ର ଗାନ୍ଧିଜୀଙ୍କ ଆଦର୍ଶ ଓ ତାଙ୍କ ଆହ୍ୱାନକୁ ଆମେ ଦେଶବାସୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଡାକ୍ତର ଅନ୍ତର୍ଯ୍ୟାମୀ ସାହୁ ଗାନ୍ଧିଜୀଙ୍କ ଗୁଣାବଳୀ ଆଲୋଚନା କରିଥିଲେ। ସଭାର ମୁଖ୍ୟଅତିଥି ବିଏସ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଗାନ୍ଧିଜୀଙ୍କ ସାମ୍ପ୍ରଦାୟିକ ନିଶା ନିବାରଣ ଓ ଅସ୍ପୃଶ୍ୟତା ଆଦି ପ୍ରସଙ୍ଗରେ ଆଲୋଚନାକରିଥିଲେ। ଶେଷରେ ଆଇନଜୀବୀ ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ତଥା ମଧ୍ୟଖଣ୍ଡ ଘୋଲହଣ୍ଡି ଓ ଡିହଗାଁ ହାଇସ୍କୁଲର ସର୍ବାଧିକ ନମ୍ବର ରଖିଥିବା କୃତୀ ଛାତ୍ରୀ ଏବଂ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଅନୁଷ୍ଠାନ ସଦସ୍ୟ ସରୋଜ କୁମାର ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଆଦ୍ୱୈତ କୁମାର ଦାସ,ଦୟାନିଧି ସାହୁ, ପ୍ରସନ୍ନ ମହାରଣା ଓ ଦାଶରଥି ସାହୁ ପ୍ରମୁଖ କର୍ମକର୍ତ୍ତା ଓ ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।


**STATE POLLUTION CONTROL BOARD, ODISHA**

(DEPARTMENT OF FOREST, ENVIRONMENT & CLIMATE CHANGE, GOVERNMENT OF ODISHA)

Paribesh Bhawan, A/118, Nilakantha Nagar, Unit-VIII, Bhubaneswar- 751012

Tel: 2562368/2653810, E-mail: paribesh1@ospcboard.org, Website: https://ospcboard.odisha.gov.in

No.1283/ I-ESTT (A)- 17/2025 Date:30.01.2026

**ADDENDUM**

**No.8001/7/2526:** With reference to the Advertisement No.859, 863, 857 and 835 dt.20.01.2026, regarding recruitment of Junior Accountant (Group-C) Level-04, Junior Assistant (Group-C) Level-04 and Assistant Section Officer (Group-B) Level-09 in SPC Board, Odisha, the followings essential qualification with addition to the above advertisement for information of the interested eligible candidates shall be as under:

| Sl. No. | Name of the Post | Essential qualification as per advertisement | Addition to the essential qualification |
|---|---|---|---|
| 1 | Junior Accountant (Group-C) Level-04 | B.Com pass from a recognized university/ institution with PGDCA on computer applications and proficiency in Tally software. | B.Com pass from a recognized university/ Institution with PGDCA from any recognized Institution/AICTE recognized Institutions/NIELIT 'O' Level / Odisha State Certificate in information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications and proficiency in Tally software. |
| 2 | Junior Assistant (Group-C) Level-04 | Graduate in any discipline from a recognized university/ Institute with PGDCA on computer applications | Graduate in any discipline from a recognized university/ Institute with PGDCA from any recognized Institution/AICTE recognized Institutions/ NIELIT 'O' level/ Odisha State Certificate in Information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications. |
| 3 | Assistant Section Officer (Group-B) Level-09 | Graduate in any discipline from a recognized university/ Institution with PGDCA on computer applications and 5 years working experience in Govt. agency, PSU Statutory Board/ Corporation | Graduate in any discipline from a recognized university/ Institution with PGDCA from any recognized Institution/AICTE recognized Institutions/ NIELIT 'O' level/ Odisha State Certificate in Information Technology (OS-CIT) course of Odisha Knowledge Corporation Limited (OKCL) or any other Computer Course from any recognized Board/ Council/ University/ Institution on computer applications and 5 years working experiene in Govt. agency, PSU, Statutory Board/ Corporation. |

All other terms and conditions as per above advertisement will remain unaltered candidates are advised to check the SPC Board Odisha official website https://ospcboard.odisha.gov.in regularly for important instructions/ notification relating to the recruitment.

Sd./- MEMBER SECRETARY

OIPR-8001/8012/1/25-26/0007



No.12001/5/2526

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.643/PSC, Dt.30.01.26**

**(1R-02-24/25) (DR-V)**

**Assistant Professor (Stage-I) in Chemistry (Advertisement No.27 of 2023-24)**

It is for information of all concerned that, Document Verification of 164 (One hundred sixty four) candidates having PPSAN mentioned below for the post of Assistant Professor (Stage-I) in "Chemistry", pursuant to Advertisement No.27 of 2023-24 shall be held from 05.02.2026 to 11.02.2026 (except Govt. holiday) as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| DATE | Time of Verification | PPSAN |
|---|---|---|
| 05.02.2026 | 10.30 A.M. | P230174744, P230185001, P230185541, P240298920, P230180588, P240258725, P240289854, P240295664, P240303500, P240304988, P240305046, P240307819, P240308202, P240311169, P240312475 **= 15 Candidates** |
| | 2.30 P.M. | P220045048, P230165329, P230185742, P230186066, P230186067, P230187746, P240306483, P220051442, P230176238, P240304339, P240308073, P230168337 **= 12 Candidates** |
| 06.02.2026 | 10.30 AM | P230178363, P230179172, P230180638, P240283404, P240306829, P240306914, P240296034, P220005588, P220043613, P230140169, P230174139, P230176630, P230177054, P230183803, P230185352 **= 15 Candidates** |
| | 2.30 PM | P230186678, P230192259, P240286450, P240301864, P240302330, P240302849, P240305027, P240305698, P240305902, P240306760, P240306823, P240309614 **= 12 Candidates** |
| 07.02.2026 | 10.30 AM | P220002138, P230172453, P230182271, P230183995, P240295004, P240298793, P240304712, P230178180, P230179217, P230189489, P240277266, P240294066, P240304817, P240310962, P220057954 **= 15 Candidates** |
| | 2.30 PM | P230178216, P230178366, P230179600, P230180542, P230183321, P240306264, P230177221, P240297365, P240306988, P230173577, P230175859, P230176444 **= 12 Candidates** |
| 09.02.2026 | 10.30 AM | P230176930, P230181610, P230185045, P240295333, P240303061, P240303225, P240308436, P240309258, P240311863, P240311999, P220025167, P220044805, P220056513, P230175542, P230181557 **= 15 Candidates** |
| | 2.30 PM | P230187306, P230207132, P240299682, P240304473, P240308311, P240309854, P220034300, P220072856, P230179472, P230179571, P230184973, P230186202 **= 12 Candidates** |
| 10.02.2026 | 10.30 AM | P230188138, P240268095, P240270538, P240274547, P240285326, P240286623, P240296596, P240302276, P240303296, P240308728, P240311723, P230174404, P230179814, P230180706, P230186201 **= 15 Candidates** |
| | 2.30 PM | P230186225, P240282022, P240285345, P240294572, P240304559, P240309177, P240309549, P230158650, P230177988, P230111030, P230185289, P230186091 **= 12 Candidates** |
| 11.02.2026 | 10.30 AM | P240297188, P240301538, P240306775, P240303530, P220038693, P220076388, P230174833, P230175179, P230176485, P230183219, P230186497,P230187777, P240305256, P240306209, P240307640, P240308421, P240309287 **= 17 Candidates** |
| | 2.30 PM | P240291935, P240308371, P220004131, P230124289, P240309060, P240257057, P240308481, P230128055, P230179196, P230182087, P240303421, P240307987 **= 12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in.**

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

Sd./-Secretary

OIPR-12001/12002/1/25-26/0005

# ନାବାଳିକାଙ୍କୁ ବ୍ଲାକ୍‌ମେଲିଂ ଉଦ୍ୟମ: ଯୁବକ ଗିରଫ

## ଫେକ୍ ଆକାଉଣ୍ଟ ଖୋଲି ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଫଟୋ ଛାଡୁଥିଲେ

ଜଗତ୍‌ସିଂହପୁର, ୩୧।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବ୍ଲାକ ମେଲିଂ କରିବାକୁ ଉଦ୍ୟମ ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ କେଉଁଝର ଜିଲା ନନ୍ଦିପଡ଼ା ଥାନା ଅନ୍ତର୍ଗତ ଡିମିଣି ହବଲେଶ୍ୱର ଗ୍ରାମର ରଶ୍ମି ରଞ୍ଜନ ମହାନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ରଶ୍ମି ସମ୍ପୃକ୍ତ ନାବାଳିକାଙ୍କ ସାମାଜିକ ଗଣାମଧ୍ୟମ ଆଇଡି ସଂଗହ କରି ସେଥିରେ ଅଶ୍ଳୀଳ ଫଟୋ ଛାଡ଼ିଥିଲେ। ଏଥିସହ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଓ ବିବାହ ପାଇଁ ଚାପ ପକାଇଥିଲେ। ସମ୍ପୃକ୍ତ ନାବାଳିକା ମନା କରିବା ସତ୍ତ୍ୱେ ମଧ ରଶ୍ମି ଅଟକି ନ ଥିଲେ ବରଂ ଏକାଧିକ ଫେକ ଆକାଉଣ୍ଟ ଖୋଲି ସାମାଜିକ ଗଣମାଧ୍ୟମରେ ଖରାପ ଫଟୋ ଛାଡି ବଦନାମ କରିବାକୁ ଚେଷ୍ଟା କରି ଧମକ ଦେଇଥିଲେ। ଶେଷରେ ସମ୍ପୃକ୍ତା ନାବାଳିକା ଅସହାୟ ହୋଇ ଥାନାରେ ଅଭିଯୋଗ କଲାପରେ ପୋଲିସ ମାମଲା (ନଂ. ୮୭୧/୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ବଣ୍ୟ, ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି

- ଅଲିଭ୍ ରିଡ୍‌ଲେଙ୍କ ଜୀବନଚକ୍ର ଏବେବି ପ୍ରହେଳିକା
- ଗୋରୀ ପରେ ମିଳିଲେଣି ୩୩ ଧଳା କୁମ୍ଭୀର
- ନୀଳରକ୍ତ କଙ୍କଡ଼ା, ଶାମୁକାରୁ ମିଳିବ ଔଷଧ

କେନ୍ଦ୍ରାପଡ଼ା,୩୧।୧ (ଜଗନ୍ନାଥ ଧଳ)

ଜାତୀୟ ଉଦ୍ୟାନ ଭିତରକନିକାରେ ଉଭୟ ସ୍ଥଳ ଓ ଜଳଚର ଜୀବ ବସବାସ କରୁଛନ୍ତି। ଦେଶୀ ବିଦେଶୀ ପକ୍ଷୀ ସହିତ ଲୁଣା କୁମ୍ଭୀରଠାରୁ ନୀଳରକ୍ତ କଙ୍କଡ଼ା, ବିଭିନ୍ନ ପ୍ରକାର ଜେଲିଫିସ୍ ଆଦି ଦେଖାଯାଇଥାନ୍ତି। ଏହି ଅଭୟାରଣ୍ୟର ଔଷଧୀୟ ଗୁଳ୍ମଲତା କେଉଁ ପ୍ରଜାତିର ଜୀବଜନ୍ତୁଙ୍କ ସହାୟକ ହେଉଛି, ତାହା ଏବେବି ପ୍ରହେଳିକା ହୋଇ ରହିଛି । ଏସବୁର ଅନୁଧ୍ୟାନ ପାଇଁ ବଣ୍ୟ ଓ ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଉ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି । ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ଆଶିଷ କୁମାର ସେନାପତି ଓ ଅଧ୍ୟାପକ କ୍ଷିତୀଶ କୁମାର ସିଂହ ପ୍ରମୁଖ କହିଛନ୍ତି, ତଟକ୍ଷୟ ଓ ମଧୁର ଜଳ ଆହରଣ ଆଦି ସମସ୍ୟା ଯୋଗୁ ଭିତରକନିକାର ଆୟୁ ଓ ଆକାର କମିବାରେ ଲାଗିଛି। ଜାତୀୟ ଉଦ୍ୟାନର ଜୈବ ବିବିଧତା ପରି ଏଠାରେ ଧଳା ବଉଳା କୁମ୍ଭୀର, ଡଲ୍‌ଫିନ୍, ଅଲିଭ୍‌ରିଡ୍‌ଲେ, ଅକ୍ଟୋପସ୍, ଅଶ୍ୱ ଖୁରାକୃତି ନୀଳରକ୍ତର କଙ୍କଡ଼ା ଓ ଶାମୁକା ଆଦି ବିଶ୍ୱପ୍ରସିଦ୍ଧ। ଏମାନଙ୍କ ଜୀବନଚର୍ଯ୍ୟା, ସ୍ଥାନୀୟ ପରିବେଶ, ଔଷଧୀୟ ଗୁଣବତ୍ତା ଆଦି ରହସ୍ୟ ଘେରରେ ଅଛି । ନିର୍ଦ୍ଦିଷ୍ଟ ସମୟରେ ବିରଳ ଅଲିଭ୍‌ରିଡ୍‌ଲେଙ୍କ



ପେଣ୍ଠ ନିକଟରେ ଦେଖାଦେଉଥିବା ଜେଲି ଫିସ୍ ।

ଏହି ଅଞ୍ଚଳକୁ ଆଗମନ, ଅଣ୍ଡାଦାନ ପରେ ମାଈ କଇଁଛଙ୍କ ପଳାୟନ, ଦେଢ଼ମାସ ପରେ ଶାବକଙ୍କ ପଶ୍ଚାତ୍‌ଗମନ ଆଦି ଏବେବି ରହସ୍ୟ ଘେରରେ ରହିଛି।

ସେହିପରି ପୁରୀର ରାମଚଣ୍ଡୀ ତଟରେ ୨୦୧୨ରୁ ଅଦ୍ୟାବଧି ଦେଖା ନ ଦେବା କାରଣ ଖୋଜିବା ସହ ଗବେଷଣାଗାରରେ ଏହି ସାମୁଦ୍ରିକ ଜୀବର ଜୀବନଚକ୍ର ଅନୁଧ୍ୟାନ ହୋଇପାରିବ। ସେହିପରି ଏହି ଅଞ୍ଚଳର ବିରଳ ଧଳା କୁମ୍ଭୀର ଗୋରୀ, ମଲ୍ଲୀ ଏହାର ରଙ୍ଗ ପାଇଁ ବିଶ୍ୱ ପର୍ଯ୍ୟଟକଙ୍କ ଆକର୍ଷଣ ହୋଇଛି। ଗୋରୀ କୁମ୍ଭୀର ଡାଙ୍ଗମାଳର ଆବଦ୍ଧ ସୀମାରେ ଥିଲେ ମଧ ଆଖପାଖ ଅଞ୍ଚଳର ୩୩ରୁ ଊର୍ଦ୍ଧ୍ୱ ଧଳା କୁମ୍ଭୀରଙ୍କ ଉପସ୍ଥିତି ପରିବେଶବିତ୍‌ଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି । ଯାହା ଗବେଷକଙ୍କ ଗବେଷଣା ପାଇଁ ଆହ୍ୱାନ କରୁଛି । ଅପରପକ୍ଷରେ ଏଠାରେ ଦେଖାଯାଉଥିବା ଜେଲି ଫିସ୍, ଡଲ୍‌ଫିନ, ଅକ୍ଟୋପସ୍ ଆଦି ସାମୁଦ୍ରିକ ଜୀବଙ୍କ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଅଛି ।

ସେହିପରି ବିରଳ ନୀଳରକ୍ତ କଙ୍କଡାର ସୁରକ୍ଷା ଏଠାରେ ଏକ ଆହ୍ୱାନ ହୋଇଛି। ଏହି କଙ୍କଡ଼ା ଓ ଶାମୁକାରୁ ପ୍ରସ୍ତୁତ ଔଷଧ ମାନବ ସମାଜ ପାଇଁ କେତେଦୂର ଉପଯୋଗୀ ହୋଇପାରିବ, ତାର ଗବେଷଣା ଜରୁରୀ ହୋଇପଡିଛି । ଅପରପକ୍ଷରେ ତଟକ୍ଷୟ ଏଠାରେ ଉଗ୍ରରୂପ ଧାରଣ କରିଛି । ଏହାର ନିରାକରଣ ସମ୍ପର୍କରେ ଗବେଷଣା ହୋଇପାରିବ । ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଜାତୀୟ ଉଦ୍ୟାନ ମଧ୍ୟରେ ଏକ ଗବେଷଣାଗାର ପ୍ରତିଷ୍ଠା ପାଇଁ ସୋମାନେ ଦାବି କରିଛନ୍ତି। ଜିଲାପାଳ ରଘୁରାମ ଆର. ଆୟାର ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି ।

# ଗହୀରମଥାରୁ ଟ୍ରଲର ଜବତ: ୯ ମତ୍ସ୍ୟଜୀବୀ ଗିରଫ

ରାଜନଗର,୩୧।୧ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ୍ ମା' ନିଉ ସୋନାତାରିଣୀ-୧ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଅକ୍ଷୟ ଜେନା, ବିଜୟ ସିଂ, ରାମ ନାରାୟଣ ମଣ୍ଡଳ,ଏସକେ ନାସିର,ଭୋଲାନାଥ ମଣ୍ଡଳ,ଖଗେନ ବାର,ଶଙ୍କର ମାଇତି, କୃଷ୍ଣ ମିସ୍ତ୍ରୀ ଓ ଖୋକନ ପ୍ରଧାନ। ଗିରଫମାନେ କେନ୍ଦ୍ରାପଡା ଓ ଭଦ୍ରକ ଜିଲାର ବୋଲି ଜଣାପଡ଼ିଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀମାନେ ଟ୍ରଲର ଜବତ କରିଥିଲେ । ଟ୍ରଲରରୁ ଗୋଟିଏ ଜିପିଏସ, ୨ଟି ଭିଏଚଏଫ,୧ଟି ଫିସଫାଇଣ୍ଡର, ୧୦ ଟି ଟ୍ରଲିଂ ନେଟ ଓ ୧୮ କୁଇଣ୍ଟାଲ ୭ କିଲୋଗ୍ରାମ ସାମୁଦ୍ରିକ ମାଛ ଜବତ କରିଛନ୍ତି।

**OFFICE OF THE SRI LOKANATH SIKSHYASHRAM,**
**AT- NIMIDHI, PO- PARADEEPGARH, DIST- JAGATSINGHPUR**
**Advertisement No. 34/2026/SLS, Dt. 31.01.2026**
**CONTRACTUAL ENGAGEMENT**

Sri Lokanath Sikshyashram in the district of Jagatsinghpur intends to engage suitable professional staffs under various vacant positions in Children's Home. The posts are purely contractual and coterminous with the Mission Vatsalya Scheme. Details information may be downloaded from the notice page of Sri Lokanath Sikshyashram vide website www.srilokanathsikshyashram.com. The last date of receiving of application is **5.00 PM on dt. 16.02.2026**

Sd./-Secretary, Sri Lokanath Sikshyashram,
Nimidhi, Paradeepgarh, Jagatsinghpur

# କଟ୍‌ନିଛଟ୍‌ନି ପ୍ରତିବାଦ: ମନ୍ତ୍ରୀଙ୍କୁ ଅଭିଯୋଗ କଲେ ଚାଷୀ

ରାଜକନିକା,୩୧।୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ତରାସ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚାଷୀମାନେ ଖୋଲା ଆକାଶ ତଳେ ଧାନ ପକାଇ ରଖିଛନ୍ତି। ହେଲେ ମିଲର ଧାନ ନେବାକୁ ଆସୁ ନାହାନ୍ତି, ବସ୍ତା ଖୋଲା ଆକାଶ ତଳେ ପଡି ରହିଛି, ମୂଷା ଖାଇଗଲେଣି। ବସ୍ତା ଉପରେ ୫ କେଜି କାଟି ନେଉଛି ମିଲର, ଗୁହାରି କଲେବି ଶୁଣୁନଥିଲା ପ୍ରଶାସନ। ଚାଷୀଙ୍କ ମଧ୍ୟରେ ଦେଖା ଦେଇଥିଲା ଅସନ୍ତୋଷ। ଶୁକ୍ରବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବରାଡ଼ିଆ ପଞ୍ଚାୟତକୁ ଏକ କାର୍ଯ୍ୟକ୍ରମରେ ଯାଉଥିବା ବାଟରେ ତରାସ ପାକ୍ସର ଚାଷୀମାନେ ପାକ୍ସ ଆଗରେ ମନ୍ତ୍ରୀଙ୍କୁ ଅଟକାଇ ଅଭିଯୋଗ କରିଥିଲେ।

ତରାସ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀ ଧାନ ରଖି ନାହିଁ ନ ଥିବା ଅସୁବିଧାର



ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଚାଷୀ ଅଭିଯୋଗ କରୁଛନ୍ତି।

ସମ୍ମୁଖୀନ ହେଉଛନ୍ତି। ମିଲର ଆସୁ ନ ଥିବାରୁ ଖୋଲା ଆକାଶ ତଳେ ପଡି ରହିଛି ଶହ ଶହ ବସ୍ତା ଧାନ। ଏହି ପାକ୍ସରେ ୧୧୧ ଜଣ ଚାଷୀଙ୍କ ଟୋକନ ଆସିଛି ଧାନ ଦେବା ଲାଗି। ଏହି ଚାଷୀମାନଙ୍କ ଲାଗି ୫ ହଜାର କୁଇଣ୍ଟାଲ ଧାନ ଆବଶ୍ୟକ ଥିବା ବେଳେ ୭୯୨ କୁଣ୍ଟାଲ ଧାନ ଟାର୍ଗେଟ ଆସିଛି। ପ୍ରଥମ ପର୍ଯ୍ୟାୟରେ ୭୦ ଚାଷୀଙ୍କ ଲାଗି ଜାନୁଆରୀ ୧୦ରୁ ଫେବୃଆରୀ ୮ ମଧ୍ୟରେ ୨୬୦୦ କୁଣ୍ଟାଲ ଆବଶ୍ୟକ ଥିବା ବେଳେ ୭୯୨ କୁଣ୍ଟାଲ ଧାନ ଟାର୍ଗେଟ ଆସିଛି। ମିଲର ଗୋଟିଏ ଗାଡି ଧାନ ନେଇ ଆଉ ଆସୁ ନାହିଁ, ପ୍ରତି ବସ୍ତାରୁ ୫ କେଜି ଲେଖାଏ ଧାନ କଟି ନେଇଛନ୍ତି ବୋଲି ଚାଷୀ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଅଖା ଦେବାର ବ୍ୟବସ୍ଥା ଥିବା ବେଳେ ମିଲର ଚାଷୀମାନଙ୍କ ଅଖା ନେଇ ଟଙ୍କା ଦେଉ ନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**EXPRESSION OF INTEREST (EOI)**
**FOR IMPLEMENTATION OF ASSET PERFORMANCE MANAGEMENT SYSTEM IN OPTCL**

**E-EOI NO- EOI-CPC-61/2025-26** **Date: 31.01.2026**

OPTCL invites sealed Expression of Interest (EOI) for **Implementation of Asset Performance Management System in OPTCL.**

The EOI Document containing the details of qualification criteria, submission requirement, brief objective & scope of work and evaluation criteria etc. can be downloaded from the website www.optcl.co.in/ www.tenderwizard.com/OPTCL **Dt: 02.02.2023, 12:00 Hrs** onwards.

The last date for submission of Expression of Interest (EoI) is **16.02.2026 up to 14.00 Hrs.**

HIPR-72/2025-26

Sd/-
CGM(CPC)

/optcl.odisha /optcl_odisha

**OFFICE OF THE SUPERINTENDENT, SDH, BHANJANAGAR**

**Walk-in-interview for the post of Medical Officer, ART centre, SDH, Bhanjanagar (Ganjam)**

Date & Time of walk in interview : 26.02.2026 (Thursday) at 12 noon
Venue : O/o Superintendent, SDH, Bhanjanagar, Ganjam
Document Verification : 10.00 A.M. onwards
For detail information visit to the website www.osacs.nic.in

Sd./- Superintendent, SDH,
Bhanjanagar

**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ନିମନ୍ତେ ଇସ୍ତାହାର**

**ବିଏନ୍‌ଏସ୍‌ଏସ୍ ଧାରା ୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ବ୍ୟକ୍ତି **ବିଜୟ ମାଂଝୀ @ ବିର୍‌ଜୁ, ପିତା: ହିଡିଙ୍ଗା ମାଂଝୀ, ବାସିନ୍ଦା- ଗ୍ରାମ ମିରଦା, ଥାନା ଗୁଡ଼ାରି, ଜିଲ୍ଲା ରାୟଗଡ଼ା, ଓଡ଼ିଶା** ଏତଲା ସଂ. **୧୨୨/୨୦୧୯, ୟୁ/ଏସ୍ ୨୦/୨୫/୨୯ ଏନ୍‌ଡିପିଏସ୍ ଅଧିନିୟମ, ଥାନା: କ୍ରାଇମ୍ ବ୍ରାଞ୍ଚ, ଦିଲ୍ଲୀ** ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟଣାର ସନ୍ଦିଗ୍ଧ ଅଟନ୍ତି) ଏବଂ ସେ ବାବଦରେ ତାଙ୍କର ଗିରଫ ପାଇଁ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ବିଜୟ ମାଂଝୀ @ ବିର୍‌ଜୁ**ଙ୍କର ପତ୍ତା ମିଳୁନାହିଁ ଏବଂ ଯେହେତୁ ଏହା ମୋ ସନ୍ତୁଷ୍ଟିମତେ ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ବିଜୟ ମାଂଝୀ @ ବିର୍‌ଜୁ** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି) ।

ଏତଦ୍ଦ୍ୱାରା ଇସ୍ତାହାର ଦିଆଯାଉଅଛି କି, ଏତଲା ସଂ. **୧୨୨/୨୦୧୯, ୟୁ/ଏସ୍ ୨୦/୨୫/୨୯ ଏନ୍‌ଡିପିଏସ୍ ଅଧିନିୟମ, ଥାନା: କ୍ରାଇମ୍ ବ୍ରାଞ୍ଚ, ଦିଲ୍ଲୀ** ମାମଲାର ଅଭିଯୁକ୍ତ ବ୍ୟକ୍ତି **ବିଜୟ ମାଂଝୀ @ ବିର୍‌ଜୁଙ୍କୁ ତା୧୦।୦୩।୨୦୨୬ରିଖ** କିମ୍ବା ତାହା ପୂର୍ବ ସୁଦ୍ଧା ଏହି ନ୍ୟାୟାଳୟରେ ହାଜର ହୋଇ ଉକ୍ତ ଅଭିଯୋଗର ଉତ୍ତର ଦେବା ଆବଶ୍ୟକ ହେବ ।

ଆଦେଶକ୍ରମେ
**ଶ୍ରୀ ବୀରେନ୍ଦ୍ର ସିଂହ**
**ଅତିରିକ୍ତ ଦୌରା ବିଚାରପତି (ଏନ୍‌ଡିପିଏସ୍)**
**କେନ୍ଦ୍ରୀୟ ଜିଲ୍ଲା**
**ତିସ୍ ହଜାରୀ କୋର୍ଟସ୍, ଦିଲ୍ଲୀ**

DP/1251/Crime/2026 (Court Matter)

# ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନେଇ ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ରାଜକନିକା,୩୧।୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକାରେ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭାଗୀୟ ପ୍ରତିନିଧିମଣ୍ଡଳୀ ରାଜକନିକା ଗସ୍ତ କରି କ୍ଷେତ୍ର ପରିଦର୍ଶନ ପୂର୍ବକ ଭିତ୍ତିଭୂମି ଅନୁଧ୍ୟାନ କରି ଫେରିଛନ୍ତି। ଏହି ଟିମ୍‌ରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଓ କନିକା ତହସିଲଦାର ଭାନୁମତୀ ମାଝୀ ଏବଂ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ସଭାପତି ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଓ ବରିଷ୍ଠ କର୍ମକର୍ତ୍ତା, ସଭ୍ୟ ଓ କ୍ରୀଡ଼ାବିତ୍‌ମାନେ ସାମିଲ ହୋଇଥିଲେ। ଏ ନେଇ ଆସୋସିଏଶନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, କ୍ରୀଡ଼ାର ଅନ୍ତୁଡ଼ିଶାଳ ଭାବେ ଜିଲା ତଥା ରାଜ୍ୟରେ ଖ୍ୟାତି ଅର୍ଜନ କରିଥିବା ରାଜକନିକା ଭଳି ଅଞ୍ଚଳରେ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବା ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନୂଆ ଆଶା, ଆକାଂକ୍ଷା ଓ ଉଦ୍ଦୀପନା ସଞ୍ଚାର ହେବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ବିଗତ ଦିନରେ ଏହି ମାଟିରୁ ସୃଷ୍ଟି ହୋଇଥିବା କ୍ରୀଡ଼ାବିତ୍ ରାଜ୍ୟ ତଥା ଦେଶ ଓ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ରାଜକନିକାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ହେଲେ ଏହି ମାଟିରୁ ଅନେକ କ୍ରୀଡ଼ା ତାରକା ସୃଷ୍ଟି ହୋଇପାରିବେ ବୋଲି କ୍ରୀଡ଼ାରେ ରୁଚି ରଖୁଥିବା ମହିଳା ଓ ପୁରୁଷ ଖେଳାଳି କହିଛନ୍ତି।

**ଓଡ଼ିଶା ସରକାର** 8001/6/2526
**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ**

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୨୫-୨୬**

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପରିବେଶ ସଂରକ୍ଷଣ ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା **୫ ଜୁନ୍, ୨୦୨୬ ବିଶ୍ୱ ପରିବେଶ ଦିବସ**ରେ ପ୍ରତି ବ୍ଲକରୁ ଏକ ଗ୍ରାମ/ ଶିକ୍ଷାନୁଷ୍ଠାନ/ ରେଜେଷ୍ଟ୍ରିଭୁକ୍ତ ସଂସ୍ଥାକୁ ମାନପତ୍ର ସହ ଟ୨୦,୦୦୦/- (କୋଡ଼ିଏ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies (CES) ର Website www.cesodisha.org ରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୦୨/୦୨/୨୦୨୬ରିଖରୁ ୨୭/୦୨/୨୦୨୬ରିଖ** ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୨୭/୦୨/୨୦୨୬ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

**ପ୍ରମୁଖ ଶାସନ ସଚିବ**

OIPR: 8001/8010/1/25-26/0006 **ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ**

**EMPLOYMENT NOTIFICATION**

STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

No. 1131 /SIHM/2025-26/Recruitment Date: 30.01.2026

State Institute of Hotel Management, Balangir is hereby inviting applications from the eligible candidates for the following teaching positions on direct recruitment basis.

| Sl. No | Name of the Post | Scale of Pay as per ORSP-2017 | ST | SC | SEBC | UR | Total |
|---|---|---|---|---|---|---|---|
| 1 | Sr. Lecturer | Rs.56,100 – 1,77,500/- (Level-12) | - | - | - | 01 | 01 |
| 2 | Lecturer | Rs.44,900 – 1,42,400/- (Level-10) | 01 | 01 | - | 02 (Women-1, Men-1) | 04 |
| 3 | Asst. Lecturer | Rs.35,400 – 1,12,400 (Level-9) | 01 (Women) | 01 | 01 | 03 (Women-1, Men-2) | 06 |

The detailed notification along with important dates, experience, qualification, age, other general terms and conditions for filling up online application, and online portal link, please visit the Institute website:**www.sihmbalangir.org (see the link Recruitment)** No personal query will be entertained/canvassing in any form during the recruitment process leads to rejection of the candidature.

Sd/-
Principal

# ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା



ପ୍ଲାଷ୍ଟିକ୍ ମୁକ୍ତ ପାଇଁ ସଚେତନତା ଶପଥ ନିଆଯାଉଛି।

ଆଳି,୩୧।୧ (ବନମାଳୀ ସେନାପତି)

ପରିବେଶକୁ ପ୍ରଦୂଷିତ କରୁଛି ପ୍ଲାଷ୍ଟିକ। ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ତାର ସିଧା ସଳଖ ପ୍ରଭାବ ପଡୁଛି ପରିବେଶ ଉପରେ। ପ୍ଲାଷ୍ଟିକ ବ୍ୟବହାର ପରେ ଯେଉଁଠି ପଡୁଛି ସେହି ସ୍ଥାନ ସମ୍ପୂର୍ଣ୍ଣ ଭାବେ ଅନୁପଯୋଗୀ ହୋଇ ପଡୁଛି। ପରିବେଶର ସୁସ୍ଥ ରଖିବା ନିମନ୍ତେ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାର ସ୍ଲୋଗାନ ଦେଇ ଜନ ସାଧାରଣଙ୍କୁ ସଚେତନ କରିଛି ରାଜନଗର ବନବିଭାଗ। ରାଜନଗର ବନବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଆଳିରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବନବିଭାଗ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଆଳି ବ୍ରଜସୁନ୍ଦର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଆଳି ଲକ୍ଷ୍ମୀବରାହ ଜୀଉ ମନ୍ଦିର ନିକଟରେ ପହଞ୍ଚିଥିଲା। ଲକ୍ଷ୍ମୀବରାହ ଜୀଉ ମନ୍ଦିର ପ୍ରାଙ୍ଗଣରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲକ୍ଷ ନେଇ ଶପଥ କରିବା ସହ ଲକ୍ଷ୍ମୀବରାହ ଜୀଉ ମନ୍ଦିର ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା, ପରିବେଶବିତ, ସାଧାରଣ ନାଗରିକମାନେ ସାମିଲ ହୋଇଥିଲେ। ଫରେଷ୍ଟଗାର୍ଡ ତ୍ରିଦେବ ପ୍ରଧାନ, ଲକ୍ଷ୍ମୀପ୍ରିୟା ଖଟୁଆ, ସବିତା ବେହେରା, ସଂଗୀତା ସ୍ୱାଇଁ, ଦେବାଶିଷ ରଥ, ମନୋରଞ୍ଜନ ସାହୁ,ଚନ୍ଦନ ମଲିକ, ପ୍ରଦୀପ ରାଉତ, ମନୋଜ ପାଢ଼ୀ ଓ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧,
ମୋ: ୮୦୯୩୦୪୭୨୧୮, ଇମେଲ୍: **legal.cuttack@bankofbaroda.com**

**ଡିମାଣ୍ଡ ନୋଟିସ୍**
(ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| **ପାରାଦୀପ ଶାଖା** / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ କାରଣ | ଋଣ / ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଅଭିଶେକ ମୋଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଝିଲି ଗୋଚ୍ଛାୟତ,** ସା.: ତାଳପଡା, ରାହାମା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୦, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀ ତନ୍ମୟ କୁମାର ସେନାପତି,** ସା.: ତାଳପଡା, ରାହାମା, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୦, ଓଡ଼ିଶା | ୧୪.୧୦.୨୦୨୫ / ୦୫.୦୧.୨୦୨୬ / ଠିକଣାଧାରୀ ଗ୍ରହଣ କରିବାକୁ ମନା କଲେ/ ଠିକଣାଧାରୀ ନାହାଁନ୍ତି | ନଗଦ ଋଣ / ଟ.୨୪,୫୦,୦୦୦/- | ୧୧.୩୫% | ୦୫.୦୧.୨୦୨୫ ସୁଦ୍ଧା ଟ.୨୫,୪୮,୧୯୮.୪୩ (୩୦.୦୯.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** ଶ୍ରୀ ତନ୍ମୟ କୁମାର ସେନାପତି(ଗ୍ୟାରେଣ୍ଟିଦାତା)ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୧୭୯, ଖାତା ନଂ.: ୨୩୪, କ୍ଷେତ୍ର: ଏକର୦.୦୨ଡିସିମିଲି ଏବଂ ପ୍ଲଟ୍ ନଂ.: ୨୧୭୯/୩, ଖାତା ନଂ.: ୨୩୪/୧୦୪, କ୍ଷେତ୍ର: ଏକର୦.୦୪ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି, ମୌଜା: ତାଳପଡା, ପୋ.: ରାହାମା, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ ପୂର୍ବ: ମହେଶ୍ୱର ସେନାପତି, ପଶ୍ଚିମ: ଶୁଭକର ସେନାପତି, ଉତ୍ତର: ମିନୁ ସେନାପତି, ଦକ୍ଷିଣ: ସରକାରୀ ଜମି

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କଙ୍କୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ: କଟକ, ତାରିଖ: ୩୧.୦୧.୨୦୨୬** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା**

ଧରିତ୍ରୀ DHARITRI 52 Years | ଆଗାମୀ ଆଶା
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଫେବୃଆରୀ ୧/୨୦୨୬ Bhubaneswar, Sunday, February 1/ 2026

# ହିଡେନ୍ ଆପ୍

**ମୋବାଇଲ୍ ଭିତରେ ଏମିତି କିଛି ଆପ୍ ଲୁଚି ରହିଥାଏ, ଯାହାକୁ ଆମେ ଡିସ୍‌ପ୍ଲେ ଆପ୍ ଲିଷ୍ଟରେ ଦେଖି ପାରି ନ ଥାଉ। ହେଲେ ଏହି ହିଡେନ୍ ଆପ୍ ୟୁଜର୍‌ଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। କାରଣ, କେବେକେବେ କେତେକ ହିଡେନ୍ ଆପ୍ ହିଁ ସାଇବର ଅପରାଧୀଙ୍କୁ ୟୁଜରଙ୍କ ମୋବାଇଲ୍‌ରେ ମାଲ୍‌ୱେର୍ ଇନ୍‌ଷ୍ଟଲ୍ କରିବା, ଡିଭାଇସ୍‌ର ବିଭିନ୍ନ ଆକ୍ଟିଭିଟି ଉପରେ ନଜର ରଖିବା ସହ ଡାଟା ଚୋରି କରିବାରେ ସାହାଯ୍ୟ କରିଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ନିଜ ମୋବାଇଲ୍‌ରେ ହିଡେନ୍ ଆପ୍ ଅଛି କି ନାହିଁ ଯାଞ୍ଚ କରିବା ସହ ଥିଲେ ତୁରନ୍ତ ଏହାକୁ ଡିଲିଟ୍ କରିବା ଆବଶ୍ୟକ...**

କେତେକ କ୍ଷେତ୍ରରେ ୟୁଜରମାନେ ଅନ୍ୟମାନଙ୍କଠାରୁ ସାଙ୍ଗସାଥୀ, ପରିବାର ସଦସ୍ୟ କିମ୍ବା ଅନ୍ୟମାନଙ୍କଠାରୁ ଲୁଚାଇବା ଲାଗି ଫୋନ୍‌ରେ କେତେକ ଆପ୍‌କୁ ହିଡେନ୍ ରଖିଥା'ନ୍ତି। ଆଇଓଏସ୍ ୧୮ ଆସିବା ପରେ ଆପ୍ ହାଇଡ୍ କରି ରଖିବା ଆହୁରି ସହଜ ହୋଇଯାଉଛି। ହିଡେନ୍ ଆପ୍ କେବଳ କୋଡ୍ ବା ପାସ୍‌ୱାର୍ଡ ଦେଇ ଖୋଲି ହେଉଥିବାରୁ ଏହି ଅପ୍ସନ ୟୁଜରଙ୍କୁ ନିଜର ପ୍ରିଭେସି ରକ୍ଷା କରିବାରେ ସାହାଯ୍ୟ କରୁଛି। ହେଲେ କେବେକେବେ ଫୋନ୍‌ରେ ଥିବା କେତେକ ହିଡେନ ଆପ୍ ବିଷୟରେ ୟୁଜର ନିଜେ ଅବଗତ ନ ଥା'ନ୍ତି। ଯାହାକୁ ବ୍ୟବହାର କରି ସାଇବର ଅପରାଧୀମାନେ ଡାଟା ହ୍ୟାକ୍ କରିବା, ବ୍ୟାଙ୍କ୍ ଆକାଉଣ୍ଟରୁ ଟଙ୍କା ଲୁଟି ନେବା ଭଳି ଅବୈଧ କାର୍ଯ୍ୟ ମଧ୍ୟ କରିପାରନ୍ତି।





ତେଣୁ ଫୋନ୍‌ରେ ଥିବା ହିଡେନ୍ ଆପ୍ ବିଷୟରେ କିପରି ଜାଣିବେ ଏବଂ ଏହାକୁ କିପରି ଡିଲିଟ୍ କରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...

**ହିଡେନ୍ ଆପ୍ ଥିବା ଜାଣିବେ କିପରି: ମୋବାଇଲର ସ୍ପେସ୍ କମିବା:** ହିଡେନ୍ ଆପ୍ ଥିଲେ ମୋବାଇଲର ସ୍ପେସ୍ କମିଥାଏ। ଯଦି ଅଧିକ ଡାଟା ନ ଥାଇ ମଧ୍ୟ ମୋବାଇଲ୍‌ରେ ଷ୍ଟୋରେଜ୍ ଫୁଲ୍ ଦେଖାଉଛି, ତେବେ ସେଥିରୁ ହିଡେନ୍ ଆପ୍ ଥିବା ଅନୁମାନ କରାଯାଇପାରେ।

**ମୋବାଇଲର ବ୍ୟାଟେରି ଶୀଘ୍ର ଡ୍ରେନ୍ ହେବା:** ଅଧିକ ସମୟ ଧରି ମୋବାଇଲ୍ ବ୍ୟବହାର ନ କରୁଥିଲେ ସୁଦ୍ଧା ଯଦି ଶୀଘ୍ର ବ୍ୟାଟେରି ଡ୍ରେନ୍ ହେଉଥାଏ ଏବଂ ବାରମ୍ବାର ଚାର୍ଜ କରିବାକୁ ପଡୁଥାଏ, ତେବେ ମୋବାଇଲ୍‌ରେ ହିଡେନ୍ ଆପ୍ ଥିବାର ଏହା ଅନ୍ୟତମ ଲକ୍ଷଣ।

**ମୋବାଇଲ ସ୍ଲୋ ହେବା:** କୌଣସି ଆପ୍ ବ୍ୟବହାର କରିବା ବେଳେ ବିଶେଷକରି ଫୁଲ୍ ନେଟ୍‌ୱର୍କ ଥାଇ ମଧ୍ୟ ଇଣ୍ଟରନେଟ୍ ବ୍ୟବହାର କରିବା ବେଳେ ମୋବାଇଲ ସ୍ଲୋ ହେବା ବି ହିଡେନ୍ ଆପ୍‌ର କାରଣ ହୋଇପାରେ।

**ଅଜଣା ନମ୍ବରରୁ କଲ୍ ଆସିବା:** ବେଳେବେଳେ ଲଗାତାର କିଛି ଦିନ ଧରି ଅନ୍‌ନୋନ୍ ନମ୍ବରରୁ କଲ୍ ଆସିଥାଏ। ଏହା ମଧ୍ୟ ମୋବାଇଲ୍‌ରେ ହିଡେନ୍ ଆପ୍ ଥିବାର କାରଣ ହୋଇପାରେ।

**ମୋବାଇଲର ସେଟିଂ ବଦଳିଯିବା:** ହଠାତ୍ ଦେଖିବା ବେଳକୁ କେବେକେବେ ମୋବାଇଲ୍‌ର ସେଟିଂ ପରିବର୍ତ୍ତନ ହୋଇଯାଇଥିବା ଅନେକେ କୁହନ୍ତି। ଏହା ମଧ୍ୟ ହିଡେନ୍ ଆପ୍‌ର ଉପସ୍ଥିତି ପାଇଁ ହୋଇପାରେ।

**କେଉଁଠୁ ଖୋଜିବେ ଓ କିପରି ଡିଲିଟ୍ କରିବେ:** – ଆଇଫୋନ୍ ୟୁଜର୍ ହୋଇଥିଲେ ମୋବାଇଲର ଆପ୍ଲିକେଶନ ଲିଷ୍ଟ ଚେକ୍ କରନ୍ତୁ: ଅଜଣା ଆପ୍ ଥିଲେ ଜାଣିପାରିବେ। ଏଠାରେ ନ ଥିଲେ ହିଡେନ୍ ଆପ୍ ଫୋଲ୍ଡର ଚେକ୍ କରନ୍ତୁ। ଏହା ବ୍ୟତୀତ ପର୍ଚେଜ୍‌ଡ ସେକ୍ସନ ଚେକ୍ କଲେ ଇନ୍‌ଷ୍ଟଲ୍ ହୋଇଥିବା ଆପ୍ ବିଷୟରେ ଜଣା ପଡ଼ିଯିବ। ଯେଉଁ ଆପ୍ ଆପଣଙ୍କର ଆବଶ୍ୟକ ନୁହେଁ, ତାହା ଉପରେ ପ୍ରେସ୍ କରି ହୋଲ୍ଡ କରିବା ପରେ ରିମୁଭ୍ କିମ୍ବା ଅନ୍‌ଇନ୍‌ଷ୍ଟଲ୍ ଅପ୍ସନ ଆସିବ। ତାହା ଉପରେ କ୍ଲିକ୍ କରି ଆପଣ ଉକ୍ତ ଆପ୍‌କୁ ନିଜ ଫୋନ୍‌ରୁ ଦୂରେଇପାରିବେ।

– ଆଣ୍ଡ୍ରୋଏଡ୍ ଫୋନ୍ ଉପଭୋକ୍ତା ସେଟିଂ ଅନ୍ କରି ଆପ୍ସ ଅପ୍ସନ ଓପନ୍ କରନ୍ତୁ। ଏହାପରେ ଅଲ୍ ଆପ୍ସ ଅପ୍ସନରେ କ୍ଲିକ୍ କରି ସମସ୍ତ ଇନ୍‌ଷ୍ଟଲ୍ କରାଯାଇଥିବା ଆପ୍ ଚେକ୍ କରନ୍ତୁ। ଏଠାରେ ଆପଣଙ୍କୁ ହିଡେନ୍ ଆପ୍ ଥିଲେ ବି ଜଣାପଡ଼ିଯିବ। ଏହା ଉପରେ କ୍ଲିକ୍ କରି ହୋଲ୍ଡ କଲେ ରିମୁଭ୍ ଏବଂ ଅନ୍‌ଇନ୍‌ଷ୍ଟଲ୍ ଅପ୍ସନ ଆସିଯିବ। ଏପରି ଆପଣ ଅନାବଶ୍ୟକ ଆପ୍‌କୁ ଡିଲିଟ୍ କରି ନିଜ ଫୋନ୍‌କୁ ସୁରକ୍ଷିତ ରଖିପାରିବେ।



**ହିଡେନ ଆପ୍‌ଠୁ କିପରି ଦୂରେଇ ରହିବେ:**

– ମୋବାଇଲରେ ପାସ୍‌ୱାର୍ଡ ବ୍ୟବହାର କରନ୍ତୁ ଏବଂ ସିକ୍ୟୁରିଟି ସଫ୍ଟୱେର ବ୍ୟବହାର କରନ୍ତୁ। ଗୁଗୁଲ୍ ପ୍ଲେ ଷ୍ଟୋରକୁ ଯାଇ ନିଜ ପ୍ରୋଫାଇଲ୍ ଆଇକନ୍‌ରେ କ୍ଲିକ୍ କରନ୍ତୁ ଏବଂ ପ୍ଲେ ପ୍ରୋଟେକ୍ଟକୁ ଯାଇ ସ୍କାନ୍ ଆପ୍ସକୁ ଏନାବଲ୍ କରନ୍ତୁ। ଏହାଦ୍ୱାରା ଆପଣ ହିଡେନ୍ ଆପ୍ ଡିଟେକ୍ଟ କରି ରିମୁଭ୍ କରିପାରିବେ।

– ମଝିରେ ମଝିରେ ଫୋନ୍‌ର ସେଟିଂ ଓପନ୍ କରି ଆପ୍ସଗୁଡ଼ିକୁ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ଏପରି କରି ଆପଣ ହିଡେନ୍ ଆପ୍ ଥିଲେ ଜାଣି ପରିବେ।

– ସୁରକ୍ଷା ଦୃଷ୍ଟିରୁ ମୋବାଇଲ୍‌ରେ କୌଣସି ଅଜଣା ଆପ୍ ଆଦୌ ଡାଉନଲୋଡ କରନ୍ତୁ ନାହିଁ। ଯଦି କୌଣସି ଆପ୍ ଦରକାର ହୁଏ, ତେବେ ଡାଲ୍‌ନ୍‌ଲୋଡ୍ କରିବା ପୂର୍ବରୁ ପ୍ଲେଷ୍ଟୋର୍‌ରେ ଏହାର ରିଭ୍ୟୁ ଏବଂ ପରମିଶନ ଚେକ୍ କରନ୍ତୁ। କାମ ସରିବା ପରେ ଅନ୍‌ଇନ୍‌ଷ୍ଟଲ୍ କରିଦିଅନ୍ତୁ।

– ସବୁବେଳେ ସୁରକ୍ଷିତ ବ୍ରାଉଜର୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ନିଜ ମୋବାଇଲରେ ମାଲୱେର କିମ୍ବା କୌଣସି ହାନିକାରକ ହିଡେନ ଆପ୍‌କୁ ରୋକିପାରିବେ।

## ଏ ସପ୍ତାହର ପ୍ରଶ୍ନ ?

୧– ଆସୋଲା ଭାଟି ୱାଇଲ୍ଡ ଲାଇଫ୍ ସାଙ୍କ୍ଚୁଆରୀ ......... ପର୍ବତମାଳାରେ ଅବସ୍ଥିତ ?
୨– ଗ୍ଲୋବାଲ୍ ରିସ୍କ ରିପୋର୍ଟ ୨୦୨୬ ............ ପକ୍ଷରୁ ପ୍ରକାଶ ପାଇଛି ?
୩– ରୋବୋଟ୍ ସିଷ୍ଟମ୍–୧୫ ............ ଦେଶ ନିର୍ମାଣ କରିଛି ?
୪– ଇଣ୍ଡିଆନ୍ କୋଷ୍ଟଗାର୍ଡ ଶିପ୍ ସଂକଳ୍ପ ............... ଦ୍ୱାରା ନିର୍ମାଣ କରାଯାଇଛି ?
୫– ହିଣ୍ଡନ୍ ନଦୀ ......... ନଦୀର ଉପନଦୀ ?

## ଗତ ଥରର ଉତ୍ତର

୧ ଅରୁଣାଚଳ ପ୍ରଦେଶ
୨ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍
୩ ଉତ୍ତରାଖଣ୍ଡ
୪ ମୁଣ୍ଡକା ଉପନିଷଦ
୫ ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ୍ ସେଣ୍ଟର

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଅନ୍ନଦାପ୍ରସାଦ ପଟ୍ଟନାୟକ, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

ୟୁଥ୍ ଆଲର୍ଟ

# ପୃଥିବୀର ସବୁଠୁ ବିଷାକ୍ତ ସାପ

**ବ୍ଲାକ୍ ମାମ୍ବା:** ଆଫ୍ରିକାରେ ଦେଖାଯାଉଥିବା ଏହି ସାପ ୧୪ ଫୁଟ୍ ପର୍ଯ୍ୟନ୍ତ ଲମ୍ବା ହୋଇଥିବା ବେଳେ ଘଣ୍ଟାକୁ ପ୍ରାୟ ୨୦ କିମି.



ପର୍ଯ୍ୟନ୍ତ ବେଗରେ ଗତି କରିପାରେ ଏବଂ ଖୁବ୍‌ଶୀଘ୍ର ପହଁରିପାରେ ମଧ୍ୟ। ଏହି ସାପର ନାମ ବ୍ଲାକ୍ ମାମ୍ବା। ଏହାର ରଙ୍ଗ କଳା ନୁହେଁ, ବରଂ ଡାର୍କ ବ୍ରାଉନ୍। ହେଲେ ମୁହଁ ଖୋଲିଲେ ପାଟି ଭିତରର ରଙ୍ଗ କଳା ହୋଇଥାଏ। ଏମାନେ ଏତେ ଭୟଙ୍କର ଯେ, ମାତ୍ର କିଛି ସେକେଣ୍ଡ ମଧ୍ୟରେ ଅନେକ ଥର ଦଂଶନ କରିପାରନ୍ତି। ଏହା ମଣିଷକୁ ଦଂଶନ କଲେ ୧୫–୨୦ ମିନିଟ୍ ଭିତରେ ତାଙ୍କ ମୃତ୍ୟୁ ହୋଇଥାଏ। ହେଲେ ଏହି ସାପ ମଣିଷକୁ ଖୁବ୍ କମ୍ କାମୁଡ଼ିଥାନ୍ତି।

**ତାଇପନ୍:** ଅଷ୍ଟ୍ରେଲିଆରେ ଦେଖାଯାଉଥିବା ଏହି ସାପ ଅତ୍ୟନ୍ତ ବିଷାକ୍ତ। ଏହା ଗୋଟିଏଥର କାମୁଡ଼ିଲେ ଯେତିକି ପରିମାଣର ବିଷ ଛାଡ଼ିଥାଏ, ସେଥିରେ ଅତିକମ୍‌ରେ ୧୦୦ ଜଣ ମଣିଷ କିମ୍ବା ୧୨ ହଜାର ଘୁଷୁରିଙ୍କ ମୃତ୍ୟୁ ହୋଇପାରେ। ଏହାର ବିଷ ନ୍ୟୁରୋଟକ୍ସିକ୍ ହୋଇଥାଏ। ଋତୁ ଅନୁଯାୟୀ ପରିବେଶର ତାପମାତ୍ରା ସହ ଖାପ ଖୁଆଇବା ଲାଗି ଏମାନେ ନିଜ ଶରୀରର ରଙ୍ଗ ପରିବର୍ତ୍ତନ କରିପାରନ୍ତି। ଏମାନେ ବିଜୁଳି ବେଗରେ କାମୁଡ଼ିଥାନ୍ତି।

**ଟାଇଗର୍ ସ୍ନେକ୍:** ଏହା ମଧ୍ୟ ଅଷ୍ଟ୍ରେଲିଆରେ ଦେଖାଯାଉଥିବା ଏକ ଅତ୍ୟନ୍ତ ବିଷାକ୍ତ ସାପ। ହଳଦିଆ ରଙ୍ଗରେ ଏବଂ କଳା ପଟାପଟା ଦାଗ ଥିବାରୁ ଏମାନଙ୍କ ନାମ ଏପରି ରଖାଯାଇଛି। ଏମାନେ ଅନ୍ୟ ସାପଙ୍କ ପରି ଅଣ୍ଡା ନ ଦେଇ ଛୁଆ ଜନ୍ମ କରିଥାନ୍ତି। ଏମାନଙ୍କ ବିଷ ନ୍ୟୁରୋଟକ୍ସିକ୍ ହୋଇଥାଏ। ତେଣୁ ଏହା କାମୁଡ଼ିବା ମାତ୍ରେ ପାରାଲିସିସ୍ ହୋଇଯିବା ସହ ତୁରନ୍ତ ଚିକିତ୍ସା ନ ହେଲେ ମାତ୍ର ୩୦ ମିନିଟ୍‌ରୁ ୨୪ଘଣ୍ଟା ମଧ୍ୟରେ ମଣିଷର ମୃତ୍ୟୁ ହୋଇଥାଏ।

**ଫିଲିପିନ୍ କୋବ୍ରା:** ଫିଲିପାଇନ୍ସର ଉତ୍ତର ଭାଗରେ ଏହି ବିଷଧର ସାପ ଅଧିକ ଦେଖିବାକୁ ମିଳନ୍ତି। ଏହା ଅନ୍ୟ କୋବ୍ରା ପ୍ରଜାତିଙ୍କଠାରୁ ବହୁଗୁଣ ଅଧିକ ବିଷାକ୍ତ। କାରଣ ଏମାନେ ଶିକାରକୁ ୩ ମିଟର ଦୂରରୁ ଲମ୍ଫ ପ୍ରଦାନ କରି ଦଂଶନ କରିପାରନ୍ତି। ଏହା ମଣିଷକୁ ଦଂଶନ କଲେ ସାଙ୍ଗେ ସାଙ୍ଗେ ମୁଣ୍ଡ ବୁଲାଇବା, ବିନ୍ଧିବା, ଅତ୍ୟଧିକ ବାନ୍ତି ଲାଗିବା ଏବଂ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବା ସହ ଅଧଘଣ୍ଟା ମଧ୍ୟରେ ମୃତ୍ୟୁ ହେବାର ଆଶଙ୍କା ଅଧିକ।



ୟୁବ ପ୍ରତିଭା

# ଅଭିନୟ ଦେଇଛି ପରିଚୟ

କେତେବେଳେ କ୍ୟାମେରା ଆଗରେ ତ ଆଉ କେତେବେଳେ କ୍ୟାମେରା ପଛରେ ରହି ନିଜ ଅଭିନୟ ଯାଦୁ ଦେଖାଇବା ସହ ଜଣେ ଦକ୍ଷ ନିର୍ଦ୍ଦେଶକ ଭାବେ ସେ ନା କେବଳ ଦର୍ଶକଙ୍କ ମନ ଜିଣି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ବରଂ ସାଉଁଟିଛନ୍ତି ଅନେକ ପୁରସ୍କାର। ନିଜ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଓଡ଼ିଶାର କଳା ସଂସ୍କୃତିକୁ



ବିଶ୍ୱ ଦରବାରରେ ପହଞ୍ଚାଇବାରେ ସଫଳ ହୋଇଥିବା ଏହି ଯୁବ ଅଭିନେତା, ନିର୍ମାତା ଓ ନିର୍ଦ୍ଦେଶକ ହେଉଛନ୍ତି ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ନୂଆମଠରେ ରହୁଥିବା ବାପା ଶେଖ୍ ସିଦ୍ଦିକ୍ ଓ ମାଆ ଫାତିମା ବିବିଙ୍କ ପୁଅ ଶେଖ୍ ଗୁଲଜାର୍ ହୁସେନ।

୧୯୯୮ରେ ପଥପ୍ରାନ୍ତ ନାଟକ 'ନିଶା ନିବାରଣ ଓ ଯୌତୁକ ପ୍ରଥା'ରେ ଅଭିନୟରୁ ଆରମ୍ଭ ହୋଇଥିଲା ତାଙ୍କ ଅଭିନୟ ଜଗତରେ ପ୍ରବେଶ। ଏହାପରେ ୧୯୯୯ରେ ଧାରାବାହିକ 'ପ୍ରତିଶୋଧ' ଏବଂ ୨୦୦୨ରେ ଟେଲିଫିଲ୍ମ 'ଜୀବନ ରଙ୍ଗ'ରେ ଅଭିନୟ କରିଥିଲେ। ସେ କୁହନ୍ତି, ଫୁଲ୍ ଅର୍ କାଣ୍ଟେ ଫିଲ୍ମରେ ଅଜୟ ଦେବଗନ୍‌ଙ୍କ ବାଇକ୍ ଷ୍ଟଣ୍ଟ ଦେଖି ମୋ ମନରେ ଅଦ୍ଭୁତ ଫିଲିଙ୍ଗ୍ସ ଆସିଥିଲା। ମୁଁ ବି ଏପରି କରିପାରିବି ବୋଲି ଭାବିଲି। ଆଉ ସେହି ନିଶା ଏତେ ଜୋରରେ ଘାରିଥିଲା ଯେ, ଘରସାରା ତାଙ୍କର ବିଭିନ୍ନ ଫଟୋ ଲଗାଇବା ସହ ତାଙ୍କ ଲୁକ୍, ଡ୍ରେସ୍‌ଅପ୍ ଷ୍ଟାଇଲ୍, ହେୟାର୍ ଷ୍ଟାଇଲ୍ ମଧ୍ୟ ଫଲୋ କଲି। ଏହାଦ୍ୱାରା ପାଠପଢ଼ାରେ ଅବହେଳା ହେଉଥିବା ଦେଖି ମା'ବାପା ଅଭିନୟରୁ ଦୂରେଇ ପଢ଼ା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଲେ। ଏହାପରେ ହାୟର ଷ୍ଟଡି କଲି ଏବଂ ୨୦୧୭ରେ ଡକୁମେଣ୍ଟାରୀ ଫିଲ୍ମ 'ଜୈନ ହେରିଟେଜ୍ ଇନ ଓଡ଼ିଶା'ରେ ଅଭିନୟ କରି ପୁନର୍ବାର ଚଳଚ୍ଚିତ୍ର ଦୁନିଆକୁ ଫେରିଲି।' ସେହିଦିନଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ୨୦୧୯ରେ ଡକୁମେଣ୍ଟାରୀ ଫିଲ୍ମ 'ଥ୍ରୁ ଦି ଆଇଜ୍ ଅଫ୍ ଆନ୍ ଆର୍ଟିଷ୍ଟ'ରେ ପ୍ରଯୋଜନା କରିବା ସହ ୨୦୨୦ରେ ଶର୍ଟ ଫିଲ୍ମ ଇନ୍ ମେମୋରି ଅଫ୍ ବାପୁ'ରେ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସେହିବର୍ଷ ଡକୁମେଣ୍ଟାରୀ ଫିଲ୍ମ 'ଶିଶୁ ଅନନ୍ତଙ୍କ ଗାଥା' ଉଭୟ ନିର୍ଦ୍ଦେଶନା ଓ ପ୍ରଯୋଜନା ମଧ୍ୟ କରିଥିଲେ। ୨୦୨୧ରେ ଶର୍ଟ ଫିଲ୍ମ ଦ ରାଇଟ ଇମେଜ୍‌ରେ ନିର୍ଦ୍ଦେଶନା, ପ୍ରଯୋଜନା ଓ ଅଭିନୟ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ଶର୍ଟ ଫିଲ୍ମ ହୋଲ୍‌ଡ ମାଇଁ ହ୍ୟାଣ୍ଡ, ସଚେତନତାଧର୍ମୀ ଫିଲ୍ମ ସଜନା, ରୋଡ୍ ସେଫ୍ଟି, କୃଷିଭିତ୍ତିକ ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ବିଷମୁକ୍ତ ଚାଷ, ହିନ୍ଦୀ ଶର୍ଟ ଫିଲ୍ମ କ୍ୟାରିୟର, ବେଙ୍ଗଲୀ ଫିଲ୍ମ ମୋମୋ ଦ ଗେମ ଅଫ ଡେଥ୍, ଆଗୁନ୍‌ରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛନ୍ତି।

ଏଭଳି ସୁନ୍ଦର ଓ ନିଖୁଣ ଅଭିନୟ ପାଇଁ ସେ ପଥପ୍ରାନ୍ତ ନାଟକ ପାଇଁ ଶ୍ରେଷ୍ଠ ଅଭିନେତା, ଟ୍ୱିଙ୍କିଲ୍ ଷ୍ଟାର ଡାନ୍ସ ସ୍କୁଲ, ନୟାହାଟ, ପୁରୀ ତରଫରୁ ମାନପତ୍ର, ଶ୍ରୀକ୍ଷେତ୍ର ଆଭାସ ତରଫରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀରେ କଳା ବିଭୂତି ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ, ଶିଶୁ ଅନନ୍ତ ଯୁଥ କ୍ଲବ ତରଫରୁ ସମ୍ମାନ, ଜୟଦେବ ଗାଁ ସାଥୀ ସଂଘ ପକ୍ଷରୁ ଜୟଦେବ ଗୌରବ ସମ୍ମାନ, ଚତୁର୍ଥ ଗୀତାଞ୍ଜଳି ଏକ୍ସଲେନ୍ସ ସମ୍ମାନ, ସେକେଣ୍ଡ ଓଡ଼ିଶା ମୋଶନ ଫିଲ୍ମ ସମ୍ମାନ, ଜାତୀୟ ଯୁବ ପ୍ରତିଭା ସମ୍ମାନ, ଜାତୀୟ ପର୍ଯ୍ୟଟନ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ରେ ମହାମହିମ ରାଜ୍ୟପାଳ ଗଣେଶୀଲାଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ, ସେବା ସଂସ୍କୃତି ସମ୍ମାନ, ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ, ପଞ୍ଚସଖା ସ୍ମୃତି ସମ୍ମାନ, ଉତ୍କଳ ଜୟଦେବ ସମ୍ମାନ, ଚତୁର୍ଥ ସିଲ୍‌ଭର ସିଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସହ ୨୦୨୫ରେ ଓଡ଼ିଆ ଯୁବ କବି ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି।

**ପୁରସ୍କୃତ ଫିଲ୍ମ :** – ତାଙ୍କ ଡକୁମେଣ୍ଟାରୀ ଫିଲ୍ମ 'ଥ୍ରୁ ଦ ଆଇଜ୍ ଅଫ୍ ଆନ୍ ଆର୍ଟିଷ୍ଟ' ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହେବା ସହ ଝାଡ଼ଖଣ୍ଡ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଓ ଚଳଚିତ୍ରମ୍ ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ବେଷ୍ଟ ଡକୁମେଣ୍ଟାରୀ ଫିଲ୍ମ ପୁରସ୍କାର ପାଇବା ସହ ନିଉଜ୍ ୭ ଶର୍ଟ ଫିଲ୍ମ କଣ୍ଟେଷ୍ଟରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି। ଖାଲି ଏତିକି ନୁହେଁ, କୋଲକାତା ଫିଲ୍ମ ଫେଷ୍ଟିଭାଲରେ ଏହାକୁ ବେଷ୍ଟ ଡକୁମେଣ୍ଟାରୀ ଫିଲ୍ମର ପୁରସ୍କାର ମିଳିଛି।

– ଶର୍ଟ ଫିଲ୍ମ 'ଇନ୍ ମେମୋରି ଅଫ ବାପୁ'କୁ ୨୦୨୦ରେ ଇଗ୍‌ନାଇଟ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ ଚଳଚ୍ଚିତ୍ର ସମ୍ମାନ ଦିଆଯାଇଛି। ଏହି ପୁରସ୍କାର ଗ୍ରହଣ ସମୟର ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀରେ ଆୟୋଜିତ ଫିଲ୍ମ ପ୍ରତିଯୋଗିତାରେ ଇନ୍ ମେମୋରି ଅଫ୍ ବାପୁ ଶର୍ଟ ଫିଲ୍ମ ପାଇଁ ମୋର ସିଲେକ୍ସନ ହୋଇଛି ବୋଲି ବାରମ୍ବାର ଫୋନ୍ ଆସିଥିଲା। ଆୱାର୍ଡ ପାଇଁ ପରିବାର ସଦସ୍ୟଙ୍କୁ ସାଙ୍ଗରେ ନେଇଯାଇଥିଲି। ହେଲେ ଯେବେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାରରେ ମୋ ନାମ ଘୋଷଣା ହେଲା ନାହିଁ, ସମସ୍ତଙ୍କ ଆଗରେ ମୋତେ ଭାରି ଖରାପ ଲାଗିଥିଲା ଏବଂ ଏସି ରୁମ୍ ଭିତରେ ମୋର ଝାଳ ବାହାରି ଯାଇଥିଲା। କିନ୍ତୁ ଯେବେ ବେଷ୍ଟ ଫିଲ୍ମ ଆୱାର୍ଡରେ ମୋ ଫିଲ୍ମ ଘୋଷଣା ହେଲା ଖୁସିର ସୀମା ରହି ନ ଥିଲା। ସେଦିନର ସେ ଅନୁଭୂତି ଏବେବି ଅଭୁଲା।

– ଶର୍ଟ ଫିଲ୍ମ 'ହୋଲ୍‌ଡ ମାଇ ହ୍ୟାଣ୍ଡ'କୁ ସିଆଇଏଫ୍‌ଏଫ୍ ଫିଲ୍ମ ଫେଷ୍ଟିଭାଲରେ ତାମ୍ର ଅଶୋକା ପୁରସ୍କାର, ଆଇନା ଫିଲ୍ମ ଫେଷ୍ଟିଭାଲରେ ତୃତୀୟ ପୁରସ୍କାର, ବେଙ୍ଗଲ ଲକ୍‌ଡାଉନ ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ସୋସିଆଲ ମେସେଜ ପୁରସ୍କାର ମିଳିବା ସହ ଜୋର୍ଡାନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହୋଇପାରିଛି।

– ଶର୍ଟ ଫିଲ୍ମ 'ଦ ରାଇଟ୍ ଇମେଜ୍'କୁ ୨୦୨୧ରେ ଧ୍ୱନି ଫିଲ୍ମ ଫେଷ୍ଟିଭାଲରେ ବେଷ୍ଟ ସିନେମା ଅଟୋଗ୍ରାଫି ପୁରସ୍କାର ପାଇଛି।

– କୋଭିଡ୍ ୧୯ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ତାଙ୍କର ପ୍ରାମାଣିକ ଚଳଚ୍ଚିତ୍ର 'ଶିଶୁ ଅନନ୍ତଙ୍କ ଗାଥା' ତିନୋଟି ବର୍ଗରେ ପୁରସ୍କୃତ ହୋଇଛି। ପ୍ରଥମ ପୁରସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର, ଦ୍ୱିତୀୟ ପୁରସ୍କାର ଶ୍ରେଷ୍ଠ ନିର୍ଦ୍ଦେଶକ, ତୃତୀୟ ପୁରସ୍କାର ଶ୍ରେଷ୍ଠ ପୋଷ୍ଟର ଡିଜାଇନ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିପାରିଛି। ଏହା ବ୍ୟତୀତ ଜାତୀୟ ପର୍ଯ୍ୟଟନ ଚଳଚ୍ଚିତ୍ର ମହୋତ୍ସବ ୨୦୨୩ରେ ଏହାକୁ ଜାତୀୟ ପର୍ଯ୍ୟଟନ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଚତୁର୍ଥ ସିଲଭର୍‌ସିଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ରେ ଏହି ଚଳଚିତ୍ରକୁ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି।

ଭବିଷ୍ୟତରେ ସମାଜକୁ ସବୁବେଳେ କିଛି ନୂଆ ଓ ଭିନ୍ନ ସ୍ୱାଦର ଶିକ୍ଷଣୀୟ ଫିଲ୍ମ ଭେଟି ଦେବା ସହ ଅଧିକରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରକୁ ବିଶ୍ୱ ଦରବାରରେ ପହଞ୍ଚାଇବା ମୋର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଗୁଲ୍‌ଜାର୍ ହୁସେନ୍।

– ପୌର୍ଣ୍ଣମାସୀ





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ